

ଜୋକୋଭିକଙ୍କୁ ୧୦୦ତମ ଏଟିପି ଟାଇଟଲ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 63 | ଭାଗ ୩୪ | ସଂଖ୍ୟା ୬୩
Bhubaneswar | Monday 26 May 2025 | Page 8 Rs. 4.00
● ଭୁବନେଶ୍ୱର ସୋମବାର ୨୬ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ସାଢ଼େ ୭ ଘଣ୍ଟା କାମ କରିବେ ଆର୍‌ଡି କର୍ମଚାରୀ

● ବିଭାଗ ଜାରି କଲା ନିର୍ଦ୍ଦେଶନାମା
● ବାୟୋମେଟ୍ରିକ୍ ଉପସ୍ଥାନ ଜରୁରୀ




**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ଏଣିକି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀମାନେ କୌଣସି କାର୍ଯ୍ୟ ଦିବସରେ ସର୍ବନିମ୍ନ ସାଢ଼େ ୭ ଘଣ୍ଟା କାମ କରିବେ। ଅର୍ଥାତ୍ ସେମାନେ ପୂର୍ବାହ୍ନ ୧୦ଟା ସୁଦ୍ଧା ଅଫିସ୍‌ରେ ପହଞ୍ଚିବେ ଓ ଅପରାହ୍ନ ସାଢ଼େ ୫ଟା ପୂର୍ବରୁ ଅଫିସ୍ ଛାଡ଼ିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅର୍ଥାତ୍ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ସେମାନେ ବାଧ୍ୟ। ଏନେଇ ଆଜି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିସହ ପ୍ରତି କର୍ମଚାରୀ ବାୟୋ-ମେଟ୍ରିକ୍ ଜରିଆରେ ଅଫିସ୍‌ରେ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାର ନ ହୁଏ, ଅର୍ଥାତ୍ ପ୍ରବେଶ (ପଞ୍ଚ୍ ଇନ୍) ଓ ପ୍ରସ୍ଥାନ (ପଞ୍ଚ୍ ଆଉଟ୍) ସମୟରେ ବ୍ୟତିକ୍ରମ ଦେଖାଗଲେ, ତା'ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଅବଶ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତିରେ କର୍ମଚାରୀଙ୍କ ଅଫିସ୍‌ରେ ପହଞ୍ଚିବା ସମୟରେ ୩୦ ମିନିଟ୍‌ର ବିଳମ୍ବକୁ ଗ୍ରହଣ କରାଯିବ। ସେହିପରି ଯଦି କୌଣସି କର୍ମଚାରୀ ଅଫିସ୍ ଆସି କାମ କରିଥିଲେ କିନ୍ତୁ ଉକ୍ତ ଦିନ ସେ ବାୟୋମେଟ୍ରିକ୍‌ରେ ଉପସ୍ଥାନ ଦେଇନଥିଲେ, ତା'ହେଲେ ଉକ୍ତ ଦିନଟିରେ ସେ ଅନୁପସ୍ଥିତ ରହିଛନ୍ତି ବୋଲି ଧରାଯିବ। ଏହାଛଡ଼ା ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଅବା ଅଫିସ୍ କାମରେ ବାହାରକୁ ଯିବାକୁ ପଡ଼େ, ତା'ହେଲେ ସେମାନେ ସେ ସମ୍ପର୍କରେ ଅଫିସ୍‌ର ବ୍ରାଞ୍ଚ୍ ଅଫିସର୍ କିମ୍ବା ଭାରପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ବିଭାଗରେ କର୍ମଚାରୀଙ୍କ ➪ପୃଷ୍ଠା-୬

## ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି

ପଛରେ ପଡ଼ିଲା ଜାପାନ
ଅର୍ଥନୀତି ଆକାର ୪ ଟ୍ରିଲିଅନ୍ ଆମେରିକୀୟ ଡଲାର୍

**ୱାଶିଂଟନ୍,୨୫।୫:** ଅନ୍ତର୍ଜାତୀୟ ସ୍ତରରେ ଭାରତର ଦବ୍‌ଦବା ଦିନକୁ ଦିନ ବଢୁଥିବା ବେଳେ ଏବେ ଦେଶ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଆଉ ପାଦେ ଆଗେଇଛି। ଦେଶ ଜାପାନ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଦେଶକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିର ପରିଚୟ ହାସଲ କରିଛି। ଏହି ସୂଚନା ନୀତି ଆୟୋଗର ସିଇଓ ବିଭିଆର ସୁବ୍ରମଣ୍ୟମ ଦେଇଛନ୍ତି। ନୀତି ଆୟୋଗର ଗଭର୍ଣ୍ଣିଂ କାଉନସିଲର ଦଶମ ବୈଠକ ପରେ ସେ କହିଥିଲେ ଯେ ଭାରତ ପାଇଁ ବିଶ୍ୱ ଏବଂ ଅର୍ଥନୈତିକ ପରିବେଶ ଅନୁକୂଳ ରହିଛି। ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି। ଆଜି ଆମେ ୪ ଟ୍ରିଲିୟନ ଡଲାରର ଅର୍ଥନୀତି ହୋଇପାରିଛୁ ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି। ସେହିପରି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ତଥ୍ୟକୁ ଆଧାର କରି ସେ କହିଛନ୍ତି ଯେ ଭାରତୀୟ ଅର୍ଥନୀତିର ଆକାର ଏବେ ଜାପାନଠାରୁ ବି ବଡ଼ ହୋଇଛି। ଏହି ମାଇଲଖୁଣ୍ଟ ହାସଲ କରି ଭାରତ ଇତିହାସ ରଚିଛି। ଏବେ କେବଳ ଆମେରିକା, ଚୀନ୍ ଓ ଜର୍ମାନୀ ଅର୍ଥନୀତି ଭାରତଠାରୁ ଆଗରେ ରହିଛି। ସାମ୍ପ୍ରତିକ ସମୟରେ ଯେପରି ଭାବେ ଦେଶର ଅର୍ଥନୀତି ଆଗକୁ ବଢୁଛି ଓ ଯୋଜନାନୁସାରେ ସବୁକିଛି ଚାଲିଲେ, ଆମେ ଆଗାମୀ ଅଢ଼େଇରୁ ୩ ବର୍ଷ ➪ପୃଷ୍ଠା-୬



## ବିଜେପି ନେତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ତାଗିଦ
## ମୁହଁରେ ତୁଣ୍ଡି ଦିଅନ୍ତୁ ଲଗାମଛଡ଼ା ନେତା




● ଏନଡିଏ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ସମ୍ମିଳନୀ
● ଜାତିଗତ ଜନଗଣନା ଓ 'ଅପରେସନ ସିନ୍ଦୂର'କୁ ସମର୍ଥନ
● ବହୁଗୁଣିତ ହୋଇଛି ଭାରତୀୟଙ୍କ ଆତ୍ମବିଶ୍ୱାସ
● ନକ୍ସଲବିରୋଧୀ ରଣନୀତିକୁ ସ୍ୱାଗତ

**ନୂଆଦିଲ୍ଲୀ,୨୫।୫:** ଅପରେସନ ସିନ୍ଦୂରକୁ ନେଇ ଅନାବଶ୍ୟକ ବୟାନ ଦେଇ ବିଜେପିର ଭାବମୂର୍ତ୍ତି ନଷ୍ଟ କରୁଥିବା ନେତାମାନଙ୍କୁ ତାଗିଦ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନେତାମାନେ ସେମାନଙ୍କର ଭାଷଣକୁ ନିୟନ୍ତ୍ରଣ କରିବା ଉଚିତ ଏବଂ ଅନାବଶ୍ୟକ ବୟାନରୁ ଦୂରେଇ ରହିବା ଉଚିତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। କୌଣସି ସ୍ଥାନରେ କିଛି କହିବାରୁ ଦୂରେଇ ରୁହନ୍ତୁ। ଏନଡିଏ ମୁଖ୍ୟମନ୍ତ୍ରୀ କନକ୍ଲେଭ ସମୟରେ ବିଜେପି ନେତାମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସମ୍ପ୍ରତି ମଧ୍ୟପ୍ରଦେଶ ଏବଂ ହରିୟାଣାର ବିଜେପି ନେତାମାନେ ସେମାନଙ୍କ ବୟାନ ଦେଇ ଦଳକୁ ବଦନାମ କରିଛନ୍ତି।

ନୂଆଦିଲ୍ଲୀରେ ଆଜି ଏନଡିଏ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଏକ ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଜାତିଗତ ଜନଗଣନା' ଓ 'ଅପରେସନସ ସିନ୍ଦୂର'କୁ ସମସ୍ତେ ସମର୍ଥନ କରିବା ସହ ନକ୍ସଲବିରୋଧୀ ରଣନୀତିକୁ ସ୍ୱାଗତ କରିଥିଲେ। ଏହି ଦିନିକିଆ ସମ୍ମିଳନୀରେ ଅନେକ ବରିଷ୍ଠ କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ଥିଲେ। ଅଶୋକା ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ଏନଡିଏ ଶାସିତ ରାଜ୍ୟର ପ୍ରାୟ ୨୦ ଜଣ ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀ ଯୋଗଦାନ କରିଥିଲେ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ➪ପୃଷ୍ଠା-୬

### ରେଳବାଇ ଫ୍ଲାଏ ଓଭର ଉଦ୍‌ଘାଟିତ
## ଶ୍ରୀମନ୍ତ ସହରରେ ବିକଶିତ ହେବ ସମ୍ବଲପୁର: ଧର୍ମେନ୍ଦ୍ର

● ୬୦.୪୩ କୋଟି ବ୍ୟୟରେ ନିର୍ମିତ ହୋଇଛି
● ବୃହତ ମହାନିଗମ ନିଗମ ଯୋଜନା
● ଶୀତଳ ଷଷ୍ଠୀରେ ସାମିଲ ପାଇଁ କଲେ ନିମନ୍ତ୍ରଣ




**ସମ୍ବଲପୁର,୨୫।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଫ୍ଲାଏ ଓଭରର ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଏକ ସମୁଚିତ ପଦକ୍ଷେପ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ସୁବ୍ୟବସ୍ଥିତ ହେବା ସହ ଜନସାଧାରଣଙ୍କ ଯାତାୟାତ ସୁରକ୍ଷିତ ଓ ସୁଗମ ହୋଇପାରିବ। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ। ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ। ଯୋଗାଯୋଗ ଓ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ। ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ। ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାହା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ। ସମ୍ବଲପୁର ସହରକୁ ଏକ ବୃହତ ମହାନିଗମ ନିଗମରେ ➪ପୃଷ୍ଠା-୬

## ତାଜମହଲ ଉଡ଼ାଇଦେବାକୁ ଧମକ



**ଲକ୍ଷ୍ନୌ,୨୫।୫:** ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ଆଗ୍ରା ତାଜମହଲକୁ ଉଡ଼ାଇ ଦେବା ସକାଶେ ଧମକ ଦିଆଯାଇଛି। ତାଜମହଲକୁ ଆରଡିଏକ୍ସ ଲଗାଇ ଉଡ଼ାଇ ଦେବା ସକାଶେ ଏକ ଧମକପୂର୍ଣ୍ଣ ମେଲ୍ କେରଳରୁ ପଠାଯାଇଛି। ଧମକ

**ସର୍ଚ୍ଚ ଅପରେସନ୍ ପରେ ହାଇ ଆଲର୍ଟ ଜାରି**

ମିଳିବା ପରେ ତାଜମହଲରେ ପାଖାପାଖି ୩ ଘଣ୍ଟା ସର୍ଚ୍ଚ ଅପରେସନ କରାଯିବା ସହ ସୁରକ୍ଷା ଏଜେନ୍ସି ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ତେବେ ତଲାସୀ ସମୟରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିବାରୁ ଏହା କେବଳ ଏକ ଧମକ ବୋଲି ବିଚାର କରାଯାଉଛି। ତେବେ ଡିସିପି ସିଟିଙ୍କ ନିର୍ଦ୍ଦେଶ କ୍ରମେ ସାଇବର ସେଲରେ ଏନେଇ ଏକ ମାମଲା ରୁଜୁ କରାଯାଇଛି, ଯେଉଁଥିରେ ବିଏନ୍‌ଏସ୍ ୩୫୧(୪) ଧାରା ଲାଗୁ ହୋଇଛି।

ମିଳିଥିବା ସୂଚନାନୁସାରେ, ଗତକାଲି ଆଗ୍ରା ପର୍ଯ୍ୟଟନ ପୁଲିସ ଡାକ ମାଧ୍ୟମରେ ତାଜମହଲ ସ୍ମାରକୀ ଭିତରେ ବିସ୍ଫୋରକ ଥିବା ନେଇ ସୂଚନା ପାଇଥିଲା। ତେଣୁ ତାଜମହଲର ସୁରକ୍ଷା ଦାୟିତ୍ୱରେ ଥିବା ତାଜମହଲ ସୁରକ୍ଷା ପୁଲିସ ଓ ସିଆଇଏସ୍‌ଏଫ୍ ତୁରନ୍ତ ପଦକ୍ଷେପ ନେଇଥିଲେ। ଘଟଣାସ୍ଥଳକୁ ବୋମା ନିଷ୍କ୍ରିୟକାରୀ ଦଳକୁ ➪ପୃଷ୍ଠା-୬

## ୨୪ ଘଣ୍ଟାରେ ଦ୍ୱିତୀୟ ମୁଣ୍ଡନେଲା କରୋନା

**ବେଙ୍ଗାଲୁରୁରେ ସଂକ୍ରମିତ ବୃଦ୍ଧଙ୍କ ମୃତ୍ୟୁ**



**ନୂଆଦିଲ୍ଲୀ,୨୫।୫:** ବିଶ୍ୱର ଅନେକ ଦେଶ ସହିତ ଭାରତରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏହାଭିତରେ ଆଜି ବେଙ୍ଗାଲୁରୁରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୮୪ ବର୍ଷ ହୋଇଥିବା ବେଳେ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କୁ ଗତ ୧୩ ତାରିଖରେ ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଛନ୍ତି। ସେହିପରି ଗତକାଲି ଥାନେ ଅଞ୍ଚଳରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଥାନେ ଅଞ୍ଚଳରୁ ୧୮ଜଣ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସମସ୍ତଙ୍କୁ ଘରେ ଆଇସୋଲେସନରେ ରଖାଯାଇଛି। ତାଙ୍କ ମଧ୍ୟରୁ ମୃତକ ୨୧ ବର୍ଷୀୟ ଯୁବକ ମଧୁମେହରେ ପୀଡିତ ଥିବା ବେଳେ ତାଙ୍କୁ ମେଡିକାଲରେ ଚିକିତ୍ସା କରାଯାଉଥିଲା। ସେ ଶନିବାର ମୃତ୍ୟୁବରଣ କରିଥିବା ଥାନେ ମ୍ୟୁନିସିପାଲଟି କର୍ପୋରେସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଦେଶରେ ଦୁଇଟି ନୂଆ କରୋନା ଭାଇରସ ଚିହ୍ନଟ ହୋଇଛି। ଇଣ୍ଡିଆନ ଏସଏଆରଏସ-କୋଭିଡ-୨ ଜେନୋମିକ୍ସ କନସୋର୍ଟିୟମ ତଥ୍ୟ ଅନୁଯାୟୀ କରୋନାର ଦୁଇ ନୂଆ ପ୍ରଜାତି ଏଲଏଫ.୭ ଓ ଏନବି.୧.୮.୧ ଚିହ୍ନଟ ହୋଇଛନ୍ତି। ଏହି ନୂତନ ପ୍ରଜାତିର ଭାଇରସ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିରୀକ୍ଷଣ ଅଧୀନରେ ରହିଛି। ଏପ୍ରିଲ ମାସରେ ତାମିଲନାଡୁରେ ଏନବି.୧.୮.୧ର ଗୋଟିଏ ମାମଲା ଚିହ୍ନଟ ହୋଇଥିଲା ଏବଂ ମେ ମାସରେ ଗୁଜରାଟରେ ଏଲଏଫ.୭ ପ୍ରକାରର ଚାରିଟି ମାମଲା ରିପୋର୍ଟ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉଭୟକୁ ନିରୀକ୍ଷଣ ଅଧୀନରେ ଥିବା ପ୍ରକାର ଭାବରେ ବର୍ଗୀକୃତ କରିଛି। ଚିନ୍ତାର କୌଣସି କାରଣ ନାହିଁ। ତଥାପି ଏହି ପ୍ରକାରଗୁଡ଼ିକ ଚୀନ୍ ଏବଂ ଏସିଆର କିଛି ଅଂଶରେ କୋଭିଡ୍ ମାମଲା ବୃଦ୍ଧିରେ ଅବଦାନ ରଖୁଛି ବୋଲି ଜଣାପଡିଛି। ଭାରତରେ ପ୍ରଭାବଶାଳୀ ପ୍ରକାର ଜେଏନ.୧ ରହିଛି, ଯାହା ପରୀକ୍ଷିତ ନମୁନାର ୫୩ ପ୍ରତିଶତ, ତା'ପରେ ବିଏ.୨ (୨୬ପ୍ରତିଶତ) ଏବଂ ଅନ୍ୟାନ୍ୟ ଓମିକ୍ରନ ଉପ- ➪ପୃଷ୍ଠା-୬

## ଅଣ୍ଡରଗ୍ରାଉଣ୍ଡ ହେବ ମେଟ୍ରୋ ଟ୍ରେନ

**ଭୁବନେଶ୍ୱର,୨୫।୫ (ସଂଚାର ବ୍ୟୁରୋ):** ରାଜଧାନୀରୁ ଭିଡ଼ ହ୍ରାସ ପାଇଁ ରାଜ୍ୟ ସରକାରଙ୍କ ବଡ଼ ପ୍ଲାନ୍। ଅଣ୍ଡର ଗ୍ରାଉଣ୍ଡ ହେବ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ। ଭୁବନେଶ୍ୱରରେ ମେଟ୍ରୋ ବ୍ରିଜ୍ ଉପର ବଦଳରେ ମାଟି ଭିତର ଦେଇ ଚଳାଚଳ କରିବାକୁ ଯୋଜନା କରୁଛନ୍ତି। ୨୦୨୫ ସୁଦ୍ଧା ପଟିଆ-ସିଆରପି ନୂଆ ରୋଡ଼ରୁ ଅବରୋଧ ହଟାଯାଇ କାମ ଶେଷ କରାଯିବ ବୋଲି ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କୋଲକାତା ମେଟ୍ରୋ ଟ୍ରେନ୍ ଭଳି ଭୁବନେଶ୍ୱର ମେଟ୍ରୋ ରେଳ ଅଣ୍ଡରଗ୍ରାଉଣ୍ଡ ହେବ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ➪ପୃଷ୍ଠା-୬

## ପୁରୀ ବିଜେଡି କନ୍ଦଳ: ସଞ୍ଜୟଙ୍କୁ ଚେକ୍ ଦେଉଛନ୍ତି ଉମା



● ପ୍ରତାପ ଦେବଙ୍କ ଘରେ ଜିଲ୍ଲା ନେତାଙ୍କ ବୈଠକ
● ଯୋଗ ଦେଇନଥିଲେ ସଞ୍ଜୟ, ତୁଷାରକାନ୍ତି
● ପୁଣି ଅଲୋଡ଼ା ହୋଇଗଲେ କି ରମା

**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ପୁଣି ପୁରୀ ଜିଲ୍ଲା ବିଜେଡିରେ କନ୍ଦଳ ପଦାରେ ପଡିଛି। ପୁରୀ ଜିଲ୍ଲା ବିଜେଡି ନେତାଙ୍କ ଏକ ଜରୁରୀ ବୈଠକ ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ ବସିଥିଲା। ସେଠାରେ ମଧ୍ୟ ସମାଧାନର ସୂତ୍ର ନବାହାରିବାରୁ ନବୀନ ନିବାସ ଯାଇଥିଲେ ନେତାମାନେ। ଜଳଜଳ ହୋଇ କନ୍ଦଳ ଦିଶୁଥିଲେ ବି କେହି ମୁହଁ ଖୋଲିବାକୁ ନାରାଜ।

ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ରୁଦ୍ର ମହାରାଥି, ଶୁଭାଶିଷ ଖୁଣ୍ଟିଆ, ଡେଲାଙ୍ଗ ଓ ପିପିଲିର ର ଦୁଇ ଜଣ ବ୍ଲକ ଅଧ୍ୟକ୍ଷଙ୍କୁ ନେଇ ବୈଠକ ହୋଇଥିଲା। ଆଉ ଏଥିରେ ପୂର୍ବରୁ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସୁଧିର ସାମଲ ବି ଯୋଗ ଦେଇଥିଲେ। ତେବେ ଏହି ବୈଠକରେ ନଥିଲେ ପୁରୀ ବିଜେଡିର ଅନ୍ୟତମ ବରିଷ୍ଠ ନେତା ସଂଜୟ ଦାସବର୍ମା, ପୁରୀ ବିଧାୟକ ସୁନୀଲ ମହାନ୍ତି ଓ ପୂର୍ବତନ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା। ସଂଜୟଙ୍କୁ ଏହି ବୈଠକକୁ ଆସିବାକୁ ଉମା ଚେକ ଦେଇଥିବା ଆଲୋଚନା ହେଉଥିବା ବେଳେ ସୁନିଲ ମହାନ୍ତି କୁଆଡେ ବିଜେପି ଲିଙ୍କରେ ଥିବାରୁ ତାଙ୍କୁ ମଧ୍ୟ ଡକା ହୋଇଥିବା ଚର୍ଚ୍ଚା ହେଉଛି। ସେହିଭଳି ତୁଷାରକାନ୍ତି ଜଗତସିଂହପୁର ଲୋକସଭା କ୍ଷେତ୍ର ମଧ୍ୟରେ ଆସୁଥିବାରୁ ସେ ମଧ୍ୟ ବୈଠକକୁ ଆସିନଥିଲେ। ବିଜେଡି ବିରୋଧୀ ଦଳକୁ ➪ପୃଷ୍ଠା-୬



### କାନ ଡେରିଆ

ଗେଣ୍ଡାଦଳେ ରହି ଖାଇ
ଶିଖିଥିଲେ
ଏବେ ପରା ବାଧି ଯାଉଛି
ନକଲି ମଦରୁ ଅସଲି ପଇସା
ଦରମାକୁ କିଏ ଦେଖିଛି
ଏବେ କିଆଁ ତାଙ୍କ ଫାଟୁଛି...
ଖାକୀର ଦରମା ଟ୍ରେଜେରୀ
ଭିତରେ
ଉପୁରୀ ସଂସାର ଚାଲିଛି।

■ ଦେବାଶିଷ

## ମାମଲା ପ୍ରତ୍ୟାହାର ପାଇଁ ଗୁହାରୀ କଲେ ଅମିନା

● ମାନବ ଅଧିକାର କମିଶନରେ ରୁଜୁ କରିଥିଲେ ମାମଲା
● ଏନକାଉଣ୍ଟରକୁ ଦର୍ଶାଇଥିଲେ ମିଛ
● ଚାପରେ ମାମଲା ପ୍ରତ୍ୟାହାର ସନ୍ଦେହ



**ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) :** ପୁଅକୁ କମିଶନରେଟ ପୁଲିସ କରିଥିବା ଏନକାଉଣ୍ଟରର ସମ୍ପୂର୍ଣ୍ଣ ମିଛ ଓ ଏହାର ବିଧିବଦ୍ଧ ତଦନ୍ତ ଲାଗି ରାଜ୍ୟ ମାନ ଅଧିକାର କମିଶନଙ୍କ ଦ୍ୱାରସ୍ଥ ସହିତ ମାମଲା ରୁଜୁ କରିଥିବା ଅମିନା ବିବି ପରବର୍ତ୍ତୀ ସମୟରେ ତାଙ୍କର ଅଭିଯୋଗ ପ୍ରତ୍ୟାହାର ପାଇଁ କମିଶନଙ୍କ ନିକଟରେ ଆବେଦନ କରିଛନ୍ତି । ସମ୍ବେଦନଶୀଳ ଗୁଳିକାଣ୍ଡ ଘଟଣାରେ ଏଭଳି ନାଟକୀୟ ମୋଡ ଚାପରେ କିମ୍ବା ଅନ୍ୟ କେଉଁ କାରଣ ପାଇଁ ହୋଇଛି ତାହାକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା ।

କମିଶନରେଟ ପୁଲିସ୍ ଏନକାଉଣ୍ଟରରେ ଗୁରୁତର ଆହତ ହୋଇ ଜେଲରେ ଥିବା ଶେଖ ଜାମସେଦର ମା' ଅମିନା ବିବି ଗତମାସରେ ରାଜ୍ୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ନିଜ ଓକିଲ ସୁକାନ୍ତ କୁମାର ସାହୁଙ୍କ ସହିତ ମାନବ ଅଧିକାର କମିଶନଙ୍କ ଦପ୍ତରକୁ ଯାଇ ତାଙ୍କ ପୁଅକୁ କିଭଳି ପୁଲିସ୍ ମିଛ ଏନକାଉଣ୍ଟର କରିଛି ତାହାର ଟିକିନିଖି ସୂଚନା ଦେବା ସହିତ ଗୁରୁତର ଆହତ ଥିବା ପୁଅକୁ ଜେଲ୍‌ରେ ଉତ୍ତମ ଚିକିତ୍ସା ଯୋଗାଇବା ସହିତ ଏହି ମିଛ ଏନକାଉଣ୍ଟର ଉପରୁ ପରଦା ହଟାଇବା ପାଇଁ ଆକୁଳ ନିବେଦନ କରିଥିଲେ ।

ସେତେବେଳେ ଅମିନା ବିବି ତାଙ୍କ ନିବେଦନରେ ଦର୍ଶାଇଥିଲେ ଯେ ତାଙ୍କ ପୁଅକୁ ପୁଲିସ୍ ଯେଉଁ ଏନକାଉଣ୍ଟର କରିବାକଥା କହୁଛି ତାହା ସମ୍ପୂର୍ଣ୍ଣ ମିଛ। ଏ ନେଇ ତାଙ୍କ ପୁଅ ପୂର୍ବରୁ ପୁଲିସ୍ କମିଶନରଙ୍କୁ ଚିଠିଲେଖି ଅବଗତ କରିଛି । ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏପ୍ରିଲ୍ ୯ ତାରିଖରେ ତାଙ୍କ ପୁଅ ଜାମସେଦ୍ ତାର ଭିଣୋଇ ଘର କୋଲକତାର ସାନ୍ତ୍ରାଗାଛିକୁ ଯାଇଥିଲା। ସେଠାରେ ଆୟୋଜିତ ଭୋଜିଭାତରେ ଯୋଗଦେଇ ୧୦ ତାରିଖଦିନ ଭୁବନେଶ୍ୱର ଫେରିବାକୁ ସାନ୍ତ୍ରାଗାଛି ଷ୍ଟେସନରେ ପହଞ୍ଚିଥିଲା । ସେହିଦିନ ଅପରାହ୍ନ ୨ଟା ୫୫ରେ ସେ ଟ୍ରେନ ନମ୍ବର ୨୨୮୫୧ରେ ସାନ୍ତ୍ରାଗାଛି ଷ୍ଟେସନ ଛାଡିବାର ଥିଲା । ଷ୍ଟେସନ ଛାଡିବା ପୂର୍ବରୁ ସେଠାରୁ ସେ ତାର ପତ୍ନୀ ନିଖତ ବେଗମକୁ ପ୍ରଥମେ ଭଏସ କଲ୍ ଓ ପରେ ଭିଡିଓ କଲ୍ କରିଥିଲା। ଏଥିପାଇଁ ସେ ତାର ଫୋନ୍ ନମ୍ବର ୯୦୯୦୦୯୮୮୦୦ କୁ ବ୍ୟବହାର କରିଥିଲା ।

ଷ୍ଟେସନ ପରିସରରେ ଫୋନରେ କଥା ହେଉଥିବାବେଳେ ୭/୮ ଜଣ ଲୋକ ପଛରୁ ଆସି ତା ଦେହରେ ବନ୍ଧୁକ ଲଗାଇ ଦେଇଥିଲେ। ➪ପୃଷ୍ଠା-୬

● ଆମେରିକୀୟ ଗୁଇନ୍ଦା ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ
## ପରମାଣୁ ବଳ ବଢ଼ାଉଛି ପାକିସ୍ତାନ



**ନୂଆଦିଲ୍ଲୀ,୨୫।୫:** ପହଲଗାମ୍ ଆତଙ୍କୀ ହମ୍‌ଲାର ଜବାବ ଦେବାକୁ ଯାଇ ଭାରତ ଯେପରି ଭାବେ ପାକିସ୍ତାନ ଛାତିରେ ଆକ୍ରମଣ କଲା, ତାହା ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟଚକିତ କରିଥିଲା। ଏଥିରେ ପାକିସ୍ତାନ ମଧ୍ୟ ଜବରଦସ୍ତ କ୍ଷତିର ସମ୍ମୁଖୀନ ହୋଇଛି। ଅବଶ୍ୟ ମୁହଁଫୁଟାଣି ଦେଖାଇ ଏହି ଦେଶ ତାହାକୁ ସ୍ୱୀକାର କରିନାହିଁ। କିନ୍ତୁ ଆତଙ୍କୀମାନଙ୍କୁ ପ୍ରୋତ୍ସାହିତ କରିଆସିଥିବା ଏହି ଦେଶ ଏବେ ବି ଭାରତ ପକ୍ଷରୁ କୌଣସି ପ୍ରକାର ଆକ୍ରମଣର ସମ୍ଭାବନାକୁ ଏଡ଼ାଇ ଦେଇପାରୁନାହିଁ। ଏଥିପାଇଁ ଦେଶ ନିଜର ପରମାଣୁ ଶକ୍ତିକୁ ଆହୁରି ସୁଦୃଢ଼ କରିବା ସହ ଅସ୍ତ୍ରାଗାରଗୁଡ଼ିକର ଅତ୍ୟାଧୁନିକୀକରଣ କରୁଥିବା ଜଣାପଡ଼ିଛି। ଏନେଇ ଆମେରିକାର ଡିଫେନ୍ସ ଇଣ୍ଟେଲିଜେନ୍ସ ଏଜେନ୍ସି ଡିଆଇଏର ଏକ ରିପୋର୍ଟରେ ସ୍ପଷ୍ଟ କରିଛି। ଏହି ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରାଗାରର ଆଧୁନିକୀକରଣ କରୁଛି। କାହିଁକିନା ଭାରତ ପଟୁ ବିପଦର ଆଶଙ୍କା ରଖିଛି ପାକିସ୍ତାନ। '୨୦୨୫ ବିଶ୍ୱ ବିପଦ ମୂଲ୍ୟାଙ୍କନ' ଶୀର୍ଷକ ଏହି ➪ପୃଷ୍ଠା-୬



## ନୀରବ ସ୍ପନ୍ଦନ

ଡ. ଚନ୍ଦ୍ରକଳା ନାୟକ

ତୁ ଯାହାକୁ ଶରୀର କହୁ
ସେ ଶରୀର ନୁହଁ
ସେ ତ ପବନର ଘର
ଏକ ଅବ୍ୟକ୍ତ ନିଶ୍ୱାସ
ସେ କେବଳ ସଂସାରରେ
ଜଣେ ମାତ୍ର ଅନିମନ୍ତ୍ରିତ ଆଗନ୍ତୁକ ।
ଯାତ୍ରାର ରଙ୍ଗବୋଳା କଳାକାର
ବାଟ ଭୁଲିଯାଏ
ଯିବାକୁ ଇଛା ଥିଲେ ବି
ରଙ୍ଗମରା ଚେହେରାରେ
ପୋଛିପାଛି ଧୋଇଦିଏ ସଦ୍ୟ
ମୁହଁଟାକୁ ।
ପାଉଁସର ନିଆଁରୁ ପତନ ଯାଏ
ରାସ୍ତା ସବୁ ସରିଯିବା ଯାଏ ।
ଯେମିତି ଠୁକଠାକ ଶବ୍ଦ ହୁଏ
ତୃଷାତୁର ବାଟୋଇର ଶେଷ ବୋଝ
କେଉଁ ଏକ ବିଦ୍ୟାଳୟର ପାଚେରୀ
ବକୁଳ ବନ କିମ୍ବା ନାରୀକେଳ ଗଛ
ଜନ୍ମିତ ବଣିର ଅର୍ଦ୍ଧ କିଚିରି ମିଚିରି
ଶବ୍ଦ
ଫାଟିପଡେ ଦୁନିଆର ଏ କୋଣରୁ
ସେ କୋଣ ଯାଏ
ନିବୃତ୍ତ କୋଠରୀର ଅର୍ଦ୍ଧମୃତ ସତ୍ତା
ମାନଙ୍କ ଭିତରେ ।
ବିପର୍ଯ୍ୟସ୍ତ ସମ୍ପର୍କର ଡେଣା
ଧକ୍କା ଖାଏ ମନ ଆଉ ପ୍ରାଣ
ଅପରିତ୍ୟକ୍ତ ଗାଧୁଆ ଘର
ବିଛଣା ହେଁସ, ବଙ୍କା ଶେଯ,
ମାଟିହାଣ୍ଡି
ସ୍ମୃତି ଗୁଡାକ ବି କାମରେ ଆସେନା
କେହି ତାକୁ ଅଟକାଇ ପାରେନା
ନୂଆ ଆଗନ୍ତୁକ ମାନଙ୍କୁ
ନୂଆ କିଛି ବନ୍ଦୋବସ୍ତ କରିବାକୁ ।
ବିଦାୟ ନେଉଛି ଦୂରରେ ଝିଅ
ଶାଶୁଘରକୁ
ସବାରୀର ଧାରେ ଧାରେ
ଅପରିଚିତ ବ୍ୟକ୍ତିଙ୍କ ସାଥୀରେ
ସବୁଦିନ ପରି ସଂଧ୍ୟା ଓ ସକାଳ ।
ହାଟୁଆ ଗୁଡା ହାଟଭାଙ୍ଗି ଯିବାର
ବେଳ ଆସିଲା
ପାଂଚ ଟଙ୍କିଆ ହରେକ ମାଲ
ଦୋକାନୀଟା
ନୀରବି ମନରେ ଗୁମୁରି ଗୁମୁରି
କଣ୍ଢେଇ ନାଚର ଚରିତ୍ର ପରି
ମୁହଁପୋତି ଗଲା ।
ସେଠୁ ବହୁ ଦୂରକୁ ଅପସରି ଯିବ
ଭାଙ୍ଗିଯିବ ଦୋକାନ ଓ ବେପାର
ସାରିଦେବ ସବୁ ସମ୍ପର୍କକୁ
ତା ସହ କାକର ଟୋପାକୁ
ଭସାଇ ନେବ ସାଥୀରେ ଦୂର
ଦିଗବଳୟକୁ ।
କେବେ ବି ଆଉ ମନେ ନପଡୁ
ଏ ଦୋକାନ, ହାଟ ଓ ହରେକମାଲ
ବେପାର ବି ସରିଛି, ବେପାରୀ
ମନେ ରଖିନାହିଁ କି ଅଟକି ନାହିଁ
କେବେ ଏଠି ନୀରବି ଯାଇଥିଲା
ତା ହୃଦୟର ନୀରବ ସ୍ପନ୍ଦନ ।

ଅଧ୍ୟାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର, ମୋବାଇଲ୍:
୯୬୩୭୯୫୭୬୧୭





## ଭୁଲ ହୋଇଗଲା ତୋତେ ଭଲପାଇ

ପୁଷ୍ପଲତା ମିଶ୍ର

ଅଡୁଆ ସୂତାର ଗୁଛା ଏ ଜୀବନ, ତଥାପି ସରେନି ଆଖିରୁ ସପନ, ଜୀବନର ପଥ ଭାରି ଅଙ୍କା ବଙ୍କା, କେବେ ଫୁଲ ପୁଣି କେବେ କଣ୍ଟା ମନ ମାରି ବସି ଥିଲା ବର୍ଷା ପିଲା ଦିନର ଧୂଳି ଖେଳ, ବୋହୂ ଚୋରି, କଣ୍ଢେଇ କନିଆଁ ର ବାହାଘର, ମିଛି ମିଛିକା ବୋହୂ ହେଇ ବସନ୍ତ ଭାଇ ଘରକୁ ଯାଏ, ଧୂଳିରେ ଭାତ, ଡାଲି, ମାଛ ତରକାରୀ କରି ଖୁସିରେ ଖେଳ ସାରି ଘରକୁ ଫେରି ଆସନ୍ତି ଏମିତି ପ୍ରତି ଛୁଟିଦିନରେ ଚାଲେ । ଦିନକର କଥା ଖୁଦୁରୁକୁଣୀ ଓଷାରେ କଇଁ ଫୁଲ ତୋଳି ନ ପାରି କନିଆଁ ଯୋରରେ ବସି କାନ୍ଦୁଥାଏ। ପଛରୁ ଆସି ବସନ୍ତ ଭାଇ ଚମକେଇ ଦେଇ କହିଲା ମୋ ନାକ କାନ୍ଦୁରି ବର୍ଷା ଆଖି ରୁ ଲୁହ ଧାର ଧାର ହେଇ ବୋହି ଯାଉଛି। ତୋର କେତେ ଫୁଲ ଦରକାର କହିଲୁ ? ଆସେ ମୁଁ କଇଁ ଫୁଲ ତୋଳି ଦେବି। ଏ ବସନ୍ତ ଭାଇ, ତୋତେ ପରା ଜର ହେଇଛି ମୋର କଇଁ ଫୁଲ ଦରକାର ନାହିଁ। ଯୋରରେ ପଶି ତୁ କଇଁ ଫୁଲ ତୋଳିଲେ ତୋ ଦେହ ବେଶି ଖରାପ ହେଇ ଯିବ । ନାଁ ଲୋ ହୁଣ୍ଡି ମୋର କିଛି ହବନି ତୁ କଇଁ ଫୁଲ ପାଇଁ କାନ୍ଦିବୁ ତୋ ବସନ୍ତ ଭାଇ କଣ ସହି ପାରିବ ?

ଭାବନା ରାଇଜରୁ ଫେରି ଆସିଲା ବର୍ଷା କୁଆଡେ ଗଲା ସେ ଦିନ ହସ ଖୁସି ରେ ଖେଳି ବୁଲୁଥିବା ବର୍ଷା ବସନ୍ତ ର ପ୍ରେମ ସମ୍ପର୍କ ଗାଁ ର ଗୋଡ଼ି ମାଟି ଜାଣି ସାରିଲେଣି। ଏହି ସମୟ ରେ ବସନ୍ତ ଭାଇ ପାଠ ପଢ଼ିବାକୁ ଯାଇଛି ଯେ ଯାଇଛି,କିଛି ଖୋଜ ଖବର ନାହିଁ। କେମିତି ମୁଁ ଅପେକ୍ଷା କରିବି ଜାଣି ପାରୁନି।ଏଣେ ମୋ ବାହାଘର ପାଇଁ ମାଆ ,ଭାଇ ଦାଦା ଙ୍କ ର ଜୁଲମ । ଭାଇ ଜିଦ୍ କରି ବସିଛି ମୋ ବାହାଘର ଶୀଘ୍ର ସାରି ଦେଲେ ତାଙ୍କ ମୁଣ୍ଡ ରୁ ଗୋଟେ ବୋଝ ଯିବ, ଭାଇ ମାଆ ସହିତ ଯିଦ କରିଛି ବୈଶାଖ ସହିତ ମୋର ବାହାଘର କରି ଦବାକୁ......।

ବର୍ଷା ବସନ୍ତ କୁ ଭୁଲି ବୈଶାଖ ର କଣ ହେଇ ପାରିବ ?ବୈଶାଖ ର ଧୂ ଧୂ ଖରା ରେ ଜଳି ପୋଡ଼ି ପାଉଁଶ ହେଇ ଯିବବର୍ଷା !! ବାପା ଙ୍କ ମରିବା ପରେ ଦାଦା ମୋର ସବୁ ଭଲ ମନ୍ଦ କଥା ବୁଝୁ ଥିଲେ। ଦାଦା ବି ଏବେ କାହିଁକି ନୀରବ, ଭାଇ ର ବାଧ ବାଧକତାରେ ଦାଦା ଆସି ବୁଝାଇ କହିଲେ - ମୋ ଟିକି ମା ମୋ କଥା ନିଶ୍ଚୟ ରଖିବ,ମୋ କଥା ମାନି ତୁ ବୈଶାଖ କୁ ବାହା ହବା ପାଇଁ ରାଜି ହେଇ ଯା ବର୍ଷା ,ଦାଦା ତୁମେ ଏ କଥା କହୁଛ ? ମୁଁ ପାରିବିନି ଦାଦା ! ବର୍ଷା ଯଦି ବସନ୍ତର ନ ହେଲା ବୈଶାଖର ହବ କେମିତି ? ? ନାଇଁ ଦାଦା ବସନ୍ତ ଭାଇ ନିଶ୍ଚୟ ଆସିବ ଆଉ ଦିନ କେଇଟା ଅପେକ୍ଷାକର ଦାଦା, ମୋ ବସନ୍ତ ଭାଇ ବର ସାଜି ରୋଷଣୀ ସହ ପାଲିଙ୍କି ରେ ବସି ବାହା ହେବାକୁ ଆସିବ।ମୁଁ ବୁଝୁଛି ଲୋ ବର୍ଷା ସତ୍ୟ ପରା ଯିଦ କରିଛି ତୋ ବାହାଘର ବୈଶାଖ ସହ କରିବ ବୋଲି, ତୋ ବାପାଙ୍କର ଯୋଉ କରଜ ଥିଲା ,ଆଉ ଜମି ସବୁ ବନ୍ଧା ପଡ଼ିଛି ବୈଶାଖର ବାପା ପାଖରେ ........ । ବୈଶାଖ କୁ ତୁ ବିବାହ କଲେ ସେ ଜମି ସବୁ ମୁକୁଳି ଯିବ , ଦାଦା ଭାଇର ବୁଦ୍ଧି କଣ କହିଲ ଜମି, ଧନ, ଆଭିଜାତ୍ୟ ପାଖରେ ବନ୍ଧା ପଡ଼ିଯିବ ପ୍ରେମ !! କୁହୁଡିଠାରୁ ଏକ ଭଲ କଥା ଶିଖିବାକୁ ମିଳିଥାଏ, ଜୀବନରେ ଦୂର ବାଟ ଦେଖା ଯାଏନି ବହୁ ଦୂର ଯାଏ ଦେଖିବାକୁ ଚେଷ୍ଟା ନ କରି ଗୋଟିଏ ଗୋଟିଏ ପାଦ ଆଗକୁ ଚାଲିଲେ ଆପେ ଆପେ ରାସ୍ତା ଖୋଲିଯାଏ ଦାଦା, ବୁଢିଆଣୀ ସୂତା ଜାଲ ରେ ଛନ୍ଦି ହୋଇ ଯାଇଛି ତୁମରି ଏ ବର୍ଷା !! କଣ କରିବ ତୁମରି ଏ ବର୍ଷା କିଛି ବୁଝି ପାରୁନି,ମାଆ ଭାଇ ଙ୍କ ର ଜୁଲମ ବୈଶାଖ ଧନୀ ଘର ର ପୁଅ କୋଠା ପ୍ରତୂର୍ଯ୍ୟ, ଐଶ୍ବର୍ଯ୍ୟ ରେ ଭର ପୁର ଅଭାବ ନାହିଁ ତାର। ଭାଇ ର ଏକା ଜିଦ୍ ବୈଶାଖକୁ ବିବାହ କଲେ ସୁଖ ରେ ରହିବି ହେଲେ ଭାଇ ବୁଝି ପାରୁନି କୋଠା ଘର ର ତାତି ରେ ବର୍ଷାର ପ୍ରେମ ଜଳି ପୋଡ଼ି ପାଉଁଶ ହୋଇଯିବ। ଭାଇ ତୁ କଟକ ଯାଇ ଥିଲୁ? ବସନ୍ତ କୁ ଦେଖା କଲୁ ,ସେ କଣ କହିଲା ଭାଇ.......... ବର୍ଷା ତୁ ବସନ୍ତ କୁ ଭୁଲି ଯାଆ .....,ବସନ୍ତ ର ଗାଡି ଧକ୍କା ହେଇଛି ତା ମୁଣ୍ଡରେ ଶକ୍ତ ଆଘାତ ଲାଗିଛି ସେ ମୁକ ହେଇଯାଇଛି କଥା କହି ପାରୁନି ତୁ ବସନ୍ତ କୁ ଭୁଲିଯା ବର୍ଷା ମୋ ସୁନା ଭଉଣୀ ଟା ପରା, ବୈଶାଖ କୁ ବାହା ହେବାକୁ ରାଜି ହୋଇଯାଆ ବର୍ଷା !!ବେକାର, ମୁକକୁ ବାହା ହୋଇ ତୁ ସାରା ଜୀବନ କଷ୍ଟ ପାଇବୁ ବର୍ଷା, ତୁ ରାଜି ହେଇଗଲେ ମୁଁ ବୈଶାଖ ସହ ତୋର ବାହାଘର ଠିକ୍ କରିଦେବି। ବିନା ଯୌତୁକ ରେ ସେମାନେ ତୋତେ ବୋହୂ କରି ନବାକୁ ରାଜି ଅଛନ୍ତି। ବସନ୍ତ ମୁକ ହେଇଯାଇଛି,ଗୋଟିଏ ମୁକ ସାଙ୍ଗ ରେ କେମିତି ଏତେ ବଡ଼ ଜୀବନ କଟେଇବୁ, ଭାଇ ଯୋଉ ବର୍ଷା ବସନ୍ତ ପାଇଁ ଜନ୍ମ ହେଇଥିଲା ସେ କେମିତି ବୈଶାଖ ର ହାତ ଧରି ଦିନ କାଟିବ । ଦାଦା ଏ ଦାଦା ତୁମେ କଣ କିଛି ବୁଝି ପାରୁନ? ବଣ ପୋଡ଼ି ଗଲେ ସମସ୍ତେ ଦେଖି ପାରନ୍ତି ଲୋ ବର୍ଷା ହେଲେ ମନ ପୋଡ଼ି ଗଲେ କେହି ଦେଖି ପାରନ୍ତି ନାହିଁ, ସେଇ ପୋଡ଼ି ଯାଉଥିବା ମନ ର ପାଉଁଶ ଉପରେ ପାଦ ରଖି ତୁ ଏମାନ ଙ୍କ କଥାରେ ରାଜି ହେଇ ଯା ।

ଦେଖ ,ବର୍ଷା ତୋ ଭାଗ୍ୟ ରେ ସୁଖ ଲେଖା ହେଇଛି ଦେଖୁନୁ ଦୁଃଖ ଆପଣା ଛାଏ ବାଟ ଭାଙ୍ଗି ଚାଲି ଗଲା। କାହାରି କଥା ବର୍ଷା ର ମନ କୁ ଛୁଉଁ ନ ଥିଲା, ଏ ବର୍ଷା,ତୁ କିଛି କହୁନୁ ଯେ ସତ୍ୟ ତତେ କଣ କହୁଛି ପରା , ବୋଉ! ସମସ୍ତେ ଯେତେବେଳେ ବର୍ଷା ଜୀବନ ର ସୁଖ ପାଇଁ ଏତେ ବ୍ୟସ୍ତ ତୁମ କଥା କୁ କାଟି ଦେଇ ମୁଁ ଦୁଃଖ କୁ ଆପଣା ର କରିବି କାହିଁକି ? ମୁଁ ବସନ୍ତ ର ହାତ ଛାଡ଼ି ବୈଶାଖ ର ହାତ ଧରିଲେ ଶାନ୍ତି ରେ ଆଉ ଭଲ ରେ ରହିବି ମୋର କିଛି ଆଉ କହିବାର ନାହିଁ, ମୋର ଶୁଭ ମନାସି ମାଟି ଘରୁ ନେଇ କୋଠା ଘରେ ରହିବାକୁ ଚାହୁଁଛ ମୁଁ ଅରାଜି ହେବି କାହିଁକି ?ମୋର ପ୍ରେମ କୁ ଜଳାଞ୍ଜଳି ଦେଇ ତୋ କଥା ରେ ରାଜି ହେଇ ଯିବି ସତ ମୋର ଗୋଟିଏ କଥା ତୋତେ ରଖିବାକୁ ପଡିବ ଭାଇ ,?କଣ କହ ,ଭାଇ ମତେ ଥରଟେ ସୁଯୋଗ ଦେ ଭାଇ ମୁଁ ବସନ୍ତ କୁ ଥରେ ଦେଖା କରି ଆସିଲେ ତୋ କଥାରେ ରାଜି ହୋଇ ଯିବି, ହଉ ଯା !

ବସନ୍ତ ଭାଇ ଏ ବସନ୍ତ ଭାଇ ଏ ସବୁ କଣ ହେଇଗଲା, ତମେ ମତେ ଚିହ୍ନି ପରୁନ ? ମୁଁ ବର୍ଷା ! ତୁମେ କଥା କୁହ ବସନ୍ତ ଭାଇ ତୁମେ କଣ ସତରେ କଥା କହିବନି ନା ମୋ ଉପରେ ରାଗି କଥା ନ କହିବାକୁ ଶପଥ କରିଛ! ଅଭିମାନ କରିଛ ନା ' ବର୍ଷା ତା ଜୀବନରେ ବସନ୍ତ ଛଡ଼ା ଆଉ କାହା କଥା ଚିନ୍ତା କରି ନ ଥିଲା ହେଲେ ବର୍ଷା ବସନ୍ତ ର ସପନ କୁଡିଆ ଭିତରେ କାହିଁକି ଯେ ବଇଶାଖୀ ବାଆଟା ଏମିତି ଝାଞ୍ଜି ପବନ ମାରୁଛି ମୁଁ ବୁଝି ପାରୁନି । ଆମର ଭଲ ପାଇବା ରେ ଭୁଲ କୋଉଠି ରହିଲା? କେମିତି ଆଉ କୋଉ ପରିସ୍ଥିତିରେ ବର୍ଷା ଆଜି ବସନ୍ତ କୁ ଭୁଲି ବୈଶାଖ ର ହାତ ଧରିବାକୁ ଯାଉଛି। ବସନ୍ତ ଭାଇ କିଛି ନ କହିଲେ ବି ଥରେ ଶୁଣି ଯାଅ ଏ ବର୍ଷା ଆଷାଢ଼ର ପ୍ରଥମ ଅସରା ନୁହେଁ ଶ୍ରାବଣ ର ଶେଷ ଅସରା ଏଇ ଶେଷ ଅସରା ତୁମ ଜୀବନ ର ଶେଷ ଅସରା ଭାବି ଭୁଲି ଯିବ ଏ ବର୍ଷାକୁ....। ବସନ୍ତ ଭାଇ କିଛି ନ କହିଲେ ବି କିଛି ଶୁଣି ଯାଅ - ତୁମେ ଚାଲି ଗଲେ ଶୁଣିବ କିଏ? ଆଉ ଦିନ କେଇଟା ପରେ ମୋର ବାହାଘର ମୁଁ ଝିଅ ରୁ ହୋଇଯିବି ବୋହୂ !ଭୁଲ ହେଇ ଗଲା ତୁମକୁ ଭଲ ପାଇ............ ବସନ୍ତ ଭାଇ,ଜାଣେନା ଜୀବନ ରେ ଆଉ କେବେ ଦେଖା ହବ କି ନାହି ବୋହୂ ଚୋରି ଖେଳ ,କଣ୍ଢେଇ କନିଆଁ ର ବାହାଘର, ଗାଁ ଦାଣ୍ଡ ରେ ଚକା ଭଉଁରି ଖେଳ କଥା ମନେ ପକେଇ ମତେ ଡାକିବ ବସନ୍ତ ଭାଇ !! ଏ ବର୍ଷା ତୁମ ଡାକ ଶୁଣି ଯୋଉଠି ଥିବ ତାର ପାଦ ସେଇଠି ଅଟକି ଯିବ। ବର୍ଷା ଆଜି ବସନ୍ତ ଆଉ ବୈଶାଖ ମଝିରେ ଠିଆ ହୋଇ ଭାବୁଛି ଜୀବନ ରେ ସେ ପାଇଛି କଣ?? ଆଉ ହରେଇଛି କେତେ ଭୁଲ ହେଇଗଲା ତୁମକୁ ଭଲ ପାଇ....

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



## ମୁଁ ଈଶ୍ୱରଙ୍କୁ ଭଲ ପାଏ

ଲକ୍ଷ୍ମୀକାନ୍ତ ଦାସ(ନବିନ)

ମୁଁ ଈଶ୍ୱରଙ୍କୁ ଭଲ ପାଏ
ମୁଁ କିଏ
ମଣିଷ କି ଅମଣିଷ
ନିଜେ ମୁଁ ଜାଣିନି
କିନ୍ତୁ
ଜନ୍ମରୁ ଆଜି ଯାଏଁ
ଭଲ ମଣିଷଟିଏ ହେବି ବୋଲି
ଜୀବନ ଯୁଦ୍ଧ ରେ
ଅହରହ ସଂଗ୍ରାମ ଜାରି ରଖିଛି
ତାର ଟିକି ନିଖି ହିସାବ
ମୋ ପାଖରେ ନାହିଁ ସତ
ହେଲେ ତାଙ୍କୁ ମାଗିଲେ
ବେଳେ ବେଳେ ସେ ହିସାବ ଦିଏ
ତେଣୁ ମୁଁ ଈଶ୍ୱରଙ୍କୁ ଭଲ ପାଏ

ଈଶ୍ୱର କିଏ ?
ସେ କେମିତିକା ଦେଖିବାକୁ
ତାଙ୍କ ରଙ୍ଗ ରୂପ
ତାଙ୍କ ଅବସ୍ଥିତି
ମୁଁ ଜାଣେନା କିଛି...
ହେଲେ
ଅତି ଆତୁରରେ
ତାଙ୍କୁ ଡାକି ଦେଲେ
ଅନେକ ସମୟର
ତାଙ୍କ ଉପସ୍ଥିତି
ତାଙ୍କ ଶିହରଣ
ଅଦୃଶ୍ୟ ଭାବରେ
ଜୀବନକୁ ମୋର ପୁଲକିତ କରେ
ମୁଁ ଈଶ୍ୱରଙ୍କୁ ଭଲ ପାଏ

ମାନ ଅଭିମାନ
ତା ସାଥିରେ ନିତି
ତା ସାଥିରେ ରାଗ ରୁଷା
ହେଲେ ବି କାହିଁକି
ମୁଁ ତାକୁ ଛାଡ଼ି ପାରେ ନାହିଁ
କି ସେ ମୋତେ ଛାଡେ ନାହିଁ
ଏମିତି ଭିଡା ଭିଡ଼ି ନିତି ଚାଲିଥାଏ
ଜୀବନଟା କେବେ ହସ
କେବେ କାନ୍ଦ
ଲୋଟେଇ ପେଟେଇ ଚାଲୁଥାଏ
ତଥାପି ବି
ମୁଁ ଈଶ୍ୱରଙ୍କୁ ଭଲ ପାଏ

ନାହାଳ ପୁର, ବେଣୀରାମ
ପୁର,କଟକ
ମୋ -୯୪୩୯୬୧୪୬୭୭



## ପୁନେଇଁ ରାତି

ଡଃ ତାନଶ୍ରୀ ପାଣିଗ୍ରାହୀ

ମନ ଆକାଶରେ ଗୋପନରେ ଆସ
ତୁମେ ମୋ ପୁନେଇଁ ରାତି
ଫଗୁରେ ଫଗୁରେ ଖେଳଇ ଫଗୁଣ
ମନ୍ଦ ମଳୟ ପ୍ରୀତି...
ଛୁଇଁ ଛୁଇଁ ଯାଏ ଜୋଛନା ତୁମର
ମୁକୁଳା କବରୀ ତଳେ
ଆଣିଥାଅ ତୁମେ ମୋ ପ୍ରିୟ ସନ୍ଦେଶ
ମନ ସଦା ତାଙ୍କୁ ଝୁରେ...
ପ୍ରଣୟ କାମନା କରେ ଆନ ମନା
ନିଦ ମୋର ଯାଏ ହଜି
ପ୍ରିୟଙ୍କ ପରଶ ପାଏ ମୁଁ ସପନେ
ପ୍ରୀତିରେ ଯାଏ ମୁଁ ହଜି...
ତୁମ ମଧୁମୟ ସ୍ନିଗ୍ଧ ପରଶ
ପ୍ରତୀକ୍ଷାର ନୀରବତା
ସ୍ମୃତି ସବୁ ଏଠି ତାରା ସାଜି ଥାନ୍ତି
କୁହନ୍ତି ମୋ ସାଥୀ କଥା...
ତୁମ ଆଗମନ ଛନ୍ଦେ ଗାଏ ମୁଁ
ପ୍ରେମ ପ୍ରଣୟର ଗୀତି
ମୋ ମନ ବୀଣାରେ ଗୁଞ୍ଜନ ତୋଳ
ତୁମେ ମୋ ପୁନେଇଁ ରାତି ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା
ମନ୍ଦିର, ବାଲିଆ,ବାଲେଶ୍ୱର*
ମୋ -୯୩୩୭୩୦୪୨୯୫





## ଅଧୀର ହେବାନି ନିନ୍ଦା ପାଇଲେ

ଡଃ ନାରାୟଣ ଚନ୍ଦ୍ର ସେନାପତି

ପ୍ରଶଂସା ସିନା ମାଗି ଆଣିଲା ତିଅଣ ପରି
ହେଲେ ନିନ୍ଦା ପରା ଜିହ୍ୱା କୁ ଦେଇଥାଏ ଅସଲ ସ୍ୱାଦ
ହେଉ ପଛେ ଖଟା ପିତା କି ଲୁଣିଆ
ଲୁଚି ଲୁଚି କହୁଥାଏ
ଦେଉଛି ଅବଶ୍ୟ ବିଷାଦ
ହେଲେ ମୁଁ ପରା ଆଗକୁ ସାଇତି ରଖିଛି ତୁମପାଇଁ
ମହଣେ ମହଣେ ମହୁ ପରି ଆନନ୍ଦ।
ଦୁର୍ବଳ ପାଇଁ ନିନ୍ଦା ଏକ ଶକ୍ତ ଆଘାତ
ହେଲେ ଯିଏ ମାନସିକ ସବଳ
ତାକୁ କରିଥାଏ ଏ ସତତ ଜାଗ୍ରତ
ପରୀକ୍ଷକ ସାଜି କରେ ଦୃଢତାର ମୂଲ୍ୟାୟନ
ମାଟିର ମଣିଷ ସାଜି କରେ ସହିଷ୍ଣୁତାର ବୀଜବପନ
କରି ଶକ୍ତ ଓ ସଂଜତ
କହେ ଧୈର୍ଯ୍ୟ ଧର
ହୋଇପାରିବ ନିଷ୍ଟେ ସୁସଂଗଠିତ ଆଉ ସୁପ୍ରତିଷ୍ଠିତ।
ଶାସ୍ତ୍ର କହେ ନିନ୍ଦା ଏକ ମହୌଷଧି
ଯିଏ ଅପମାନ ଖୁଆଇ ସୃଷ୍ଟିକରେ ସ୍ଥିତପ୍ରଜ୍ଞ
ବୁଝିବାର ଏକ ପ୍ରଶିକ୍ଷଣ କେନ୍ଦ୍ର ଏ
ଶିଖିବାର ଏକ ଅହଂମେଧ ଯଜ୍ଞ
ଆତ୍ମସମ୍ମାନ ସାଉଁଟିବାର ଏଭଳି ମାହୁନ୍ତଟିଏ ଏ
ସବୁ ବିଷକୁ ହଜମ କରିଦିଏ ଦୁଃସମୟ ଆସିଲେ
ସେଥିପାଇଁ ତ ଗୁଣୀ ଜନଙ୍କର ହୃଦୟ କହେ
ଅଧୀର ହେବାନି ନିନ୍ଦା ପାଇଲେ।

ଜମ୍ବରା, କେନ୍ଦୁଝର





## ସାବିତ୍ରୀ: ଉତ୍ତରିତ ଜିଜ୍ଞାସାର ମହାଗାଥା

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ଆଜି ପବିତ୍ର ସାବିତ୍ରୀ ବ୍ରତ।ଆମେ ସମସ୍ତେ ଏହାର ମହିମା ଜାଣୁ। ଜାଣୁ ସେଇ କିମ୍ବଦନ୍ତୀକୁ , ଯାହା କୋଟିକୋଟି ଭାରତୀୟଙ୍କୁ ବାନ୍ଧି ରଖିଚି ଏକ ପବିତ୍ର ପରମ୍ପରାରେ।। ତେବେ, ବର୍ଷ ବର୍ଷ ଧରି ତ୍ୟାଗ, ପ୍ରେମ ଓ ସିଦ୍ଧାନ୍ତର ଏଇ ଗଣ ପର୍ବ କୁ ନେଇ ଏତେ ବ୍ୟଙ୍ଗ କାହିଁକି? ପ୍ରତି ବର୍ଷ ଅନେଗୁଡ଼ିଏ ବ୍ୟଙ୍ଗ କବିତା, ବ୍ୟଙ୍ଗୋକ୍ତି ଶୋଭା ପାଏ ଫେସ୍ ବୁକ୍ କାନ୍ଥରେ। ସତରେ କଣ ନାରୀ ଟିଏ ଦାମିକା ଶାଢ଼ୀ ଓ ଫଳ ଲୋଭରେ ସାବିତ୍ରୀ ବ୍ରତ କରେ?

ଆମେ ସମସ୍ତେ ଜାଣୁ, ଭାରତରେ ନାରୀ ଶିକ୍ଷା ଏଯାଏଁ ସମ୍ପୂର୍ଣ୍ଣ ବିକଶିତ ହୋଇନି। ଅଧିକାଂଶ ଝିଅ ନିଜକୁ ଏକ ମେରେଜ୍ ମେଟେରିଆଲ ଭାବରେ ହିଁ ଗଢି ଥାଆନ୍ତି। ମୋର ଜଣେ ସମ୍ପର୍କୀୟା ଙ୍କୁ ଥରେ ପଚାରି ଥିଲି, ଏତେ ପଢ଼ିଚ, ଚାକିରି କାହିକିଁ କଲ ନାହିଁ? ସେ କହିଲେ କଣ ଚାକିରି କରିବାକୁ ପଢୁଥିଲି? ଭଲ ପ୍ରସ୍ତାବ ଟେ ଆସିବ ବୋଲି ପଢୁଥିଲି। ହାଏ ରେ ବିଧାତା। ଏବେ ତାଙ୍କ ସ୍ୱାମୀ କହନ୍ତି, ଟଙ୍କାଟେ ରୋଜଗାର କରିବାର କ୍ଷମତା ନାହିଁ, ବଡ଼ ବଡ଼ କଥା କହି ଆସେ। ଦୁଃଖ ଲାଗେ ସେତେବେଳେ। କିନ୍ତୁ ପୂଜା ପର୍ବ ବେଳେ ସେ ତାଙ୍କ ବାପା ଘରୁ ଶାଢ଼ୀ ଆଣିବେ, ଭାର ଆଣିବେ। ତେବେ ସାବିତ୍ରୀର ଭାର କାହା ଉପରେ ପଡେ?

ମୋ ଜାଣିବା ଭିତରେ ଅଧିକାଂଶ ସ୍ତ୍ରୀଙ୍କର ବାପଘରୁ ହିଁ ସାବିତ୍ରୀ ଓ ରଜ ଭାର ଆସେ। କେତେକ ଯୌଥ ପରିବାରରେ ବାପଘରର ଭାର ନେଇ ବୋହୁଟି ହୀନମନ୍ୟତାର ଶୀକାର ହୁଏ ମଧ୍। ସହରରେ ରହୁଥିବା କିଛି ଏକକ ପରିବାର ରେ ସ୍ୱାମୀ ସ୍ତ୍ରୀ ପାଇଁ ଏସବୁ କିଣେ। ଯଦି ବା ବର୍ଷରେ ଥରେ ନିଜ ର ମଙ୍ଗଳ କାମନା କରି ଉପବାସ ରଖୁଥିବା ସ୍ତ୍ରୀ ଟି ପାଇଁ ଭଲ ଶାଢୀ ଖଣ୍ଡେ କି କିଛି ଶହ ଟଙ୍କାର ଫଳ (ଯାହା ଅନ୍ୟ ଦିନେ ଦୁଷ୍ପ୍ରାପ୍ୟ) କିଣିବାକୁ ପଡେ, ସେଥିରେ କଣ ଖାଲି ହେଇଯାଏ ସ୍ୱାମୀ ର ପକେଟ୍ ? ବର୍ଷ ସାରା ଶହେ ବ୍ରତ ଉପବାସ କରୁଥିବା ସ୍ତ୍ରୀ ଟିର ଏଇ ଖାସ୍ ଓଷାଟି ପାଇଁ ଏତେ ଅସହିଷ୍ଣୁତା କାହିଁକି? କାହିଁକି ଏତେ ବ୍ୟଙ୍ଗ? କବିତା ରେ ହେଉ କି ଗପରେ, ଏହି ପବିତ୍ର ଓଷାଟିର ମହନୀୟତା ବ୍ୟକ୍ତ କରିବା ପରିବର୍ତ୍ତେ ଏହାକୁ ନେଇ ବ୍ୟଙ୍ଗ କରିବା ଶୋଭାପାଏ ନାହିଁ। କେଉଁ ସ୍ତ୍ରୀ ସ୍ୱାମୀ କୁ ଶୋଷଣ କରିବାକୁ ବ୍ରତ କରେନାହିଁ। ସ୍ୱାମୀର ପକେଟ୍ ଦେଖି ସେ ଖର୍ଚ୍ଚ କରେ ଓ ସେଥିରୁ ବି ପିଲା ଛୁଆଙ୍କ ପାଇଁ ସଂଚୟ କରେ। ତାର ତ୍ୟାଗ ଓ ନିଷ୍ଠାକୁ ଅଣଦେଖା କରି ଯେଉଁ ସ୍ୱାମୀ ତାକୁ ବ୍ୟଙ୍ଗର ପାତ୍ର ଭାବେ, ସେ ନିଶ୍ଚୟ ଏଥିପାଇଁ ଆଯୋଗ୍ୟ।ସାବିତ୍ରୀ ଏକ ଆବେଗର ପର୍ବ। ଏକ ଏକାଗ୍ରତା ର ଉତ୍ସବ। କାହାର ଉପବାସ ରହିଲେ ଆଉ ଜଣେ ଆୟୁଷ ପାଇବାର ଲଜିକ କିଛି ନାହିଁ। କିନ୍ତୁ ନାରୀଟି ସ୍ୱାମୀର ମଙ୍ଗଳ ମନାସି ଭଗବାନଙ୍କ ଉଦ୍ଦେଶ୍ୟରେ ରଖେ ଏହି ବ୍ରତ। ଭାରତର ଅଧିକାଂଶ ମହିଳା ଉପର୍ଜନକ୍ଷମା ନୁହନ୍ତି। ଅତି ସାନ ବେଳୁ ସ୍ୱାମୀ, ଶାଶୁ ଘରର ଏକ ସୁଖଦ ଚିତ୍ର ତା ଆଖିରେ ଆଙ୍କି ଦିଆଯାଏ। ନିଜର ଛୋଟ ଛୋଟ ଆବଶ୍ୟକତା କୁ ଅଣଦେଖା କରି ସେ ଘରର ଅର୍ଥନୀତି କୁ ସଜାଡେ। ନୂଆ ଶାଢ଼ୀ ନ ଦେଲେ କଣ ବ୍ରତ କରିବ ନାହିଁ? ସବୁ ଓଷା ବ୍ରତ ତ ନାରୀ ମାନଙ୍କ ପାଇଁ ଖଞ୍ଜି ଦିଆ ଯାଇଛି। ସକାଳୁ ଉପବାସ କରିଥିବା ନାରୀ ଟି ସେଦିନ ରୋଷେଇ ଓ ଘର କାମ ତ ଯଥା ବିଧି କରେ। ତାକୁ ଗୋଟେ ଦିନ ବିଶ୍ରାମ ମିଳେ କି? ମାନେ, ସ୍ୱାମୀର ଆୟୁଷ ପାଇଁ ସେ ନିଜ ଶରୀରକୁ କଷ୍ଟ ଦେବ କିନ୍ତୁ ତା ପାଇଁ ଶ୍ରଦ୍ଧାରେ ଶାଢ଼ୀ ଖଣ୍ଡେ ଆଣି ଦେବାକୁ ବି କୁଣ୍ଠିତ ସ୍ୱାମୀ।

ଜନ୍ମ ନେଇଥିବା ଲୋକର ମୃତ୍ୟୁ ଅବଶ୍ୟମ୍ଭାବୀ। କେହି କାହାକୁ ଅଟକେଇ ପାରିବ ନାହିଁ। ସ୍ତ୍ରୀ ଟିଏ ଜାଣେ ଏକଥା। ମାତ୍ର ସ୍ୱାମୀର ଦୀର୍ଘ ଜୀବନ କାମନା କରି ନିଜର ବିଶ୍ୱାସକୁ ସେ ଭଗବାନ ଙ୍କୁ ସମର୍ପି ଦେଇ ଥାଏ। ବର୍ଷ ରେ ଥରେ ଲୁଗା ଖଣ୍ଡେ, ଫଳ ମୂଳ କିଛି। ସେଥିରେ କଣ ଗରିବ ହେଇ ଯାଏ ବିଚରା ସ୍ୱାମୀଟି। ପାରସ୍ପରିକ ପ୍ରେମ ଭିତରେ ଏ ଦିଆ ନିଆ ସମ୍ପର୍କ କେବେ ସୃଷ୍ଟି ହେଲା? ଭାବିବାର ସମୟ ଆସିନି କି? ଶ୍ରଦ୍ଧା ଓ ସମ୍ମାନର ଏଇ ଉତ୍ସବଟିକୁ ଅଯଥାରେ କଳଙ୍କିତ କରା ନ ଯାଉ। ବ୍ୟଙ୍ଗ ବିଦ୍ରୁପ ନ କରାନଯାଉ। କର୍ମଜୀବି ମହିଳାମାନଙ୍କୁ ଏ ବ୍ରତ ନେଇ ସେତେ ବେଶୀ ଉତ୍ସାହିତ ହେବାର ମୁଁ କାଇଁ ଦେଖେନି। ଛୁଟି ଟିଏ ମିଳେ, ସେତିକି ବହୁତ। ହୁଏତ ଆତ୍ମନିର୍ଭର ନାରୀଟେ ନିଜର ଆବଶ୍ୟକତା ମେଣ୍ଟାଉ ମେଣ୍ଟାଉ ଅନେକ କିଛି ଆଶା କରିବା ଛାଡ଼ି ଦେଇ ଥାଏ ଓ ନିଜ ପାଇଁ ସର୍ବନିମ୍ନ ସାଧନ ରେ ପୂଜା ବିଧି ସାରି ଥାଏ। ଗୃହିଣୀ ମାନେ କିନ୍ତୁ କିଛି ଦିନ ଆଗରୁ ହିଁ ବେଶ ଚଳଚଞ୍ଚଳ ଦେଖା ଯାଆନ୍ତି। ଖୁସି, ଆଗ୍ରହ ଓ ପ୍ରେମ ତାଙ୍କ ମୁହଁରୁ ବାରି ହୁଏ। କଣ ନୂଆ ଲୁଗା ପାଇଁ? ଫଳ ମୂଳ ପାଇଁ? ନା! ସେ ଯେ ସିମନ୍ତିନି, ସେଇ ଗୌରବ ତାର ପରିଚୟ, ତାର ଅଭିମାନ ଓ ସ୍ୱାଭିମାନ। ବର୍ଷ ସାରା ଯାହାର ପରିବାରର ସବୁ କାମ ନିର୍ଦ୍ୱନ୍ଦ୍ୱ କରୁଥାଏ, ତା ଠାରୁ ଭଲ ଶାଢ଼ୀ ଖଣ୍ଡେ ପାଇବା କଣ ତାର ପ୍ରାପ୍ୟ ନୁହେଁ? କିଛି ନ ଦେଲେ ବି ସେ ଏ ବ୍ରତ କରିବ। ଭାରତୀୟ ନାରୀ ବିଶ୍ୱାସୀ ଓ ଅନ୍ଧ ବିଶ୍ୱାସୀ ବି। ତେବେ ଓଡିଶାରେ ଘରେ ଘରେ ଏଇ ବ୍ରତ ପାଳନ ହେଉ ଥିବା ବେଳେ ଏହାକୁ କେବଳ ଗୋଟିଏ ସ୍ତ୍ରୀ ର କର୍ତ୍ତବ୍ୟ ଭିତରେ ସୀମିତ ରଖିବା ଠିକ୍ ନୁହେଁ। ଯଦି ଆପଣ ଘରର ଲକ୍ଷ୍ମୀ ଙ୍କର କଷ୍ଟ ଲାଘବ କରି ପାରୁ ନାହାଁନ୍ତି, ଅନ୍ତତଃ ଏପରି ବ୍ୟଙ୍ଗ କରି ନିଜ ଜୀବନ ସଙ୍ଗିନୀର ଅମର୍ଯ୍ୟଦା କରନ୍ତୁ ନାହିଁ। ସାବିତ୍ରୀ କେବଳ ଏକ ମହା ଗାଥା ନୁହେଁ, ଏହା ମହାଚେତନା ଓ ଆତ୍ମଶକ୍ତିର ପରିପ୍ରକାଶ। ପ୍ରତୀକାତ୍ମକ ଭାବରେ, ଏହା ଚେତନାର ଉତ୍ତରଣ କୁ ବୁଝାଏ। ମୃତ୍ୟୁ ଉପରେ ଜୀବନର ବିଜୟକୁ ବୁଝାଏ।

ଅଳିକ ଜ୍ଞାନ ନେଇ ନା ଏହାକୁ ବୁଝି ହେବ ନା ବୁଝାଇ ହେବ! ପାରସ୍ପରିକ ପ୍ରେମ, ଆତ୍ମ ବିଶ୍ୱାସ ଓ ତ୍ୟାଗର ଏହି ମହାଗାଥା ଆଜି କାହା କାହା ପାଇଁ ଫ୍ୟାସନ ରେ ପରିଣତ ହେଲାଣି। ତେବେ ମଧ ଆମେ କଣ ଆମ ମହାନ୍ ଭାରତୀୟ ଆଧାତ୍ମିକତାକୁ ଆଡେଇ ଯିବା?ଶ୍ରଦ୍ଧା ରେ ପାଳନ୍ତୁ ପ୍ରେମର ଏ ଉତ୍ସବ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ ହେଉ ଏହି ମହାନ ବ୍ରତ।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪





## ବିଧାନସଭା ପରିସରରେ ପାରଳା ମହାରାଜାଙ୍କ ଶ୍ରାଦ୍ଧଦିବସ ପାଳିତ

**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଓ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଓ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି। ୧୯୧୪ ଡିସେମ୍ବରରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ, ତାହା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୂଆ ରଖିଥିଲା। ୧୯୭୪ ମେ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା। ରବିବାର ବିଧାନସଭା ପରିସରରେ ପାରଳା ମହାରାଜାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ରୂପେଶ ପାଣିଗ୍ରାହୀ, ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ଉପସ୍ଥିତ ଥିଲେ।

### ସିଏମ୍ ଟ୍ରଫି-୨୦୨୫ ଲୋଗୋ, ଟ୍ରଫି ଓ ଆନ୍‌ଥେମ୍ ଉନ୍ମୋଚିତ

## ତୃଣମୂଳ ସ୍ତରରେ ବିକଶିତ ହେବ କ୍ରୀଡ଼ା ପ୍ରତିଭା: କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ସିଏମ୍ ଟ୍ରଫି-୨୦୨୫: ଲକ୍ଷ୍ୟ ଏକ, ପ୍ରତିଭା ଅନେକ। ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନ୍‌ସିପ୍-୨୦୨୫ ଆୟୋଜିତ ହେବ। ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନ୍‌ସିପ୍-୨୦୨୫ର ଲୋଗୋ, ଟ୍ରଫି, ଜର୍ସି ଓ ଆନ୍‌ଥେମ୍‌କୁ ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିଅନ୍‌ସିପ୍‌ର ଆୟୋଜନ କରାଯାଉଛି।



ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ୍ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ୍ ଓ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍‌ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିଅନ୍‌ସିପ୍ ଆସନ୍ତା ୨୮ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲା ସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଓ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଖେଳାଯିବ।

ଜିଲ୍ଲାରୁ ଜୋନାଲ୍ ଓ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବେ ୩ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ଆଜି ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍ ଉନ୍ମୋଚିତ ହୋଇଛି। କ୍ରୀଡ଼ାବିତଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଫୁଟବଲ୍ ଆସୋସିଏସନ ସମ୍ପାଦକ ଆଶୀର୍ବାଦ ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ଉପସ୍ଥିତ ଥିଲେ।

### ଅନ୍ଧାରରେ ୧୧୮୫ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

**ବରଗଡ଼,୨୫।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ପଦ୍ମପୁର ପବ୍ଲିକ୍ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। କାରଣ ଇତିମଧ୍ୟରେ ଉଭୟ ଶ୍ରେଣୀର ପରୀକ୍ଷାଫଳ ବାହାରିସାରିଲେ ମଧ୍ୟ ଏହି ସ୍କୁଲର ଛାତ୍ରଛାତ୍ରୀ ସେମାନଙ୍କ ପରୀକ୍ଷାଫଳ ପାଇନାହାନ୍ତି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ତେବେ ସେମାନଙ୍କ ସମସ୍ୟାକୁ ହୃଦ୍‌ବୋଧ କରି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିବିଏସଇ ପରୀକ୍ଷା ନିୟନ୍ତ୍ରକଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି। ଦ୍ୱାଦଶ ଓ ଦଶମ ସ୍କୁଲ ଆଡମିଶନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ବେଳେ ତୁରନ୍ତ ଏହି ସ୍କୁଲର ପରୀକ୍ଷାଫଳ ପ୍ରକାଶ କରିବା ଦିଗରେ ପଦକ୍ଷେପ ନେବାକୁ ସାଂସଦ ଦାବି କରିଛନ୍ତି।

ଚଳିତ ବର୍ଷ ପଦ୍ମପୁର ପବ୍ଲିକ୍ ସ୍କୁଲ ପରୀକ୍ଷା କେନ୍ଦ୍ରରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୧,୧୮୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ହେଲେ ସେମାନଙ୍କର ପରୀକ୍ଷାଫଳ ଏଯାଏ ପ୍ରକାଶ ପାଇନାହିଁ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ଟି ବ୍ରାଞ୍ଚ୍ ଫିରୋଜପୁର, ବାନ୍ଧୁପାଲି, ଗାଇସିଲାଟ୍ ଓ ସୋହେଲା ସହ ଜେନିଥ୍ ଗୁରୁକୁଳ ଓ ପଦ୍ମପୁର ପବ୍ଲିକ୍ ସ୍କୁଲ



ରହିଛି। ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୬୦ ଜଣ ଅନ୍ୱେଷା ଛାତ୍ରଛାତ୍ରୀ ବି ସାମିଲ ଅଛନ୍ତି। ଗତ ୧୩ ତାରିଖରେ ସିବିଏସଇ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଉପରୋକ୍ତ ୬ ସ୍କୁଲର ୧୧୮୫ ଛାତ୍ରଛାତ୍ରୀ କିନ୍ତୁ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହା ଉପରେ ତୁରିତ ପଦକ୍ଷେପ ଗ୍ରହଣ କରିବା ସକାଶେ ରାଜ୍ୟସଭା ସାଂସଦ ଶ୍ରୀ ବିଶି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଆଡମିନିଷ୍ଟ୍ରେଟିଭ୍ ଇସ୍ୟୁ ଥିବାରୁ ଏହାର ତଦନ୍ତ ଓ ସମାଧାନ ପାଇଁ ଏକ କମିଟି ଗଠନ କରାଯାଇ ଯାଞ୍ଚ ଚାଲିଛି ବୋଲି ଭୁବନେଶ୍ୱର ସିବିଏସଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଏହି ପରୀକ୍ଷାଫଳ ୧୧୮୫ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ସେହିପରି ସିବିଏସଇର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସନ୍ୟମ ଭରଦ୍ୱାଜଙ୍କୁ ସମାଧାନ ପାଇଁ ମଧ୍ୟ ସାଂସଦ ଚିଠି ଲେଖିଥିବା ଜଣାପଡ଼ିଛି।

## ଚାକିରି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ) :** ଆସୁଥିଲା କାରରେ ବସୁଥିଲା ପିଲାଙ୍କ ଗହଣରେ। ନିଜକୁ କହୁଥିଲା ରେଳ ବିଭାଗରେ ବରିଷ୍ଠ ଅଧିକାରୀ। ଆଶାୟୀଙ୍କୁ ଦେଉଥିଲା ରେଳ ବିଭାଗରେ ଚାକିରି ସ୍ୱପ୍ନ। ଆଉ ମୋଟା ଅଙ୍କର ଟଙ୍କା ନେଇ ଚାକିରି ଆଜି ହେବ କାଲି ହେବ କହି ଗଡ଼ାଇ ଚାଲିଥିଲା ସମୟ। ଶେଷରେ ସତ ପଦାକୁ ଆସିଲା ରେଳ ଅଧିକାରୀ ନୁହେଁ ବରଂ ଠକେଇ ପାଇଁ ଏପରି ଛିଞ୍ଚାଇଥିଲା ଜାଲ। ଶେଷରେ ରେଳ ବିଭାଗରେ ଚାକିରି ଦେବ କହି ୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ। ଏନେଇ କମିସନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗିରଫ ଅଭିଯୁକ୍ତ ନାମ ହେଉଛି ଅନିଲ କୁମାର ଦାସ। ଘର ଗୋବର ଘାଟ ଜଳେଶ୍ୱର, ବାଲେଶ୍ୱରରେ। ସେ ରହୁଥିଲା ମଞ୍ଚେଶ୍ୱର ଥାନା ଚକେସିଆଣି ଅଞ୍ଚଳରେ। ଅନେକ ସମୟରେ ବାଣିବିହାର ଓ ଭିଏସସ ନଗର ଅଞ୍ଚଳରେ ବୁଲାବୁଲି କରି ରେଳ ବିଭାଗରେ ଚାକିରି କରୁଥିବା ପରିଚୟ ଦେଉଥିଲା। ଏପରିକି ରେଲୱେ ବିଭିନ୍ନ କର୍ମଚାରୀ



ଆସୋସିଏସନର ସଭାପତି ଓ ସମ୍ପାଦକ ବୋଲି ମଧ୍ୟ ନିଜକୁ ପରିଚିତ କରିଥିଲା। ତେବେ ରେଳ ବିଭାଗରେ ଅଧିକାରୀ କହି ଅନେକ ପିଲାଙ୍କୁ ମଧ୍ୟ ରେଳ ବିଭାଗରେ ରଖାଇଦେବ କହି ସେମାନଙ୍କୁ ଚାକିରି ଆଶା ଦେଖାଉଥିଲା।

ତେବେ ସତ୍ୟାନନ୍ଦ ମଲ୍ଲିକ ନାମକ ଅଭିଯୋଗକାରୀଙ୍କୁ ଗ୍ରୁପ-ଡିରେ ଚାକିରି କରାଇଦେବା କହି ତା ଠାରୁ ୫ଲକ୍ଷ ୧୩ ହଜାରଟଙ୍କା ନେଇଥିଲା। ପରେ ସତ୍ୟାନନ୍ଦକୁ ଆଜି କାଲି ହେଇଯିବ ଅଫର୍ ଲେଟର ଆସିବ। ବଡ଼ ଅଧିକାରୀ ଛୁଟିରେ ଅଛି କହି ଏଇଭଳି ଭାବରେ ସମୟ ଗଡ଼ାଇ ଚାଲିଥାଲା। ଏପରିକି ସତ୍ୟାନନ୍ଦ ଜାଣି ପାରିଥିଲେ ଯେ ଏହି ଠକ ଚାକିରି କରାଇପାରିବ ନାହିଁ। ତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ଏନେଇ ପ୍ରଥମରେ ୧ଲକ୍ଷ ୯୮ ହଜାର ଟଙ୍କା ଫେରସ୍ତ କରିଥିଲା ଅଭିଯୁକ୍ତ। ପରେ ଆଉ ଧରାଛୁଆଁ ଦେଉନଥିଲା। ବଡ଼ ଅଧିକାରୀଙ୍କୁ ଟଙ୍କା ଦେଇଛି ସେମାନେ ଫେରାଉ ନାହାନ୍ତି କହି ସମୟ ଗଡାଇ ଚାଲିଥିଲା। ଏନେଇ ମୈତ୍ରିବିହାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାକୁ ଟ୍ରାକ କରି ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ସମାନ ଢଙ୍ଗରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଧ୍ୟ ଜଣେ ପୂର୍ବତନ ସେନା କର୍ମଚାରୀଙ୍କୁ ମଧ୍ୟ ଠକିଥିବା ଅଭିଯୋଗ ରହିଛି ଅଭିଯୁକ୍ତ ବିରୋଧରେ। ତେଣୁ ସେ ଏପରି ଅନେକ ଲୋକଙ୍କୁ ଠକିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଆଶାୟୀମାନଙ୍କୁ ଏପରି କେହି ଚାକିରି ପାଇଁ ଟଙ୍କା ମାଗୁଥିଲେ ସେମାନଙ୍କ ଚାଲରେ ପଡନ୍ତୁ ନାହିଁ। ନଚେତ ଆପଣ ଟଙ୍କା ହରାଇ ପାରନ୍ତି। ସେମାନଙ୍କ ଠକାମିରେ ଆସିପାରନ୍ତି। ତେଣୁ ଏଭଳି ଘଟଣା ଅନେକ ସାମ୍ନାକୁ ଆସୁଛି। ଚାକିରି ଆଶାରେ ଅନେକ ପିଲାଙ୍କୁ ଠକେଇ କରୁଛନ୍ତି ଠକ ମାନେ।

## ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯୁବକ ମୃତ

**ଧୂଷୁରୀ,୨୫।୫(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ପୀଠ ଆରଡିରେ ଜଣେ ଯୁବକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଉକ୍ତ ଯୁବକ ଜଣଙ୍କ ଏଠାକାର ଶିବଗଙ୍ଗା ପୁଷ୍କରିଣୀରେ ଗାଧୋଉଥିବା ସମୟରେ ବୁଡ଼ିଯାଇ ଆଜି ମୃତ୍ୟୁବରଣ କରିଛନ୍ତି। ପୋଖରୀରେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଏପରି ଅଘଟଣ ଘଟିଛି। ମୃତ୍ୟୁବରଣ କରିଥିବା ଯୁବକ ଜଣଙ୍କ ଧାମନଗର ଥାନା ଅଧୀନସ୍ଥ ସୋହଡା ଗ୍ରାମର ଦେବବ୍ରତ ମିଶ୍ର ଓ ତାଙ୍କ ବୟସ ୨୧ ବର୍ଷ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଦେବବ୍ରତ ତାଙ୍କର ୩ ଜଣ ସାଙ୍ଗଙ୍କ ସହ ଆଜି ପ୍ରାତଃ ସାଢ଼େ ୬.୩୦ଟା ସମୟରେ ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିସିଏର ଛାତ୍ର ଥିଲେ। ଖବର ପାଇ ଆରଡି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ପୁଲିସ୍ ମୃତ୍ୟୁ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି।

## ମହିଳାଙ୍କ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

### ଷଡ଼ଯନ୍ତ୍ର ପୂର୍ବକ ହତ୍ୟା ଅଭିଯୋଗ

**ଧରାକୋଟ,୨୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ପୋଡ଼ାପଲି ଗ୍ରାମରେ ଜନୈକା ମହିଳାଙ୍କ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଏହାକୁ ପରିବାର ଲୋକେ ଷଡ଼ଯନ୍ତ୍ର ପୂର୍ବକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପଙ୍କଜ ପ୍ରଧାନ ନାମ୍ନୀ ଉକ୍ତ ମହିଳାଙ୍କ ଘରକୁ କୌଣସି କାମରେ ଯୁବକ ଜଣଙ୍କ ଆସିଥିଲେ ହେଁ ସେଠାରୁ ତାଙ୍କ ମୃତଦେହ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଯୁବକ ଜଣଙ୍କ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାଲିଆସରା ଗ୍ରାମର ବିଜୟ ପୋଲାଇଙ୍କ ପୁତ୍ର ସୀମାଞ୍ଚଳ(୨୬) ବୋଲି ଜଣାପଡ଼ିଛି। ଏନେଇ ମୃତ ସୀମାଞ୍ଚଳଙ୍କ ଭାଇ ନିରଞ୍ଜନ ଧରାକୋଟ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ସୀମାଞ୍ଚଳ ଶନିବାର ଧାର ଟଙ୍କା ମାଗିବା ସକାଶେ ପୋଡ଼ାପଲି ଯାଉଥିବା କହି ଘରୁ ବାହାରି ଆସିଥିଲେ। କିନ୍ତୁ ସନ୍ଧ୍ୟାରେ ଉକ୍ତ ମହିଳା ଫୋନ କରି ତାଙ୍କ ଭାଇ ପୋଡ଼ାପଲି ପଙ୍କଜଙ୍କ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ତାଙ୍କ ଭାଇଙ୍କର କୌଣସି ସ୍ୱାଭାବିକ ମୃତ୍ୟୁ ହୋଇନାହିଁ, ବରଂ ତାଙ୍କୁ ହତ୍ୟା କରିବା ସକାଶେ ସ୍ୱତନ୍ତ୍ର ଷଡ଼ଯନ୍ତ୍ର ହୋଇଥିବା ନିରଞ୍ଜନ ଅଭିଯୋଗ କରିବା ସହ ଏନେଇ ପୁଲିସ୍ ଉପଯୁକ୍ତ ତଦନ୍ତ ପୂର୍ବକ ହତ୍ୟାକାରୀକୁ ଗିରଫ କରିବା ସକାଶେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୀମାଞ୍ଚଳଙ୍କ ମୃତ୍ୟୁ ଖବର ପାଇ ଧରାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ପୁଲିସ୍ ସୀମାଞ୍ଚଳଙ୍କ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇ ତଦନ୍ତ ଜାରି ରଖିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସମ୍ପୃକ୍ତ ମହିଳାଙ୍କ ସହ ସୀମାଞ୍ଚଳଙ୍କର କ'ଣ ସମ୍ପର୍କ ଥିଲା ? ସୀମାଞ୍ଚଳଙ୍କଠାରୁ ମହିଳା ଜଣଙ୍କ ଟଙ୍କା ଧାର ଆଣିଥିଲେ କାହିଁକି ? ସୀମାଞ୍ଚଳଙ୍କ ସହ ତାଙ୍କର ସୁସମ୍ପର୍କ ସୃଷ୍ଟି ହେଲା କିପରି ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ଦିଗରେ ପୁଲିସ୍ ପ୍ରଯତ୍ନ ହେବାକୁ ନିରଞ୍ଜନ ନିବେଦନ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ପୁଲିସ୍‌ର ଉପଯୁକ୍ତ ତଦନ୍ତ ଏହିସବୁ ରହସ୍ୟ ଉପରୁ ପରଦା ହଟାଇପାରିବା ଆଶା ରହିଛି।

## ପାକିସ୍ତାନ ଜିନ୍ଦାବାଦ କହି ବନ୍ଧାହେଲେ ୨ ଯୁବକ

**କଟକ, ୨୫।୫ (ସଂଚାର ବ୍ୟୁରୋ) :** ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଦୁଇ ଓଡ଼ିଆ ଯୁବକ ଗିରଫ ହୋଇଛନ୍ତି। ଏହି ଦୁଇ ଯୁବକ ହେଲେ କଟକ ଚାଉଳିଆଗଞ୍ଜ ପୋଲିସ ମହାନଦୀ ବିହାର ଅଞ୍ଚଳର ସୌରଭ ସାହୁ ଏବଂ ଗୌତମ କୁମାର ଲେଙ୍କା। ଏନେଇ ଏସିପି କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଦୁଇ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ ଜବତ ହୋଇଛି। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

## ଓଡ଼ିଆ ଜୀବନ ଓ ଚଳଣିକୁ ପ୍ରଭାବିତ କରିଛି ଗଳ୍ପ

**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ବା ଗଳ୍ପର ଇତିହାସ ଆଜିର ନୁହେଁ। ଏହାକୁ ପିଢ଼ି ପରେ ପିଢ଼ି ଆଗକୁ ବଢ଼ାଇବାରେ ଯୁବ ଗାଳ୍ପିକ ବହୁ ପରିଶ୍ରମ ସ୍ୱୀକାର କରୁଛନ୍ତି। ଇଂରାଜୀ ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ପ୍ରଭାବ ଫଳରେ ପୂର୍ବ ପ୍ରଚଳିତ ବହୁ ଲୋକକାହାଣୀକୁ ନିଜ ରଚନାରେ ସ୍ଥାନ ଦେଇ ଜନମାନସକୁ ଯୁବ ଗାଳ୍ପିକମାନେ ଯେଉଁ ନିଜର ଲେଖକୀୟ ପରିଭାଷା ଦେଖାଇପାରିଛନ୍ତି, ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ ଆୟୋଜିତ ଯୁବ ଗାଳ୍ପିକ ସମାବେଶରେ ଆମନ୍ତ୍ରିତ ଅତିଥି ଓ ଯୁବ ଗାଳ୍ପିକମାନେ ଏପରି ମତ ଦେଇଛନ୍ତି। ଗଳ୍ପ ହେଉଛି ଗତାନୁଗତିକ ଋଜୁମାର୍ଗର ପଥିକ। ଅନ୍ତର୍ନିହିତ ବାସ୍ତବତା ଅପେକ୍ଷା ବହିଃବାସ୍ତବତା, ନୈତିକତା ଓ ଆଦର୍ଶବାଦ ଇତ୍ୟାଦିରେ ରଚିତ ଗଳ୍ପଗୁଡ଼ିକରେ ବହୁ ପ୍ରାଧାନ୍ୟ ରହିଛି। ଅନେକାଂଶରେ ଗଳ୍ପ ବର୍ଣ୍ଣନାତ୍ମକ ଓ




କାହାଣୀ ଆଧାରିତ। ବୃହତ୍ତର ଜୀବନର ବିଭିନ୍ନ ଚିତ୍ରକୁ ବିଭିନ୍ନ କଥାକାରମାନେ ଗଳ୍ପ ମାଧ୍ୟମରେ ବହୁ ଦୃଷ୍ଟାନ୍ତମାନ ଦର୍ଶାଇଥାନ୍ତି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ମିହିର କୁମାର ସାହୁ, ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର ଅରବିନ୍ଦ ରାୟ, ସୁସାହିତ୍ୟିକା ଡକ୍ଟର ହିରଣ୍ମୟୀ ମିଶ୍ରଙ୍କ ସହ ନାଟ୍ୟକାର ଶରତ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ପାରମ୍ପରିକ ଭାବରେ ଏହି ଯୁବ ଗାଳ୍ପିକ ସମାବେଶରେ ଆମନ୍ତ୍ରିତ ଅତିଥି, ଯୁବ ଗାଳ୍ପିକ ଓ ଗାଳ୍ପିକାଙ୍କ ସଦୟ ଯୋଗଦାନକୁ ଭୂୟସୀ ପ୍ରଶଂସା କରିବା ସହ ଗଳ୍ପର ସଂଜ୍ଞାକୁ କିପରି କଥାକାରମାନେ ପ୍ରାଧାନ୍ୟ ଦେଇପାରିଛନ୍ତି ସେ ସମ୍ପର୍କରେ କହିଥିଲେ। ସମାବେଶରେ ଶତାଧିକ ଯୁବ ଗାଳ୍ପିକ ବିଭିନ୍ନ ବିଷୟବସ୍ତୁ ଆଧାରରେ ନିଜ ନିଜର ମନ୍ତବ୍ୟ ଦେଇଥିଲେ। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଲସିଂହ ଗଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ● ଜାରକାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ବସଷ୍ଟାଣ୍ଡରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି

**ଧର୍ମଶାଳା,୨୫।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଜାରକା ବସ୍‌ଷ୍ଟାଣ୍ଡରେ ବର୍ଷା ପ୍ରଭାବରେ ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ଅନେକ ସ୍ଥାନରେ ଜମା ହୋଇ ରହିଛି ବର୍ଷା ପାଣି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଅଞ୍ଚଳ ଜିଲ୍ଲାର ପ୍ରମୁଖ ଅଞ୍ଚଳରେ ଗଣତି ହେଉଥିବା ବେଳେ କିଛି ଦିନ ତଳେ ଏହା ଏନ୍‌ଏସି ମାନ୍ୟତା ବି ପାଇଛି। ବ୍ୟବସାୟ, ଶିକ୍ଷା, ସାସ୍ଥ୍ୟ ଓ ଶିଳ୍ପ କ୍ଷେତ୍ରରେ ଏହା ବହୁ ପାଦ ଆଗକୁ ବଢ଼ିଥିବା ବେଳେ ଜାରକାରେ ସଠିକ ଭାବେ କାମ କରୁନି ଡ୍ରେନେଜ ବ୍ୟବସ୍ଥା। ଯାହାର ବିକଳ ଚିତ୍ର ବର୍ଷା ହେଲେ ପଦାକୁ ଆସିଥାଏ। କିନ୍ତୁ ପ୍ରଶାସନ ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନଥିବା ପ୍ରତୀୟମାନ ହେଉଛି। ଗତ ଦୁଇ ଦିନ ହେବ ଏହି ଅଞ୍ଚଳରେ ବର୍ଷା ହେଉଥିବା ବେଳେ ବର୍ଷା ହୋଇ ଛାଡ଼ିଯିବା ପରେ ବି ଜାରକାର ବିଭିନ୍ନ ସ୍ଥାନର ରାସ୍ତାରୁ ଯାଉନି ବର୍ଷା ପାଣି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଜାରକା ଅଞ୍ଚଳର ଗଳିକନ୍ଦିରେ ଡ୍ରେନ୍‌ର ବ୍ୟବସ୍ଥା



କରାଯାଇଛି, କିନ୍ତୁ ଏସବୁ କୌଣସି କାମରେ ଆସୁ ନ ଥିବା ଆଜିର ଚିତ୍ର ପ୍ରମାଣ କରିଛି। ଫଳରେ ବସ୍‌ଷ୍ଟାଣ୍ଡରେ ଜମା ହୋଇ ରହିଛି ବର୍ଷାପାଣି। ଏହାର ପାର୍ଶ୍ୱରେ ଡ୍ରେନ୍ ଥିଲେ ବି ଏହାକୁ ସଫା କରା ନ ଯିବା ଫଳରେ ଜାମ୍ ହୋଇ ପଡ଼ିରହିଛି ଡ୍ରେନ୍। କେବଳ ଜାରକା ବସ୍‌ଷ୍ଟାଣ୍ଡ ନୁହେଁ, ବରଂ ଜାରକାର ବିଭିନ୍ନ ସ୍ଥାନରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ମଧ୍ୟ ବିପଦପୂର୍ଣ୍ଣ ଭାବେ ଡ୍ରେନ୍‌ଗୁଡ଼ିକ ମୁକୁଳା ହୋଇ ପଡ଼ିରହିଛି।

## ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ



**ରାଉରକେଲ, ୨୫।୫ (ସଂଚାର ବ୍ୟୁରୋ) :** ରାଉଲକେଲା ରେଳ ଷ୍ଟେସନ ନିକଟସ୍ଥ ବନ୍ଧମୁଣ୍ଡାର ରେଲୱେ ୟାର୍ଡରେ ମାଲବାହୀ ଡି-ରେଲ୍ । ଟ୍ରେନର ୧୨ଟି ବଗି ରେଳଧାରଣାରୁ ଲାଇନଚ୍ୟୁତ ହୋଇଛି । ଖବର ପାଇ ରେଳ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିନ୍ତି । ତେବେ ଏହି ଦୁର୍ଘଟଣା କିଭଳି ଘଟିଲା ସେନେଇ ଏକ ଯାଞ୍ଚ କମିଟି ଗଠିତ କରାଯାଇଛି । ମାଲବାହୀ ଲାଇନଚ୍ୟୁତ ପରେ ରେଲଓ୍ୱେ ୟାର୍ଡକୁ ଅନ୍ୟ ଟ୍ରେନ୍ ଗୁଡ଼ିକ ଯାତାୟାତ ବନ୍ଦ ରହିଛି । ବର୍ତ୍ତମାନ ସେଠାରେ ଲାଇନକୁ କ୍ଲିୟର କରାଯାଉଛି । ସୂଚନା ମୁତାବକ, ରବିବାର ସକାଳେ ମାଲବାହୀ ଟ୍ରେନ୍‌ଟି ୟାର୍ଡରୁ ଝାଡ଼ଖଣ୍ଡ ଯିବାର ଥିଲା। ୟାର୍ଡରୁ ବାହାରିବା ବେଳେ ଟ୍ରେନର ୧୨ଟି ବଗି ଧାରଣାରୁ ଖସିଯାଇଥିଲା। ତେବେ କେଉଁ କାରଣ ଦୁର୍ଘଟଣା ଘଟିଛି ତାହା ଜଣାପଡିନାହିଁ । ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି ।

## ପେଟ୍ରୋଲ ପମ୍ପ୍ ପାଇଁ ନେଇଥିଲା ୨୦ଲକ୍ଷ, ବିହାରରୁ ଗିରଫ ହେଲା ଠକ

**କଟକ, ୨୫।୫ (ସଂଚାର ବ୍ୟୁରୋ) :** ପେଟ୍ରୋଲ ପମ୍ପ୍ ଖୋଲାଇଦେବାକୁ କହି ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ଲକ୍ଷ ଠକିଥିବା ଠକକୁ ଗିରଫ କରିଛି ସାଇବର ଥାନା ପୁଲିସ। ସୂଚନାଥାଉକି, ଭୁବନେଶ୍ୱରରେ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ଖୋଲିବାକୁ କହି ପଳାସୁଣି ଅଞ୍ଚଳର ସାରଦା ପ୍ରସନ୍ନ ରାଉତରାୟଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇଥିଲା ସାଇବର ଠକ ସତିଶ କୁମାର । ଚେକ୍ ମାଧ୍ୟମରେ ଏହି ଟଙ୍କା ନେବା ପରେ ଠକ ବିହାର ଚାଲିଯାଇଥିଲା। ତେବେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଥିଲା ସାଇବର ଥାନା ପୁଲିସ। ସାଇବର ଥାନା ପୁଲିସର ସବ ଇନ୍ସପେକ୍ଟର ଶୁଭଶ୍ରୀ ନାୟକ ଏବଂ ଦୁଇ କନଷ୍ଟେବଲଙ୍କ ଏକ ସ୍ୱତନ୍ତ୍ର ଟିମ୍ ବିହାର ନବାଦ ଅଭିମୁଖେ ଯାଇଥିଲେ। ପ୍ରାୟ ୬ ଦିନର ଅପରେସନ ପରେ ବିହାରର ନବାଦ ଅଞ୍ଚଳରୁ ଗିରଫ ହୋଇଥିଲା ଏହି ସାଇବର ଠକ। ତା' ନିକଟରୁ ୬ଟି ମୋବାଇଲ ଫୋନ୍, ବ୍ୟାଙ୍କ୍ ପାସ୍ ବୁକ୍, ସିମ୍, ଲାପଟପ୍ ଜବତ ହୋଇଛି।

## ସ୍ମାର୍ଟସିଟି କିଓସ୍କ ହେବ ବିଜ୍ଞାପନ ଖୁଣ୍ଟ

**ଭୁବନେଶ୍ୱର,୨୫।୫:** ସ୍ମାର୍ଟସିଟି ଅର୍ଥରେ ରାଜଧାନୀରେ ସ୍ଥାପନ ହୋଇଥିବା କିଓସ୍କ ପାଲଟିବ ବିଜ୍ଞାପନ ଖମ୍ବ । ଏଥିରୁ ଅର୍ଥ ଆଦାୟ କରିବାକୁ ଏବେ ଲକ୍ଷ୍ୟ ରଖିଛନ୍ତି ସରକାର ।

ଏହି କିଓସ୍କ ସ୍ଥାପନ ସମୟରେ ଲକ୍ଷ୍ୟ ଥିଲା ଏହା ଜରିଆରେ ଲୋକେ ସମସ୍ତ ପ୍ରକାର ବିଲ୍ ପଇଠ ସହିତ ସୂଚନା ପାଇପାରିବେ । ହେଲେ କୋଟି କୋଟି ଟଙ୍କାର ବ୍ୟୟରେ ଏହାକୁ ସ୍ଥାପନ ସମୟରେ ଆଗପଛ ବିଚାରିଲେ ନାହିଁ। ଏହାକୁ ଲୋକେ ବ୍ୟବହାର କରିବେ କି ନାହିଁ ତାହାର ବି କୌଣସି ସର୍ଭେ ହେଲାନାହିଁ । ଏବେ ସ୍ମାର୍ଟସିଟି ଅବଧି ସରିବାରୁ ଏଗୁଡିକୁ କ'ଣ କରାଯିବ ତାହାକୁ ନେଇ ଆଲୋଚନା ଚାଲିଛି ।

ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାଜଧାନୀ ୨୫ଟି ସ୍ଥାନରେ ଏଭଳି ସ୍ମାର୍ଟ କିଓସ୍କ ସ୍ଥାପନ କରିଥିଲେ। ଏଥିରେ ଇଣ୍ଟରନେଟ୍ ସଂଯୋଗ ସହିତ ଟଚ୍ ସ୍କ୍ରିନ୍ ରହିଥିଲା । ଏହା ଜରିଆରେ ରାଜଧାନୀବାସୀ ପାଣି ବିଲ୍ ଠାରୁ ଆରମ୍ଭ କରି ବିଜୁଳି ବିଲ୍ ପର୍ଯ୍ୟ ପଇଠ କରିପାରିବେ ବୋଲି କୁହାଯାଇଥିଲା । ଯେଉଁମାନେ କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ମାଧ୍ୟମରେ ଏହା ଜରିଆରେ ବିଲ୍ ପଇଠ କରିବେ ସେଥିପାଇଁ ବ୍ୟବସ୍ଥା ଥିଲା । ରାଜଧାନୀର ପ୍ରମୁଖ ସ୍ଥାନଗୁଡିକରେ ଏହା ସ୍ଥାପନ ହୋଇଥିଲା । ସ୍ଥାପନ ପରେ ଏଥିପ୍ରତି ଲୋକେ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ। ହେଲେ ଅନେକ ଏହାକୁ ସହଜରେ ଚଳାଇ ପାରିଲେ ନାହିଁ। ସିସିଟିଭି ସଂଯୋଗ ସତ୍ତ୍ୱେ ବି ଅଳ୍ପଦିନ ପରେ ଲୋକେ ଏଥିରୁ କିଛି ସାମଗ୍ରୀ ଚୋରାଇନେଲେ । ଏପରିକି କାର୍ଡ ଭର୍ତ୍ତିକରିବା ସ୍ଥାନରେ ତାର



ଓ କାଠି ଆଦି ଭର୍ତ୍ତିକଲେ । ଅଳ୍ପ ଦିନ ପରେ ଏହି କିଓସ୍କ ଖରାପ ହୋଇଗଲା। ହେଲେ କର୍ତ୍ତୃପକ୍ଷ ତାକୁ ଆଉ ଚଳାଇଲେ ନାହିଁ ।

ବର୍ତ୍ତମାନ ସ୍ମାର୍ଟସିଟି ଅବଧି ସରୁଥିବାରୁ ଏଗୁଡିକୁ କ'ଣ କରାଯିବ ସେଥିପାଇଁ ଆଲୋଚନା ହୋଇଥିଲା। ଏଥିରୁ ଜଣାପଡିଛି ଯେ ଏହି କିଓସ୍କ ସ୍ଥାପନ ପରେ ସହରରେ ଜିଓ ପ୍ରବେଶ କରିବା ସହିତ ମାଗଣା ଇଣ୍ଟରନେଟ୍ ଡାଟା ଏହାର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା । ଲୋକେ ଆଉ ଏହାକୁ ବ୍ୟବହାର କଲେ ନାହିଁ ।

ଯେହେତୁ ଏହି କିଓସ୍କଗୁଡିକ ପ୍ରମୁଖ ସ୍ଥାନଗୁଡିକରେ ଛିଡା ହୋଇଛି ତେଣୁ ଏଥିରୁ କିଛି ରାଜସ୍ୱ ଆଦାୟ ପାଇଁ କର୍ତ୍ତୃପକ୍ଷ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କିଓସ୍କଗୁଡିକୁ ପିପିପି ମୋଡ୍‌ରେ ବିଜ୍ଞାପନ ଖୁଣ୍ଟରେ ରୂପାନ୍ତରଣ କରାଯିବାପାଇଁ ପ୍ରସ୍ତାବ ରହିଛି । ଏହାଦ୍ୱାରା ରାଜସ୍ୱ ମିଳିବା ସହିତ ଏହାର ରକ୍ଷଣା ବେକ୍ଷଣ ହୋଇପାରିବ । ସହରର ବିଭିନ୍ନ ସ୍ଥାନରେ ଖୋଲା ସ୍ଥାନରେ ୨୫ଟି କିଓସ୍କ ସ୍ଥାପନ ହୋଇଥିବାବେଳେ ଆଉ ୫୦ଟି ଇନ୍‌ଡୋର୍ କିଓସ୍କ ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଛି । ଏଗୁଡିକୁ ମଧ୍ୟ ପିପିପି ମୋଡରେ ବିଜ୍ଞାପନ କାମରେ ଲଗାଇବାକୁ ସ୍ଥିର ହୋଇଛି । ପ୍ରସ୍ତାବ ଅନୁଯାୟୀ ଏହି ପ୍ରକଳ୍ପ ଲାଗି ୬.୧୬ କୋଟି ଟଙ୍କା ବ୍ୟୟ ହେବ ଏବଂ ରକ୍ଷଣା ବେକ୍ଷଣ ବାବଦରେ ଆଉ ୧.୨୦ କୋଟି ଟଙ୍କା ଆବଶ୍ୟକ ହେବ ।

ତେବେ ସ୍ମାର୍ଟସିଟି ଯୋଜନାରେ ଲାଗିଥିବା ଏହି ଅଚଳ କିଓସ୍କଗୁଡିକରୁ ସରକାର କିଭଳି ରାଜସ୍ୱ ଆଦାୟ କରୁଛନ୍ତି ଓ ଏହି ଯୋଜନା କେତେ ଫଳପ୍ରଦ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ସୋମବାର ୨୬ ମେ ୨୦୨୫, ଭୁବନେଶ୍ୱର
Monday 26 May 2025, Bhubaneswar


# ଛାତ୍ର ଆତ୍ମହତ୍ୟା ନେଇ ଉଦବେଗ

ରାଜସ୍ଥାନର କୋଟା ହେଉଛି ଭାରତର କୋଚିଂ ସେଣ୍ଟର। ଏଠାରେ ଦେଶର ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରମାନେ ଆସି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ବା ପ୍ରବେଶିକା ନିମନ୍ତେ କୋଚିଂ ନିଅନ୍ତି ବା ପ୍ରସ୍ତୁତ ହୁଅନ୍ତି। ଅନେକ ସଫଳ ମଧ ହୁଅନ୍ତି। ଏଠାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ବିଶେଷ କରି ଜେଇଇ ଏବଂ ନିଟ ନିମନ୍ତେ ଭଲ ଶିକ୍ଷକମାନେ ଉନ୍ନତ ମାନର କୋଚିଂ ପ୍ରଦାନ କରନ୍ତି। କିନ୍ତୁ ସବୁ ଛାତ୍ର ଛାତ୍ରୀ ଏଥିରେ ସଫଳ ହୁଅନ୍ତି ନାହିଁ। ଅନେକ କୋଟାରେ କୋଚିଂ ନେଲେ ମଧ ପ୍ରବେଶିକାରେ ସଫଳ ହୁଅନ୍ତି ନାହିଁ। ଏଥିପାଇଁ କିଛି ଛାତ୍ରଛାତ୍ରୀ ନିଜ ଆଶାନୁରୂପ ସଫଳତା ପାଇନଥିବା ହେତୁ ଆତ୍ମହତ୍ୟା କରୁଛନ୍ତି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଛାତ୍ର ଆତ୍ମହତ୍ୟା ରୋକିବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଛନ୍ତି। କାରଣ ଏହା ଏକ ଜାତୀୟ ସମସ୍ୟା ଏବଂ ନିଶ୍ଚିତ ଭାବେ ଚିନ୍ତାର କାରଣ। ଦେଶର ଯୁବପୀଢ଼ୀଙ୍କୁ ନୈରାଶ୍ୟରୁ ଉଦ୍ଧାର କରିବା ନିହାତି ଜରୁରୀ। ଏଠାରେ କହି ରଖିବା ଉଚିତ ହେବ ଯେ, ଗୁଣାତ୍ମକ ଦୃଷ୍ଟିରୁ ଉନ୍ନତ ପରୀକ୍ଷା କହିଲେ କେବଳ ସ୍କୁଲ-କଲେଜରେ ହେଉଥିବା ପରୀକ୍ଷାକୁ ବୁଝାଏ ନାହିଁ, କିମ୍ବା ଡିଗ୍ରୀ ବା ସାର୍ଟିଫିକେଟ ହାସଲ ନିମନ୍ତେ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ। ଚାକିରୀ ପାଇଁ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ ବା ଏଥିରେ ବିଫଳତା ଜୀବନର ବିଫଳତାକୁ ବୁଝାଏ ନାହିଁ। ଡିଗ୍ରୀ ପାଇଁ ବା ଚାକିରୀ ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳତା ସତ୍ତ୍ୱେ ଅନେକ ଜୀବନରେ ବିରାଟ ସଫଳତା ପାଇଛନ୍ତି। ତେଣୁ ସ୍କୁଲ-କଲେଜ ପରୀକ୍ଷାରେ ବିଫଳତା ପାଇଁ ଭାଙ୍ଗି ପଡ଼ିବା ଏବଂ ଜୀବନ ବ୍ୟର୍ଥ ହୋଇଗଲା ବୋଲି ଭାବିବା ଅନୁଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ଏବେ ଅଧିକାଂଶ ଛାତ୍ରଛାତ୍ରୀ ବା ଯୁବକ ଯୁବତୀ ଏହି ଚିନ୍ତାଧାରା ରଖୁଛନ୍ତି। ତାମିଲନାଡ଼ୁର ଜଣେ ଛାତ୍ରୀ ମେଡିକାଲ କଲେଜରେ ଆଡମିଶନ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଆତ୍ମହତ୍ୟା କରିଛନ୍ତି। ପ୍ରତି ବର୍ଷ ମାଟ୍ରିକ, ଯୁକ୍ତ ଦୁଇ ବା ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏବେ ଅବଶ୍ୟ ପରୀକ୍ଷାରେ ଆଉ ପ୍ରାୟ କେହି ଫେଲ ହେଉ ନାହାଁନ୍ତି। ତେଣୁ ଆତ୍ମହତ୍ୟା ହାର କମିଛି। କିନ୍ତୁ ତଥାପି ଏହା ଜାରି ରହିଛି। ଅନେକ ସମୟରେ ନିଜ ପିତା-ମାତାଙ୍କ ଆଶା ଆକାଂକ୍ଷା ପୂରଣ କରିନପାରିବା ଦୁଃଖରେ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଏହାକୁ ରୋକିବା ଶିକ୍ଷକ ଏବଂ ଅଭିଭାବକଙ୍କର ଦାୟିତ୍ୱ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧାପକ/ ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧରୁ ଅନେକ ସଫଳତା ମଧ ପାଆଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ ମେଧାବୀ ଏବଂ ଅଧବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧରେ ପ୍ରତିଯୋଗିତା ମଧ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୌଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ। ଛାତ୍ର ସମାଜକୁ ନୈରାଶ୍ୟମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଜୀବନର ଅର୍ଥ ବ୍ୟାପକ। ଜଣେ ବ୍ୟକ୍ତିର ବୁଦ୍ଧି ଏବଂ ସଫଳତା ଏହାର ଡିଗ୍ରୀ ମାଧମରେ ହିସାବ କରାଯାଏନି। କେବଳ ବଡ଼ ବଡ଼ ଡିଗ୍ରୀ ହାସଲ କରିଦେଲେ ବା ବଡ଼ ଚାକିରୀ କଲେ ଜୀବନ ସଫଳ ହେଲା ଏବଂ ସେହି ଛାତ୍ରଜଣକ ସବୁ କିଛି ସଫଳତା ହାସଲ କରିଲେ ବୋଲି କୁହାଯାଇପାରିବ ନାହିଁ। ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରି ଏକ ମହତ୍ୱପୂର୍ଣ୍ଣ ଜୀବନ ଯାପନ କରିବା ସବୁଠାରୁ ବଡ଼ ଲକ୍ଷ୍ୟ ହେବା ଉଚିତ।

# ବିଶ୍ୱକୁ ନଚାଇ ପାରୁଛନ୍ତି ଟ୍ରମ୍ପ ?




ଗୋପାଳ ମହାପାତ୍ର


ଆମେରିକାର ରାଷ୍ଟ୍ରପତି ସାରା ଦୁନିଆର ସ୍ୱୟଂଭୁ ରାଜା? କେହି ମାନନ୍ତୁ ବା ନମାନନ୍ତୁ କିଛି ଫରକ୍ ନାହିଁ ଡ଼ୋନାଲଡ୍ ଟ୍ରମ୍ପ ଦୁନିଆର ବସ୍ ଅଟନ୍ତି, ଦୁନିଆର ସ୍ୱୟଂଭୁ ରାଜା ଅଟନ୍ତି। ସାରା ବିଶ୍ୱକୁ ସେ ଯେମିତି ଚାହିଁବେ ନଚେଇ ପାରିବେ ଏପରିକି ତାଙ୍କ କଥାକୁ ମାନିବା ପାଇଁ ବାଧ କରାଇପାରିବେ। ତାଙ୍କ ପାଖରେ ଅନେକ ଅମୋଘ ଅସ୍ତ୍ର ଶସ୍ତ୍ର ରହିଛି, ନୀତି ଏବଂ କୂଟନୀତି ମଧ ଅଛି ଯାହାଦ୍ୱାରା ସେ ଦୁନିଆକୁ ନିୟନ୍ତ୍ରିତ କରୁଛନ୍ତି, ଦଣ୍ଡିତ କରୁଛନ୍ତି ଏବଂ ତାଙ୍କ ସାମନାରେ ନତମସ୍ତକ ହେବା ପାଇଁ ବାଧ କରାଉଛନ୍ତି। ଟ୍ରମ୍ପଙ୍କୁ ଚାଲେଞ୍ଜ କରିବା ଲୋକ ସମୂଳେ ନିପାତ ହୋଇଯାଉଛନ୍ତି। ଟ୍ରମ୍ପଙ୍କୁ ଆଖି ଦେଖାଉଥିବା ଦେଶକୁ ମଧ ସେ ବିବଶ କରିଦେଇ ପାରୁଛନ୍ତି। ସେ କେବେ ଭାବୁନାହାଁନ୍ତି ଯେ ତାଙ୍କ ବକ୍ତବ୍ୟ ବା କାର୍ଯ୍ୟର କ'ଣ ପ୍ରଭାବ ପଡୁଛି। ତାଙ୍କ କାର୍ଯ୍ୟ ପାଇଁ ଆମେରିକାର ସ୍ୱାର୍ଥ ହାନୀ ମଧ ହୋଇପାରେ କିନ୍ତୁ ସେ କଥାକୁ ଟ୍ରମ୍ପଙ୍କ ଖାତିର ନାହିଁ। ସେ କେବଳ ହିଁ କେବଳ ନିଜ ସ୍ୱାର୍ଥ କଥା ହିଁ ଦେଖୁଛନ୍ତି। ଦୁନିଆକୁ ନିଜ ଇସାରାରେ ନଚାଇବା ତାଙ୍କର ଭାରି ପସନ୍ଦ। ଏକ ବଡ଼ ପ୍ରଶ୍ନ ଉଠିପାରେ ଯେ ଟ୍ରମ୍ପଙ୍କ ଏହି ଶକ୍ତି ଓ ବ୍ୟକ୍ତିତ୍ୱ କ'ଣ କେବଳ ନକାରାତ୍ମକ, କ'ଣ ସକାରାତ୍ମକ ନୁହେଁ? କ'ଣ ଟ୍ରମ୍ପଙ୍କ ନୀତି ଦୁନିଆର ଶାନ୍ତି ଏବଂ ସମୃଦ୍ଧି ପାଇଁ ଉପଯୋଗୀ ନୁହେଁ? କ'ଣ ମୁସଲିମ ଆତଙ୍କବାଦକୁ ଦମନ କରିବା ଏବଂ ଏହାକୁ ବିଲୋପ କରିବା ପାଇଁ ଟ୍ରମ୍ପଙ୍କ ନୀତି ଉପଯୋଗୀ ହେଉନାହିଁ? ଏସବୁ ପ୍ରଶ୍ନର ବିଚାର ମଧ ଆବଶ୍ୟକ। ଭାରତ ଏବଂ ପାକିସ୍ଥାନ ଅଘୋଷିତ ଯୁଦ୍ଧକୁ ଉଦାହରଣ ଭାବେ ନିଆଯାଇପାରେ। ଭାରତ ଯେତେବେଳେ ଆତଙ୍କବାଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଓ ପାକିସ୍ଥାନର ଆତଙ୍କବାଦୀ କ୍ୟାମ୍ପ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ସେତେବେଳେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେଲା ଓ ପାକିସ୍ଥାନର ଅନେକ କ୍ଷତି ହେଲା। ପାକିସ୍ଥାନର ଅସ୍ତ୍ରଶସ୍ତ୍ର କ୍ଷମତା ଭାରତର ଅସ୍ତ୍ରଶସ୍ତ୍ର କ୍ଷମତା ଠାରୁ ବହୁଗୁଣରେ କମ୍ ବୋଲି ଜଣାପଡିଲା। ଏପରିକି ଭାରତର ଆକ୍ରମଣକୁ ପାକିସ୍ଥାନ ରୋକିବାରେ ଅସଫଳ ହୋଇଥିଲା। କ୍ଷତି ପରେ ମଧ ପାକିସ୍ଥାନର ମୁହଁ ଫୁଟାଣି ମାରି ଚାଲିଛି ଏବଂ ଆତଙ୍କବାଦୀଙ୍କୁ ପ୍ରୋତ୍ସାହିତ କରିଚାଲିଛି। ଏଭଳି ସମୟରେ ଡ଼ୋଲଲଡ୍ ଟ୍ରମ୍ପ ତାଙ୍କର ସକ୍ରିୟତା ଦେଖାଇଥିଲେ। ପାକିସ୍ଥାନକୁ ଯୁଦ୍ଧ ବନ୍ଦ କରିବା ପାଇଁ ରୋକ ଠୋକ୍ ବୁଝାଇଦେଲେ ଏବଂ କହିଥିଲେ ଯେ ଭାରତ ଏକ ନିଜର କ୍ଷମତା ଉପଯୋଗ କରିବାକୁ ପଛାଇବ ନାହିଁ, ଏଣୁ ଯୁଦ୍ଧ ବିରତି କର। ପାକିସ୍ଥାନର ନେତୃତ୍ୱ ଟ୍ରମ୍ପଙ୍କ କଥା ମାନି ପ୍ରସ୍ତୁତ ହୋଇଗଲେ ଏବଂ ଯୁଦ୍ଧ ବିରତି ଘୋଷଣା କଲେ। ଟ୍ରମ୍ପ ଭାରତକୁ ଯୁଦ୍ଧ ବିରତି ପାଇଁ ରାଜି କରାଇବା ସହ ଆମେରିକାରେ ବସି ଯୁଦ୍ଧ ବିରତି କଥା ଘୋଷଣା କରିଦେଲେ।

ଯୁଦ୍ଧ ବିରତି ଘୋଷଣାର ମାତ୍ର ୩ଘଣ୍ଟା ଭିତରେ ପାକିସ୍ଥାନ ଯୁଦ୍ଧବିରତକୁ ଉଲଂଘନ କଲା ଓ ଭାରତର ସମବର୍ତ୍ତୀ କେତେକ ଅଞ୍ଚଳରେ ଗୁଳିଗୋଳା ବର୍ଷଣ କଲା। ଭାରତ ମଧ ପ୍ରତିଜବାବ ଦେଲା। ପୁଣି ଟ୍ରମ୍ପ ସକ୍ରିୟତା ଦେଖାଇଲେ ଓ ପାକିସ୍ଥାନକୁ ତାଙ୍କ ରୌଦ୍ର ରୂପ ଦେଖାଇଲେ ଏପରିକି ଯୁଦ୍ଧ ବିରତି ଉଲଂଘନ କଲେ ତାର ପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ରୁହ ବୋଲି ପାକିସ୍ଥାନକୁ ଧମକ ଦେଲେ। ପାକିସ୍ଥାନ ସେନାଧକ୍ଷ ମୁନୀର ଟ୍ରମ୍ପଙ୍କ କଥା ମାନିବାକୁ ବାଧ ହେଲେ ଓ ଯୁଦ୍ଧ ବିରତି ଲାଗୁ କରିବା ପାଇଁ ବିବଶ ହୋଇଥିଲେ। ଏଭଳି ପ୍ରକାରରେ ଭାରତ- ପାକିସ୍ଥାନ ମଧରେ ଚାଲିଥିବା ଅଘୋଷିତ ଯୁଦ୍ଧ ବନ୍ଦ ହେଲା। ଯୁଦ୍ଧ ହୋଇଥିଲେ ଭାରତ ଓ ପାକିସ୍ଥାନର କ୍ଷତି ହେବା ସହ ବିଶ୍ୱ ମଧ କ୍ଷତିଗ୍ରସ୍ତ ହୋଇଥାନ୍ତା। ଟ୍ରମ୍ପଙ୍କ ଯୁଦ୍ଧ ବିରୋଧି ବୟାନ କେତେ ପରିପକ୍ୱ ଏବଂ ପ୍ରେରକ ସେକଥା ମଧ ବିଚାର କରାଯିବା ଉଚିତ୍। ଏଥିରେ ବିଶ୍ୱହିତ କେତେ ରହିଛି ସେକଥାର ମଧ ଆଲୋଚନା ଆବଶ୍ୟକ। ଟ୍ରମ୍ପଙ୍କ କହିବା ଅନୁସାରେ ବିଶ୍ୱ ସମୁଦାୟ ଏକ ସମୟରେ ୩ଟି ଯୁଦ୍ଧକୁ ସମ୍ଭାଳି ପାରିବ ନାହିଁ। ତିନି ଯୁଦ୍ଧ ଭିତରେ ଭାରତ ପାକିସ୍ଥାନ ଯୁଦ୍ଧ, ୟୁକ୍ରେନ-ଋଷ ଯୁଦ୍ଧ ଏବଂ ଇସ୍ରାଏଲ – ହମାସ ଯୁଦ୍ଧ। ଋଷ – ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ ଯୁଦ୍ଧ ଚାଲିଛି। ଭାରତ- ପାକିସ୍ଥାନ ଯୁଦ୍ଧ ହୋଇଥିଲେ ବିଶ୍ୱକୁ ଅନେକ ପ୍ରକାରର କ୍ଷତି ସହିବାକୁ ପଡିଥାନ୍ତା। ଟ୍ରମ୍ପ ଚୀନର ଚାଲ ବୁଝିପାରିଥିଲେ। ଚୀନ ପାକିସ୍ଥାନକୁ ମୋହରା କରି ବା ଆଗରେ ରଖି ଭାରତର କ୍ଷତି କରିବାକୁ ଚାହୁଁଥିଲା। ଚୀନ ଭାରତକୁ ଋଷ ଏବଂ ପାକିସ୍ଥାନକୁ ୟୁକ୍ରେନ କରିବାକୁ ଚାହୁଁଥିଲା। ଚୀନ ଏହି ଯୁଦ୍ଧରେ ମୁସଲିମ ଦେଶମାନଙ୍କୁ ପ୍ରୋତ୍ସାହିତ କରି ବା ଉସୁକାଇ ବିଶ୍ୱସ୍ତରରେ ତାର ସ୍ଥିତିକୁ ମଜଭୁତ କରିବା ପାଇଁ ଚାହୁଁଥିଲା। ଭାରତ- ପାକିସ୍ଥାନ ଯୁଦ୍ଧ ହୋଇଥିଲେ ଆମେରିକାର କିଛି କ୍ଷତି ବା ଲାଭ ହୋଇନଥାନ୍ତା। ତଥାପି ଟ୍ରମ୍ପ ହସ୍ତକ୍ଷେପ କରି ଭାରତ ଏବଂ ପାକିସ୍ଥାନ ଯୁଦ୍ଧ ବନ୍ଦ କରିଦେଲେ। ଟ୍ରମ୍ପଙ୍କୁ ଏଥିପାଇଁ ପ୍ରଶଂସା କରାଯିବା ଉଚିତ୍।



ଟ୍ରମ୍ପ ଦ୍ୱୀତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ଋଷ ଏବଂ ୟୁକ୍ରେନକୁ ଶାନ୍ତିର ପାଠ ପଢ଼ାଇଥିଲେ ଏବଂ ଯୁଦ୍ଧ ବନ୍ଦ କରିବା ପାଇଁ ପରାମର୍ଶ ମଧ ଦେଇଥିଲେ। ଋଷର ରାଷ୍ଟ୍ରପତି ଭାଦିମର ପୁତିନ ଯିଏ ନିଜକୁ ବିଶ୍ୱର ଅଜେୟ ରାଷ୍ଟ୍ରନେତା ବୋଲି ଭାବୁଥିଲେ ଏବଂ ଆମେରିକାକୁ ଧମକ ଦେଉଥିଲେ ସିଏ ମଧ ଟ୍ରମ୍ପଙ୍କୁ ଗୁରୁତ୍ୱ ଦେଲେ ଏବଂ ୟୁକ୍ରେନ ସହ ଯୁଦ୍ଧ ସମାପ୍ତ କରିବାରେ ଟ୍ରମ୍ପଙ୍କ ଭୂମିକାକୁ ସମର୍ଥନ କଲେ। ୟୁକ୍ରେନ୍‌ର ରାଷ୍ଟ୍ରପତିଙ୍କୁ ଆଲୋଚନା ପାଇଁ ଆମେରିକା ଡାକିଥିଲା। କିନ୍ତୁ ଟ୍ରମ୍ପଙ୍କ ସର୍ତ୍ତକୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ମାନିନଥିଲେ ଏଣୁ ଯୁଦ୍ଧ ଏବେ ବି ଚାଲିଛି। ଟ୍ରମ୍ପ ଜେଲେନ୍ସ୍କିଙ୍କୁ ଅସମ୍ମାନିତ କରି ବିଦା କରିଦେଲେ। ଆମେରିକା ଯଦି ୟୁକ୍ରେନକୁ ଯୁଦ୍ଧରେ ସହାୟତା କରିନଥାନ୍ତା ତେବେ ୟୁକ୍ରେନ କେବେଠାରୁ ପରାଜିତ ହୋଇ ସାରିଥାନ୍ତା। ଏପରିକି ଋଷ ୟୁକ୍ରେନ୍‌କୁ ନିଜ ଅଧିନକୁ ଆଣି ସାରନ୍ତାନି। ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତିଙ୍କୁ ଆତ୍ମ ମନ୍ଥନ ପାଇଁ ପରାମର୍ଶ ଦେଲେ। ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ଶାନ୍ତି ଆଲୋଚନା ପାଇଁ ରାଜି ହେଲେଣି। ଋଷ ମଧ ଶାନ୍ତି ପାଇଁ ଟ୍ରମ୍ପଙ୍କ ଉପରେ ଭରଷା ରଖିଛି। ଋଷ- ୟୁକ୍ରେନ ଯୁଦ୍ଧର ସମାଧାନ ଖୁବ୍ ଶୀଘ୍ର ହେବାର ଆଶଙ୍କା ରହିଛି।

ସେହିପରି ଟ୍ରମ୍ପ ଇରାନକୁ ଆଖି ଦେଖାଇଥିଲେ ଏବଂ ଇସ୍ରାଇଏ ବିରୁଦ୍ଧରେ ଗଲେ ଫଳ ଭୟଙ୍କର ହେବ ବୋଲି ଚେତାଇଥିଲେ। ଆତଙ୍କବାଦୀଙ୍କୁ ଇରାନ୍ ପ୍ରୋତ୍ସାହିତ କରୁଛି ବୋଲି କହି ସେସବୁ ବନ୍ଦ କରିବା ପାଇଁ ମଧ ଇରାନକୁ ଧମକ ଦେଇଥିଲେ ଟ୍ରମ୍ପ। ଟ୍ରମ୍ପଙ୍କ ଧମକ ପରେ ଇରାନ ଇସ୍ରାଏଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାସ କରିପାରୁନାହିଁ। ଇସ୍ରାଇଏ ନିଜର ସୁରକ୍ଷା କରିପାରିବ ଏବଂ ଏହା ସର୍ବୋପରି ବୋଲି କହିଥିଲେ ଟ୍ରମ୍ପ। ହାମାସକୁ ଚେତାବନୀ ଦେଇ ବନ୍ଧକ ମାନଙ୍କୁ ମୁକ୍ତି କରିବାକୁ କହିଥିଲେ ଟ୍ରମ୍ପ। ଟ୍ରମ୍ପ ଇସ୍ରାଇଲକୁ ଯେ କୌଣସି ପଦକ୍ଷେପ ନେବା ପାଇଁ ସ୍ୱୀକୃତି ଦେଇଛନ୍ତି ଏବଂ ସବୁପ୍ରକାର ସହଯୋଗ ପାଇଁ ମଧ ଘୋଷଣା କରିଛନ୍ତି। ଆମେରିକାର ସହଯୋଗ କାରଣରୁ ଇସ୍ରାଇଲ ଏବେ ହମାସ ଆତଙ୍କବାଦୀଙ୍କ ଅଣ୍ଟା ଭାଙ୍ଗି ଦେଇଛି, ରାଜା ପଟିକୁ ଶ୍ମଶାନରେ ପରିଣତ କରିଦେଇଛି, ହାମାସର ସାମ୍ରାଜ୍ୟକୁ ଛିନ୍ନଛତ୍ର କରିଦେଇଛି। ସବୁ ମୁସଲିମ ଦେଶମାନେ ମଧ ଇସ୍ରାଏଲ ଦେଶକୁ ଚାଲେଞ୍ଜ କରିବାରେ ଅସଫଳ ହୋଇଛନ୍ତି। ବିଶ୍ୱରେ ଏବେ ଇସଲାମିକ ଆତଙ୍କବାଦ ବ୍ୟାପିବାରେ ଲାଗିଛି ଓ ଟ୍ରମ୍ପ ଏକଥା ମଧ ଭଲଭାବରେ ଜାଣିଛନ୍ତି। ତାଙ୍କର ପ୍ରଥମ କାର୍ଯ୍ୟକାଳରେ ସେ ଇସଲାମିକ ଆତଙ୍କବାଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ପାକିସ୍ଥାନକୁ ଆମେରିକା ଦେଉଥିବା ଆର୍ଥୀକ ସହାୟତା ବନ୍ଦ କରିଦେଥିଲେ। ଆମେରିକାରେ ରହୁଥିବା ମୁସଲିମ ମାନଙ୍କୁ ଟ୍ରମ୍ପ ରାଷ୍ଟ୍ରବାଦର ପାଠ ପଢାଉଛନ୍ତି ଓ ଅନେକ ମୁସଲିମ ଆତଙ୍କବାଦୀ ସଂଗଠନ ଉପରେ ପ୍ରତିବନ୍ଧ ଲଗାଇଛନ୍ତି। ଏଥି ସହିତ ଇସ୍ରାଏଲ ଏବଂ ଆରବ ଦେଶ ମାନଙ୍କ ମଧରେ କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଁ ଉଦ୍ୟମ କରିଛନ୍ତି।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪


# ସତ୍ୟବାନ ଆଖିରେ ଲୁହ କାହିଁକି ?




ଦିପ୍ତିମୟୀ ନାୟକ


ଆଜି ସାବିତ୍ରୀ। ଆଜିର ଦିନରେ ପ୍ରତ୍ୟେକ ନାରୀ ନିଜ ସ୍ୱାମୀର ମଙ୍ଗଳ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାଆନ୍ତି। ଠାକୁରଙ୍କ ପାଖରେ ଧୂପ-ଦୀପ ଜାଳି, ଫଳ-ମୂଳ, ଶଙ୍ଖା-ସିନ୍ଦୁର, ନୂଆ ଲୁଗା ପୂଜା କରି ତାପରେ ନିଜକୁ ସଜେଇ ସ୍ୱାମୀଙ୍କୁ ପୂଜା କରି ତାଙ୍କର ଗୋଡ଼ଧୁଆ ପାଣିକି ପାଦୁକ ଭାବରେ ପାଇକି ସାବିତ୍ରୀ ବ୍ରତ ପାଳନ କରନ୍ତି ଏବଂ ନିଜ ସ୍ୱାମୀଙ୍କର ଲମ୍ବା ଆୟୁଷ ସହ ମଙ୍ଗଳ କାମନା କରିଥାଆନ୍ତି କିନ୍ତୁ ଥରେ ଭାବନ୍ତୁ ସ୍ୱାମୀଙ୍କ ପାଇଁ କଣ କେବଳ ଏହି ଦିନଟିଏ କି ଯଦି ସ୍ୱାମୀଙ୍କ ପାଇଁ ଏହି ଦିନଟିଏ ନୁହେଁ ତାହେଲେ କାହିଁକି ଗୋଟେ ସ୍ୱାମୀ ପ୍ରତ୍ୟେକ ଦିନ କାନ୍ଦେ। ଯଦିଓ ସବୁ ନାରୀ ସମାନ ନୁହଁନ୍ତି ମୁଁ ମଧ ସବୁ ନାରୀଙ୍କୁ କହୁନି କିନ୍ତୁ କିଛି ନାରୀ ମାନଙ୍କୁ କହୁଛି। ସାତ ଜନ୍ମକୁ ସାଥି ହୋଇଥିବା ଜୀବନ ସାଥି ହେଉଛନ୍ତି ସ୍ୱାମୀ। ସ୍ୱାମୀ-ସ୍ତ୍ରୀର ସମ୍ପର୍କକୁ ବହୁତ ପବିତ୍ର ସମ୍ପର୍କ କୁହାଯାଏ। ହେଲେ ଏ ପବିତ୍ର ସମ୍ପର୍କ ଭିତରେ ଆଜିର ଏ ସମାଜରେ ଧୀରେ ଧୀରେ ଦାଗ ଲାଗିବାକୁ ବସିଲାଣି। ଗୋଟେ ପୁଅ ମଧ ବାଧ ହୋଇ କୁହେ ମୁଁ ପୁଅଟିଏ ଥିଲି ଭଲଥିଲା କିନ୍ତୁ ସ୍ୱାମୀ ହେଲା ପରେ ହୁଏତ ମୋ ଭାଗ୍ୟ ମୋ ସହ ଆଉ ଗୋଟେ ଖେଳ ଖେଳିଦେଇଚାଲିଗଲା। ଏହାର ମୁଖ୍ୟ କାରଣ ସ୍ତ୍ରୀର ନାଲି ଆଖି। ବର୍ଷକ ବାର ମାସ ତିନି ଶହ ପଞ୍ଚଷଠି ଦିନ ଦିନରୁ ଗୋଟେ ଦିନ ମାତ୍ର ମୁକ୍ତି। ଥରେ ଭାବନ୍ତୁ କାହିଁକି କିଛି ସ୍ତ୍ରୀ ନିଜ ସ୍ୱାମୀଙ୍କ ପ୍ରତି ଏପରି କ୍ରୁରଭାବ ଦେଖାଇଥାନ୍ତି। ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ରାଗ, ରୁଷା, ଅଭିମାନ ଥାଏ କିନ୍ତୁ ତା ବୋଲି ନୁହେଁ ସ୍ତ୍ରୀର ଇସାରାରେ ସବୁବେଳେ ସ୍ୱାମୀଟିଏ ନାଚିବ। ନିଜ ପରିବାର ଠାରୁ ଦୂରେଇ ଯିବା।ଏକଥା କହିବାର ମାନେ ହେଲା ଆଜିର କିଛି ନାରୀ ବହୁତ ସ୍ମାର୍ଟ ସେମାନେ କେବଳ ନିଜ ଖୁସି ଚାହାଁନ୍ତି ଆଉ ନିଜ ଇସାରାରେ ନିଜ ସ୍ୱାମୀଙ୍କୁ କାଠର କଣ୍ଢେଇ କରି ସବୁବେଳେ ତାଙ୍କ ପାଖରେ ରଖିଥାନ୍ତି। ପୁଅର ଇଚ୍ଛା ଥାଏ ବାପ-ମାଙ୍କ ପାଖରେ ରହିବ କିନ୍ତୁ ସ୍ତ୍ରୀର ଇଚ୍ଛା ଥାଏ ସ୍ୱାମୀ କେବଳ ମୋ ପାଖରେ ରହିବ। ପୁଅଟିଏ କରିବ ତ କଣ କରିବ। ଅନେକ ସମୟରେ ସେ ନିଜକୁ ବି ବହୁତ ଏକୁଟିଆ ମନେକରେ ଏବଂ ଦୁଃଖରେ ଭାଙ୍ଗିପଡେ କିନ୍ତୁ ବିଚରା ସ୍ୱାମୀଟି ତାର କୁନି କୁନି ପିଲା ଗୁଡ଼ାଙ୍କୁ ଦେଖି ସବୁ ଦୁଃଖ କଷ୍ଟକୁ ମନ ଭିତରେ ଚାପିଦିଏ। କଥାରେ ଅଛି ସ୍ତ୍ରୀ କାନ୍ଦିଲେ ସମସ୍ତେ ଦେଖିବେ ନା ନା କଥା ଶୁଣେଇ ଚାଲିଯିବେ କିନ୍ତୁ ସ୍ୱାମୀଟିଏ ଯେତେବେଳେ କାନ୍ଦେ ସେ ତା ଲୁହକୁ କାହାକୁ ଦେଖାଏ ନାହିଁ ବାସ ମନ ଭିତରେ ନିଜ କଷ୍ଟକୁ ଚାପିକି ରଖିଦିଏ। ଏକଥା ଏଠାରେ ଏଥିପାଇଁ କୁହାଗଲା ଆଜି ସାବିତ୍ରୀ ହୋଇଛି ବୋଲି ସେହି ନାରୀ ମାନଙ୍କ ଭିତରେ କେମିତି ଶ୍ରଦ୍ଧା, ପ୍ରେମ ଜାଗ୍ରତ ହୋଇଛି ଯେମିତି ଏମାନେ ସେମାନଙ୍କ ସ୍ୱାମୀଙ୍କୁ ଖୁସିରେ ରଖିଛନ୍ତି। ହସ ଲାଗେ ଯେଉଁ ଘର ମାନଙ୍କରେ ଥାଳି, ତାଟିଆ, ଗିନା, କଢେଇ, ଡ଼ିଗଚିରେ ସ୍ୱାମୀକୁ ସ୍ତ୍ରୀ ଆକ୍ରମଣ କରୁଥିଲା ଆଜି ସେହି ଥାଳିରେ ଠାକୁରଙ୍କ ପାଖରେ ଧୂପ-ଦୀପ ଜାଳି, ଫଳ-ମୂଳ, ଶଙ୍ଖା-ସିନ୍ଦୁର, ନୂଆ ଲୁଗା ପୂଜା କରି ତାପରେ ନିଜକୁ ସଜେଇ ସ୍ୱାମୀଙ୍କୁ ପୂଜା କରି ତାଙ୍କର ଗୋଡ଼ଧୁଆ ପାଣି ପିଉଛି। ଯଦି ବର୍ଷକ ବାର ମାସ ଯାଏ ଏମିତି ପ୍ରେମ ରୁହନ୍ତା ତାହେଲେ ଆଜିବି ଅନେକ ପରିବାର ମଧରେ ଖୁସି ଥାଆନ୍ତା।

ତେବେ କେବଳ ସାବିତ୍ରୀରେ ନୁହେଁ ସବୁବେଳେ ସ୍ୱାମୀଙ୍କ ଭାବନାକୁ ବୁଝନ୍ତୁ ପୂଜାର ଆବଶ୍ୟକତା କିଛି ପଡିବନି କି ଆଜିର କିଛି ସତ୍ୟବାନ ଆଉ କାନ୍ଦିବେନି। ତେବେ ବେଳେବେଳେ ଏମିତି ଘଟଣା ଗୁଡିକ ଯେତେବେଳେ ଆଖି ସାମ୍ନାରେ ପଡ଼ିଯାଏ ସେତେବେଳେ ଭାବେ ସମସ୍ତଙ୍କ ଇଚ୍ଛାକୁ ସମ୍ମାନ ଦେବା ଆମର ଧର୍ମ କିନ୍ତୁ ସତରେ କଣ ଆଜିର କିଛି ନାରୀ ସେମାନଙ୍କ ଧର୍ମକୁ ପାଳନ କରିପାରୁଛନ୍ତି କି। ଏହା ଆଜିର ଦିନରେ ସବୁଠାରୁ ବଡ଼ ପ୍ରଶ୍ନ। ନାରୀ ଓ ପୁରୁଷ ସମାନ କିନ୍ତୁ ଏହି ସମାନତା ଭିତରେ ଏତେ ବିଶୃଙ୍ଖଳା କାହିଁକି। ଏଥିପାଇଁ ଦାୟୀ କିଏ। ଅନେକ ସମୟରେ ପୁଅଟିଏ ଗୁମୁରୀ ଗୁମିରି କାନ୍ଦୁଥିବାର ଦେଖିଛି କିନ୍ତୁ ସାବିତ୍ରୀ ଆଉ ସତ୍ୟବାନ ଭଳି ଯୋଡି ବହୁତ କମ୍ ଦେଖିଛି। ସେଥିପାଇଁ ଏ ମନରେ ଅନେକ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିଛି ଆଉ ପରିଶେଷରେ ଉତ୍ତରରେ କେବଳ ସତ୍ୟବାନ ମାନଙ୍କର ଯେଉଁ ସାବିତ୍ରୀ ଥାଆନ୍ତି ତାଙ୍କର ତାଣ୍ଡବ ଏହି ସତ୍ୟବାନମାନେ ହିଁ ଦେଖିବାକୁ ପାଇଥାନ୍ତି। ସ୍ତ୍ରୀକୁ ଡରି ନିଜ ସ୍ୱାଧୀନତାକୁ ଭୁଲି ପ୍ରତିଦିନ କେବଳ ଆଖିରେ ଲୁହ ପାଆନ୍ତି।ହେଲେ ସାବିତ୍ରୀ ଆସିଲେ ସ୍ୱାମୀ ପ୍ରତି ଥିବା ଭକ୍ତିଭାବକୁ ସୋସିଆଲ ମିଡିଆରେ ଦେଖେଇଥାଆନ୍ତି। ଏହି ଗୋଟିଏ ଦିନରେ ସ୍ୱାମୀକୁ ସ୍ୱର୍ଗ କହି ଅନ୍ୟ ଦିନଗୁଡିକରେ ସ୍ୱର୍ଗକୁ ପଠେଇଲା ଭଳି କାମ କରିଥାଆନ୍ତି। ସ୍ୱାମୀକୁ ଦେବତା କହି ଠିଆ ଗୋଇଠା ମାରିଦେଇଥାନ୍ତି ତେଣୁ କି ଲାଭ ଏହି ଗୋଟେ ଦିନ ପ୍ରେମରେ ଯେଉଁ ସ୍ୱାମୀ ମାନେ ସ୍ତ୍ରୀଙ୍କ ଖୁସି ପାଇଁ ନିଜ ଖୁସି ଭୁଲିଯାଇଛନ୍ତି। ପ୍ରତ୍ୟେକ ସ୍ତ୍ରୀ ସ୍ୱାମୀଙ୍କୁ ସ୍ନେହ, ପ୍ରେମ ଦେବାକଥା କିନ୍ତୁ ଆଜିର କିଛି ନାରୀଙ୍କ ପାଇଁ ଆଉ ସେହି ସାବିତ୍ରୀଙ୍କ ପ୍ରେମ ଭଳି ପ୍ରେମ ନାହିଁ ଆଜିର କିଛି ସାବିତ୍ରୀଙ୍କର କେତେଟା ସତ୍ୟବାନ ଅଛନ୍ତି ତାହାର ଗଣନା କରିବା ମଧ ଅସମ୍ଭବ। ସୋସିଆଲ ମିଡ଼ିଆ ଖୋଲୁ ଖୋଲୁ କିଛି ମହିଳାଙ୍କ ପରାକ୍ରିୟା ପ୍ରୀତି ପାଇଁ ଆଜିର କିଛି ସ୍ୱାମୀ ଫେରାଇ ଆଣିବାକୁ ଚାହୁଁଛନ୍ତି। ସେତେବେଳେ ସତ୍ୟବାନଙ୍କୁ ମୃତ୍ୟୁ ମୁଖରୁ ଫେରାଇ ଆଣିବାପାଇଁ ସାବିତ୍ରୀ ଯମରାଜଙ୍କ ସହ ଲଢେଇ କରୁଥିଲେ। ଆଉ ଆଜିର କିଛି ନାରୀଙ୍କର ସତ୍ୟବାନ ଏବେ ଏହି ତାଙ୍କ ପ୍ରେମିକ ସହ ଲଢେଇ କରି ନିଜ ଘରକୁ ଫେରାଇ ଆଣୁଛନ୍ତି। ତେଣୁ ଏଠାରେ କେବଳ ସେହି ନାରୀ ମାନଙ୍କୁ କୁହାଯିବ ସ୍ୱାମୀଙ୍କ ଭାବନାକୁ ବୁଝନ୍ତୁ।ସ୍ୱାମୀଙ୍କୁ ସବୁବେଳେ ସମ୍ମାନ ଦିଅନ୍ତୁ ଦେଖିବେ ସ୍ୱାମୀ କାନ୍ଦିବେନି କି ଆପଣଙ୍କୁ ଏହି ବର୍ଷର ଗୋଟିଏ ଦିନରେ ଏତେ ନାଟକ କରିବାକୁ ପଡିବନି।


ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୦୬୬୧୫୮୬


# ସତ୍ୟ ଓ ସତୀର ପ୍ରତୀକ ସାବିତ୍ରୀ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


"ସାବିତ୍ରୀ" ଶବ୍ଦ ବଡ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବହୁ ଅର୍ଥଜ୍ଞାପକ। ପ୍ରଥମତଃ ସାବିତ୍ରୀ ହେଉଛନ୍ତି ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବତା ବେଦମାତା, ଗାୟତ୍ରୀ ମନ୍ତ୍ରାଧିଷ୍ଠାତ୍ରୀ ଦେବୀଙ୍କର ଦ୍ୱିପ୍ରହର କାଳୀନ ଧେୟ ରୂପ। ବ୍ରାହ୍ମଣମାନେ ମଧାହ୍ନ ସଂଧ୍ୟା ସମୟରେ ଗାୟତ୍ରୀ ଜପିବା ପୂର୍ବରୁ ଏହାଙ୍କୁ ଧ୍ୟାନ କରନ୍ତି। ଦ୍ୱିତୀୟତଃ ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀ ତଥା ତାଙ୍କର ଅନ୍ୟନାମ ଶତରୂପା, ଗାୟତ୍ରୀ, ସରସ୍ୱତୀ ଓ ବ୍ରହ୍ମାଣୀ। ତୃତୀୟତଃ ଅଶ୍ୱପତିଙ୍କ କନ୍ୟା ତଥା ସତ୍ୟବାନଙ୍କ ପତ୍ନୀ ସାବିତ୍ରୀ। ଏ ତିନି ସାବିତ୍ରୀ ସମସ୍ତେ ଶକ୍ତିଶାଳିନୀ ଓ ସ୍ୱ ସ୍ୱ ସ୍ଥାନରେ ତଥା ସ୍ଵ ସ୍ଵ ମହିମାରେ ମହିମାନ୍ୱିତା। କିନ୍ତୁ ମଦ୍ର ଦେଶର ରାଜା ଅଶ୍ୱପତିଙ୍କ କନ୍ୟା ସତୀ ସାବିତ୍ରୀ ଓ ଶାଲ୍ୱ ଦେଶର ରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କୁ କେନ୍ଦ୍ରକରି ଯେଉଁ ସାବିତ୍ରୀ ବ୍ରତ ସମଗ୍ର ସନାତନୀ ନାରୀ ସମାଜରେ ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି ତାହା ର ମୂଲ୍ୟାଙ୍କନ ସର୍ବଶ୍ରେଷ୍ଠ ଓ କାଳଜୟୀ। ଏହି ମହା ସତୀ ସାବିତ୍ରୀ ନିଜ ଅଳ୍ପାୟୁ ସ୍ୱାମୀଙ୍କର ପୁନର୍ଜୀବନ ଲାଭ ନିମନ୍ତେ ତତ୍ପର ହେବା ସହିତ ଆହୁରି ବେଶି ତତ୍ପର ହୋଇଛନ୍ତି ସତ୍ୟ ଓ ନିଷ୍ଠାର ପାଳନ ନିମନ୍ତେ। ସାବିତ୍ରୀ ସତ୍ୟରକ୍ଷା ନିମନ୍ତେ ଯମ ଙ୍କୁ ଏକ ଅଡୁଆ ସୂତା ଭିତରେ ପକାଇ ଦେଇଛନ୍ତି ଆଉ ତାଙ୍କୁ ନିଜ ବୁଦ୍ଧି, ସତ୍ୟ, ଉତ୍ତମ ବେବହାର ଓ ମଧୁର ବଚନ ଦ୍ଵାରା ଧର୍ମରାଜ ଯମଙ୍କୁ ପରାସ୍ତ କରି ନିଜ ଅଳ୍ପାୟୁ ସ୍ୱାମୀଙ୍କ ଜୀବନ ଯମ କାଳପାଶ ଦେହରୁ ଫେରାଇ ଆଣିଛନ୍ତି ଯେଉଁଠୁ ସଂସାରରେ କେହି ବି ଫେରି ପାରନ୍ତି ନାହିଁ।

ଜ୍ୟୈଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ଓଡ଼ିଶାରେ ସଧବା ନାରୀ ମାନଙ୍କର ଏକ ମୁଖ୍ୟ ବ୍ରତ ବା ଓଷା। ସାବିତ୍ରୀ ଓଷା ଦିନ ସଧବା ସ୍ତ୍ରୀଲୋକ ମାନେ ଉପବାସ କରନ୍ତି, ଅନ୍ନ ଗ୍ରହଣ କରନ୍ତି ନାହିଁ ଓ ଅପରାହ୍ଣ ରେ ପୂଜା ଶେଷ ହେଲେ ଧୂଆମୁଗ, ନଡ଼ିଆ, କଦଳୀ , ଆମ୍ବ, ପଣସ, ସପୁରୀ, ତାଳସଜ ଓ ଅନାନ୍ୟ ଫଳ ଗ୍ରହଣ କରନ୍ତି। ଏଥିପାଇଁ ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ବାସ୍ତବରେ ଏ ପୂଜାର ଆରାଧ୍ୟା ଦେବୀ ହେଉଛନ୍ତି ମା' ସାବିତ୍ରୀ। ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ। ଦେବୀ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣା କିପରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିଲା, ତାହାକୁ ଆଧାର କରି ମା' ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଇଥାଏ। ସାବିତ୍ରୀ ସାଧ୍ୱୀ ନାରୀଙ୍କର ଆଦର୍ଶ, ତେଣୁ ନିଜ ପତିଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସି ସଧବା ସ୍ତ୍ରୀ ମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ପାଇଁ ଏ ପବିତ୍ର ଓଷା ପାଳନ କରିଥାନ୍ତି। ସତୀ ସାବିତ୍ରୀଙ୍କ ଏହି ବ୍ରତ ଓଡିଶା ସମେତ ଭାରତରେ ପ୍ରତିବର୍ଷ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ତିଥି ଟି ସାବିତ୍ରୀ ଅମାବାସ୍ୟା ରୂପେ ପାଳନ ହୋଇ ଆସୁଅଛି।

ସାବିତ୍ରୀ କେବଳ ଅଶ୍ୱପତିଙ୍କ କନ୍ୟା, ସତ୍ୟବାନଙ୍କ ପତ୍ନୀ ବା ଦ୍ୟୁମତସେନଙ୍କ ପୁତ୍ର ବଧୂ ନୁହନ୍ତି ସେ ଓଡିଶା ସମେତ ଭାରତର ପ୍ରତି ଗୃହେ ସତୀତ୍ୱର ଏକ ଉଜ୍ଜଳ ସ୍ତମ୍ଭ ଓ ଆଦର୍ଶ ରୂପେ ବନ୍ଦନୀୟା ହୋଇ ପାରିଛନ୍ତି। ନାରୀ ଜୀବନର ପତି ଏକମାତ୍ର ଧେୟ। ପତି ସେବାରେ ନାରୀ ତା ଜୀବନର ସମସ୍ତ ପୁଣ୍ୟ ଫଳ ପାଏ। ଯେଉଁ ସ୍ତ୍ରୀ ପିତା, ପତି ବା ପୁତ୍ରଠାରୁ ଅନୁମତି ନ ପାଇ ବ୍ରତ କରେ, ତାହାର ସେ ବ୍ରତ ନିଷ୍ଫଳ, କିନ୍ତୁ ପତିଙ୍କଠାରୁ ଅନୁମତି ପାଇ ସ୍ତ୍ରୀ ସବୁ ବ୍ରତ କରିପାରେ। ସାବିତ୍ରୀ ଏ ନିୟମର ଉଲ୍ଲଙ୍ଘନ କରି ନାହାନ୍ତି। ସତ୍ୟବାନଙ୍କ ମୃତ୍ୟୁ ସୁନିଶ୍ଚିତ ଜାଣି ସେ ପୂର୍ବରୁ ସମସ୍ତଙ୍କଠାରୁ ଅନୁମତି ନେଇ ଏକ କଠୋର ବ୍ରତ କରିଛନ୍ତି। ସାବିତ୍ରୀ ଆଜି ପ୍ରତ୍ୟେକ ନାରୀ ହୃଦୟର ଅଧିଷ୍ଠାତ୍ରୀ ଦେବୀ, ନମସ୍ୟା ଓ ଚିର ବନ୍ଦନୀୟା ହୋଇ ରହି ଆସିଛନ୍ତି ଓ ରହି ଆସୁଥିବେ ମଧ୍ଯ। ତାଙ୍କର ଗୁରୁ ଭକ୍ତି, ପିତାମାତାଙ୍କ ପ୍ରତି ଅନୁରାଗ ଓ ସର୍ବୋପରି ସତ୍ୟପ୍ରତି ନିଷ୍ଠା ଓ ପତିବ୍ରତା ତାଙ୍କୁ ମାନବୀ ସ୍ତରରୁ ନେଇ ଦେବୀ ସ୍ତରରେ ପହଞ୍ଚାଇ ପାରିଛି।ସାବିତ୍ରୀ ଥଲେ ସଦା ପରୋପକାରୀ ଆଉ ସତ୍ୟନିଷ୍ଠ ଆଉ ସେ କେବେ ସ୍ୱାର୍ଥୀ ନଥିଲେ। ଯମଙ୍କ ପ୍ରଥମ ବରଦାନ ବେଳେ ସେ ମାଗିଛନ୍ତି ଯେ ତାଙ୍କ ଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ ତେଣୁ ସେ ଶ୍ୱଶୁରଙ୍କ ଦୃଷ୍ଟିଶକ୍ତି ଓ ରାଜ୍ୟ ପ୍ରାପ୍ତ ହୁଅନ୍ତୁ। ତାଙ୍କର ଦ୍ୱିତୀୟ ବରଭିକ୍ଷା ନିଜ ପିତାଙ୍କ ସପକ୍ଷରେ ଯେ ତାଙ୍କ ପିତାଙ୍କର ପୁତ୍ର ନାହିଁ ତେଣୁ ତାଙ୍କୁ ପୁତ୍ର ଦାନ କରାଯାଉ ଆଉ ଶେଷରେ ସେ ନିଜକଥା ସୂଚାଇ ଶତପୁତ୍ର ଜନନୀ ଭିକ୍ଷା କରି ଯମଙ୍କୁ ନିଜ ବୁଦ୍ଧି ବଳରେ ପରାସ୍ତ କରି ନିଜ ସ୍ୱାମୀଙ୍କୁ ପୁର୍ନଜୀବନ ଦେଇଛନ୍ତି। ତାଙ୍କ ନିସ୍ୱାର୍ଥପର ଭାବ, ସତ୍ୟତା, ମଧୁରକଥା ଓ ପତିବ୍ରତା ନିକଟରେ ସ୍ଵୟଂ ସତ୍ୟର ଅବତାର ଧର୍ମରାଜ ଯମଙ୍କ ମୁଣ୍ଡ ସ୍ୱତଃ ନତ ହୋଇଯାଇଛି। ଏଣୁ ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ଘରେ ଘରେ ସ୍ୱାମୀଙ୍କ ମଙ୍ଗଳ କାମନା କରି ଓଡ଼ିଆ ନାରୀ ମାନେ ଏହି ପବିତ୍ର ବ୍ରତକୁ ନିଷ୍ଠାର ସହିତ ପାଳନ କରନ୍ତି। ସାବିତ୍ରୀ ପରି ଜଣେ ଅସାମାନ୍ୟା ନାରୀଙ୍କର ଏ ଯେଉଁ ଭକ୍ତି, ନିଷ୍ଠା,ତ୍ୟାଗ, ସତ୍ୟାନୁରାଗ ଓ ପତିବ୍ରତା ଗୁଣ ଯୁଗ ଯୁଗ ପାଇଁ ଏକ ଆଦର୍ଶ ହୋଇ ରହିବା ସଙ୍ଗେ ସଙ୍ଗେ ଭାରତୀୟ ନାରୀ ସମାଜ ପାଇଁ ଏକ ଉଦାହରଣ ହୋଇ ରହିବ।

ସାବିତ୍ରୀ ଥିଲେ ଗୁଣର ପୂଜାରିଣୀ ଓ ସତ୍ୟର ମୂର୍ତ୍ତିମନ୍ତ ବିଗ୍ରହ। କନ୍ୟା ବରୟତେ ରୂପ ର ସେ ଥିଲେ ଏକ ବ୍ୟତିକ୍ରମ। ସତ୍ୟବାନଙ୍କ ରୂପ ଅପେକ୍ଷା ତାଙ୍କର ଗୁଣ ସାବିତ୍ରୀଙ୍କୁ ବେଶି ମୁଗ୍ଧ କରିଛି କାରଣ ସତ୍ୟବାନ ଘନ ଅରଣ୍ୟରେ ପିତାଙ୍କ ଆଜ୍ଞାରେ କାଷ୍ଠ କାଟନ୍ତି ଆଉ ସେ ପିତୃମାତୃ ଆଜ୍ଞା ପାଳନକାରୀ ମଧ। ତାଙ୍କ ଭାବୀ ସ୍ୱାମୀ ଅଳ୍ପାୟୁ ଜାଣି ମଧ ସେ ତାଙ୍କୁ ମନେ ମନେ ସ୍ୱାମୀ ରୂପେ ବରଣ କରି ପିତାଙ୍କ ତାଡନା, ପ୍ରଲୋଭନ ଓ ଦେବର୍ଷି ନାରଦଙ୍କ ଭବିଷ୍ୟବାଣୀ ସତ୍ତ୍ୱେ ମଧ ସେ ତାଙ୍କ ସତ୍ୟ ବଚନରେ ନିଶ୍ଚଳା ଥିଲେ। ସାବିତ୍ରୀ କେବଳ ଅଶ୍ୱପତିଙ୍କ କନ୍ୟା, ସତ୍ୟବାନଙ୍କ ପତ୍ନୀ ବା ଦ୍ୟୁମତସେନଙ୍କ ପୁତ୍ର ବଧୂ ନୁହନ୍ତି ସେ ପ୍ରତି ଗୃହେ ସତୀତ୍ୱର ଏକ ଉଜ୍ଜଳ ସ୍ତମ୍ଭ ଓ ଆଦର୍ଶ ରୂପେ ବନ୍ଦନୀୟା ହୋଇ ପାରିଛନ୍ତି। ନାରୀ ଜୀବନର ପତି ଏକମାତ୍ର ଧେୟ। ପତି ସେବାରେ ନାରୀ ତା ଜୀବନର ସମସ୍ତ ପୁଣ୍ୟ ଫଳ ପାଏ। ସାବିତ୍ରୀ ଏ ନିୟମର ଉଲ୍ଲଙ୍ଘନ କରି ନାହାନ୍ତି ଆଉ ପତିବ୍ରତା ହୋଇ ସମଗ୍ର ନାରୀ ସମାଜ ପାଇଁ ଏକ ଉଦାହରଣ ଯୁଗ ଯୁଗ ପାଇଁ ସୃଷ୍ଟି କରିପାରିଛନ୍ତି


ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬






## ‘ମନ୍ କୀ ବାତ୍‌ରେ’ ଅପରେସନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀଙ୍କ ଚର୍ଚ୍ଚା

# ଏହା ପରିବର୍ତ୍ତିତ ଭାରତର ଚେହେରା



### ଓଡ଼ିଆ ପୁଅ ହର୍ଷବର୍ଦ୍ଧନଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ, ୨୫।୫:** ଅପରେସନ ସିନ୍ଦୂର କେବଳ ଏକ ସାମରିକ ମିଶନ ନଥିଲା, ବରଂ ‘ପରିବର୍ତ୍ତନଶୀଳ ଭାରତର ଚେହେରା’ ଥିଲା। ଯାହା ବିଶ୍ୱ ମଞ୍ଚରେ ଦେଶର ସଂକଳ୍ପ, ସାହସ ଏବଂ ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ ମନ କି ବାତ ମାଧ୍ୟମରେ ଦେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ସମଗ୍ର ଦେଶ ଆତଙ୍କବାଦ ବିରୁଦ୍ଧରେ ଏକଜୁଟ। ସମସ୍ତଙ୍କ ମନରେ କ୍ରୋଧ ଏବଂ ଦୃଢ଼ତାରେ ପରିପୂର୍ଣ୍ଣ ରହିଛି। ଅପରେସନ ସିନ୍ଦୂରକୁ ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ଲଢ଼େଇରେ ଏକ ମୋଡ଼ ଭାବରେ ପ୍ରଶଂସା କରି ଏହାକୁ ଭାରତର ବର୍ଦ୍ଧିତ ଶକ୍ତି ଏବଂ ଉଦ୍ଦେଶ୍ୟର ସ୍ପଷ୍ଟତାର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେ ଆହୁରି କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ ହେଉଛି, ଆମକୁ ଆତଙ୍କବାଦର ଅନ୍ତ ଘଟାଇବାକୁ ପଡ଼ିବ । ଅପରେଶନ୍ ସିନ୍ଦୂର ସମୟରେ ସେନାବାହିନୀ ଯେଉଁ ବୀରତ୍ୱ ପ୍ରଦର୍ଶନ କରିଛନ୍ତି, ତାହା ପ୍ରତ୍ୟେକ ଭାରତୀୟକୁ ଗର୍ବିତ କରିଛି । ଅପରେଶନ୍ ସିନ୍ଦୂର ସାରା ବିଶ୍ୱରେ ଆତଙ୍କ ବିରୁଦ୍ଧରେ ହେଉଥିବା ସଂଗ୍ରାମକୁ ନୂତନ ବିଶ୍ୱାସ ଏବଂ ଉତ୍ସାହରେ ଭରିଦେଇଛି । ଏହା କେବଳ ଗୋଟିଏ ସୈନ୍ୟ ଅଭିଯାନ ନୁହେଁ, ଏହା ଆମ ସଂକଳ୍ପ, ସାହସ ଏବଂ ପରିବର୍ତ୍ତିତ ହେଉଥିବା ଭାରତର ଛବି ଏବଂ ଏହି ଛବି ସାରା ଦେଶକୁ ଦେଶ-ଭକ୍ତିର ଭାବନାରେ ଭରି ଦେଇଛି, ତ୍ରିରଙ୍ଗାର ରଙ୍ଗରେ ରଙ୍ଗେଇ ଦେଇଛି। ଅପରେଶନ୍ ସିନ୍ଦୂର ଦେଶବାସୀଙ୍କୁ ଏଭଳି ଭାବେ ପ୍ରଭାବିତ କରିଛି ଯେ, ଅନେକ ପରିବାର ଏହାକୁ ନିଜ ଜୀବନର ଅଂଶ କରିଦେଇଛନ୍ତି। ଏହି ଅଭିଯାନର ସଫଳତା ପରେ ସଶସ୍ତ୍ର ବାହିନୀକୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଅନେକ ଇଙ୍ଗିତ ଆସିଥିଲା, ଯେଉଁଥିରେ ସୋସିଆଲ ମିଡିଆରେ ଦେଶାତ୍ମବୋଧକ କବିତା ଠାରୁ ଆରମ୍ଭ କରି ପିଲାମାନଙ୍କ ଦ୍ୱାରା ଚିତ୍ରକଳା ଏବଂ ବିଶାଳ ତିରଙ୍ଗା ଯାତ୍ରା ସାମିଲ ଥିଲା। ଅନେକ ସହରରେ ଯୁବକମାନେ ନାଗରିକ ପ୍ରତିରକ୍ଷା ପାଇଁ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରିଥିଲେ, କବିତା ଲେଖିଥିଲେ, ସଂକଳ୍ପର ଗୀତ ଗାଉଥିଲେ ଏବଂ ପିଲାମାନେ ଶକ୍ତିଶାଳୀ ବାର୍ତ୍ତା ବହନ କରୁଥିବା ଚିତ୍ରକଳା ତିଆରି କରିଥିଲେ। ସେ ବିକାନେରର ଏକ ସାମ୍ପ୍ରତିକ ଗସ୍ତ ବିଷୟରେ କହିଥିଲେ ଯେଉଁଠାରେ ତାଙ୍କୁ ପିଲାମାନଙ୍କ ଦ୍ୱାରା ନିର୍ମିତ ଚିତ୍ରକଳା ଉପହାର ଦିଆଯାଇଥିଲା। କଟିହାର ଏବଂ କୁଶିନଗର ଭଳି ସହରରେ ପରିବାରମାନେ ଅପରେସନର ସମ୍ମାନାର୍ଥେ ସେମାନଙ୍କର ନବଜାତ ଶିଶୁଙ୍କ ନାମ ‘ସିନ୍ଦୂର’ ରଖିଥିଲେ। ପ୍ରଧାନମନ୍ତ୍ରୀ ‘ଆତ୍ମନିର୍ଭର ଭାରତ’ର ଭାବନାକୁ ଅନୁସରଣ କରି ମିଶନର ସଫଳତା ପାଇଁ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଶ୍ରେୟ ଦେଇଥିଲେ। ଅପରେସନ୍ ସିନ୍ଧୁର ପରେ ‘ଭୋକାଲ୍ ଫର୍ ଲୋକାଲ’ ଅଭିଯାନ ପ୍ରତି ସାରା ଦେଶରେ ଏକ ନୂତନ ଶକ୍ତି ଦେଖାଦେଇଛି ବୋଲି ମୋଦି ଉଲ୍ଲେଖ କରି କହିଛନ୍ତି ଯେ ଏହି ମିଶନ କେବଳ ଦେଶପ୍ରେମକୁ ପ୍ରେରଣା ଦେଇନାହିଁ ବରଂ ଆତ୍ମନିର୍ଭରଶୀଳତାର ଭାବନାକୁ ମଧ୍ୟ ଦୃଢ଼ କରିଛି। ଏହି ବିଜୟ ଆମର ଇଞ୍ଜିନିୟର, ଟେକ୍ନିସିଆନ୍ ଏବଂ ଯୋଗଦାନ ଦେଇଥିବା ପ୍ରତ୍ୟେକ ନାଗରିକଙ୍କ ଝାଳ ବହନ କରେ ବୋଲି ସେ କହିଛନ୍ତି। ୧୨୨ତମ ‘ମନ କି ବାତ’ରେ ଓଡ଼ିଆ ପୁଅକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା। ଓଡ଼ିଆ ଭାରୋତ୍ତୋଳକ ହର୍ଷବର୍ଦ୍ଧନ ସାହୁ ଖେଲୋ ଇଣ୍ଡିଆରେ ପଦକ ଜିତିଥିଲେ । ହର୍ଷବର୍ଦ୍ଧନ ୪୯ କିଲୋ କାଟାଗୋରୀରେ ନୂଆ ରେକର୍ଡ କରିଥିଲେ। ୪୯ କିଗ୍ରା ବର୍ଗରେ ମୋଟ ୨୦୩ କିଗ୍ରା ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱ ଆମ ଯୁବ ଖେଳାଳିଙ୍କ ପ୍ରତିଭାକୁ ଦେଖିଲେ । ଭାରୋତ୍ତୋଳନରେ ମହାରାଷ୍ଟ୍ରର ଅସ୍ମିତା ଧୋନେ, ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ଚମତ୍କାର ପ୍ରଦର୍ଶନ ସମସ୍ତଙ୍କ ହୃଦୟ ଜିତିଛି । ସେପଟେ ମହାରାଷ୍ଟ୍ରର ସାଇରାଜ ପ୍ରଦେଶୀ ୩ଟି ରେକର୍ଡ କରିପାରିଛନ୍ତି। ଏହାସହ ସମସ୍ତ ଆଥଲେଟମାନଙ୍କୁ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ।

# ତେଜ ପ୍ରତାପଙ୍କୁ ଦଳରୁ ବିଦାକଲେ ଲାଲୁ



**ନୂଆଦିଲ୍ଲୀ, ୨୫।୫:** ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ତାଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ଦଳରୁ ତଡ଼ି ଦେଇଛନ୍ତି। ରବିବାର ଲାଲୁ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଅଣଦେଖା କରିବା ସାମାଜିକ ନ୍ୟାୟ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଥାଏ। ବଡ଼ ପୁଅର କାର୍ଯ୍ୟକଳାପ, ସାର୍ବଜନୀନ ଆଚରଣ ଏବଂ ଦାୟିତ୍ୱହୀନ ଆଚରଣ ଆମ ପାରିବାରିକ ମୂଲ୍ୟବୋଧ ଏବଂ ପରମ୍ପରା ବିରୋଧୀ। ତେଣୁ ଉପରୋକ୍ତ ପରିସ୍ଥିତି ଯୋଗୁଁ ମୁଁ ତାଙ୍କୁ ଦଳ ଏବଂ ପରିବାରଠାରୁ ଦୂରେଇ ରଖୁଛି। ସେ ଆହୁରି ଲେଖିଛନ୍ତି, ଏବେଠାରୁ ତାଙ୍କର ଦଳ କିମ୍ବା ପରିବାରରେ କୌଣସି ଭୂମିକା ରହିବ ନାହିଁ। ତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି। ସେ ତାଙ୍କ ବ୍ୟକ୍ତିଗତ ଜୀବନର ଭଲ ଏବଂ ମନ୍ଦ ନିଜେ ଦେଖିପାରିବେ। ଯେଉଁମାନେ ତାଙ୍କ ସହିତ ସମ୍ପର୍କ ରଖିବେ ସେମାନେ ନିଜ ବିବେଚନା ଅନୁସାରେ ନିଷ୍ପତ୍ତି ନେବା ଉଚିତ। ଘଟଣାକୁ ଦେଖିଲେ, ଲାଲୁ ତେଜ ପ୍ରତାପ ଯାଦବ ଏବଂ ତାଙ୍କ ପ୍ରେମିକା ଅନୁଷ୍କା ଯାଦବଙ୍କ ସହ ଜଡିତ ମାମଲାକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଗତ ଶନିବାର ତେଜ ପ୍ରତାପ ଯାଦବଙ୍କ ଫେସବୁକ୍ ଆକାଉଣ୍ଟରୁ ଏକ ଫଟୋ ସେୟାର କରାଯାଇଥିଲା। ଫଟୋରେ ତେଜ ପ୍ରତାପ ଯାଦବଙ୍କୁ ଜଣେ ଝିଅ ସହିତ ଦେଖିବାକୁ ମିଳିଥିଲା। ଝିଅଟିର ନାମ ଅନୁଷ୍କା ଯାଦବ ବୋଲି କୁହାଯାଇଥିଲା। ପୋଷ୍ଟରେ ଲେଖାଯାଇଥିଲା ଯେ ତେଜ ପ୍ରତାପ ଯାଦବ ୧୨ ବର୍ଷ ଧରି ଅନୁଷ୍କା ଯାଦବଙ୍କ ସହ ସମ୍ପର୍କରେ ଅଛନ୍ତି। ପରେ ପୋଷ୍ଟଟିକୁ ହଟାଇ ଦିଆଯାଇଥିଲା। କିଛି ଘଣ୍ଟା ପରେ ତେଜ ପ୍ରତାପ ଟ୍ୱିଟ୍ କରି କହିଥିଲେ ଯେ ତାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ଏହି ଚିତ୍ରଟି ଏଆଇ ସାହାଯ୍ୟରେ ସୃଷ୍ଟି କରାଯାଇଛି ବୋଲି ସଫେଇ ଦେଇଥିଲେ।

## ୪ ରାଜ୍ୟର ୫ ବିଧାନସଭା ଆସନ ପାଇଁ ଉପନିର୍ବାଚନ

● ୧୯ରେ ଭୋଟିଂ, ୨୩ରେ ରେଜଲ୍ଟ



**ନୂଆଦିଲ୍ଲୀ, ୨୫।୫:** ବାଜିଲା ବିଗୁଲ । ୪ ରାଜ୍ୟର ୫ ବିଧାନସଭା ଆସନ ପାଇଁ ହେବାକୁ ଯାଉଛି ଉପନିର୍ବାଚନ । ୧୯ ଜୁନରେ ମତଦାନ ହେବ । ୨୩ରେ ଫଳାଫଳ ପ୍ରକାଶ ପାଇବ । ୧୯ ଜୁନରେ ଉପନିର୍ବାଚନ ହେବା ନେଇ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ । ଉପନିର୍ବାଚନ ହେବାକୁ ଥିବା ୪ ରାଜ୍ୟ ହେଲା ଗୁଜରାଟ, କେରଳ, ପଞ୍ଜାବ ଓ ପଶ୍ଚିମବଙ୍ଗ । ଗୁଜରାଟର ୨ଟି ବିଧାନସଭା ଆସନରେ ଉପନିର୍ବାଚନ ହେବ। କଡି ଓ ବିସାବଦର ଆସନ ଖାଲି ପଡ଼ିଛି । କଡି ବିଧାୟକ କର୍ସନଭାଇ ପଞ୍ଚାଭାଇ ସୋଲଙ୍କୀଙ୍କ ବିୟୋଗ ହୋଇଥିବାରୁ ଏହି ଆସନ ଖାଲି ପଡିଛି । ସେହିପରି ବିସାବଦର ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିବା ଭୟାନୀ ଭୂପେନ୍ଦ୍ରଭାଇଙ୍କ ଇସ୍ତଫା ପରେ ଏହି ଆସନ ଖାଲି ପଡିଛି । ସେହିପରି କେରଳର ନୀଲାମ୍ବୁରରୁ ବିଧାୟକ ଥିବା ପିଭି ଅନୱାର ଇସ୍ତଫା ଦେଇଥିଲେ । ଯେଉଁଥିପାଇଁ ଏହି ଆସନ ଖାଲି ପଡିଛି । ସେହିପରି ପଞ୍ଜାବ ଲୁଧିଆନା ପଶ୍ଚିମ ଆସନରୁ ବିଧାୟକ ହୋଇଥିବା ଗୁରପ୍ରୀତ ବାସୀ ଗୋଗୀଙ୍କ ବିୟୋଗ ପରେ ଆସନ ଖାଲି ପଡିଛି। ପଶ୍ଚିମବଙ୍ଗ କାଳିଗଞ୍ଜରେ ମଧ୍ୟ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ନସିରୁଦ୍ଦିନ ଅହମ୍ମଦଙ୍କ ବିୟୋଗ ପରେ ଖାଲି ପଡିଥିବା ଆସନ ପାଇଁ ଉପନିର୍ବାଚନ ହେବାକୁ ଯାଉଛି । ୨୩ରେ ଫଳାଫଳ ପ୍ରକାଶ ପାଇବ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ହସ୍ପିଟାଲରେ ଗ୍ୟାସ ଲିକ୍, ଜଣେ ମୃତ



**ନୂଆଦିଲ୍ଲୀ, ୨୫।୫ :** ଉତ୍ତର ପ୍ରଦେଶର ଶାହଜାହାନପୁର ଜିଲ୍ଲା ହସ୍ପିଟାଲରେ ଗ୍ୟାସ ଲିକ୍ ହୋଇଥିବା ଖବର ଆସିଛି । ଅକ୍ସିଜେନ ପ୍ଲାଣ୍ଟରେ ଗ୍ୟାସ ଲିକ୍ ହେବା ପରେ ହସ୍ପିଟାଲରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାର ଅନେକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ କିଛି ଲୋକ ତଳେ ପଡ଼ିଛନ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ବସିଛନ୍ତି। ଏ ସମ୍ପର୍କରେ, ଶାହଜାହାନପୁର ପୁଲିସ ‘ଏକ୍ସ’ରେ ପୋଷ୍ଟ କରି ଲେଖିଛନ୍ତି - ଉପରୋକ୍ତ ଘଟଣାରେ କୌଣସି ଜୀବନହାନି ହୋଇନାହିଁ, ଅଗ୍ନିଶମ ବାହିନୀ ଦଳ ଉଦ୍ଧାର କାର୍ଯ୍ୟ କରିଛନ୍ତି ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୁଲିସ ଅଧୀକ୍ଷକ ଶାହଜାହାନପୁର ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରିଛନ୍ତି। ଘଟଣାସ୍ଥଳରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରହିଛି ଏବଂ ଅଧିକ ତଦନ୍ତ କରାଯାଉଛି। ଏହି ଘଟଣା ସମ୍ପର୍କରେ ଜରୁରୀକାଳୀନ ଚିକିତ୍ସା ଅଧିକାରୀ ଡାକ୍ତର ମେରାଜ ଆଲମ କହିଛନ୍ତି, ଲୋକମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ପରେ ଆମେ ଟ୍ରମା ସେଣ୍ଟର (ଶାହାଜାହାନପୁର ମେଡିକାଲ କଲେଜ)କୁ ଖାଲି କରିଦେଇଛୁ। ଆମେ ଭାବୁଛୁ ଯେ ଏହା ଏକ ସନ୍ଦେହଜନକ ଗ୍ୟାସ ଲିକ୍, ଆମେ ଆମର ଉଚ୍ଚ ଅଧିକାରୀମାନଙ୍କୁ ଜଣାଇଛୁ।

## ଭାରତୀୟ ସେନାକୁ ମିଳିବ ସ୍ୱଦେଶୀ ନିର୍ମିତ ‘ପ୍ରଚଣ୍ଡ’



**ନୂଆଦିଲ୍ଲୀ, ୨୫।୫:** କିଛିଦିନ ତଳେ ଭାରତ ୧୫୬ଟି ମେଡ ଇନ୍ ଇଣ୍ଡିଆ ଏଲସିଏଚ ପ୍ରଚଣ୍ଡ ହେଲିକପ୍ଟର କ୍ରୟ ପାଇଁ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଥିଲା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ହାଲକୁ ୧୫୬ଟି ହାଲୁକା ଯୁଦ୍ଧ ହେଲିକପ୍ଟର ପ୍ରଚଣ୍ଡ ନିର୍ମାଣ ପାଇଁ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନୁମୋଦନ କରାଯାଇଥିଲା। ଏହି ହେଲିକପ୍ଟରଗୁଡ଼ିକ କର୍ଣ୍ଣାଟକର ବେଙ୍ଗାଲୁରୁ ଏବଂ ତୁମକୁରରେ ନିର୍ମିତ ହେବ। ଏହି ଚୁକ୍ତି ଚୀନ୍ ଏବଂ ପାକିସ୍ତାନ ସୀମାରେ ଅପରେସନକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ସରକାର ଆତ୍ମନିର୍ଭରଶୀଳ ଭାରତ ପଦକ୍ଷେପ ଅଧୀନରେ ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏହା ଅଧୀନରେ ଏହି ଶକ୍ତିଶାଳୀ ହେଲିକପ୍ଟରଗୁଡ଼ିକ ନିର୍ମାଣ କରାଯିବ। ଏହାକୁ ହାଲ ଦ୍ୱାରା ଭାରତରେ ଡିଜାଇନ୍ କରାଯାଇଛି।

୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ ସମୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରଥମେ ଉଚ୍ଚ ସ୍ଥାନରେ କାର୍ଯ୍ୟ କରିବା ପାଇଁ ଷ୍ଟିଲଥ୍ ହେଲିକପ୍ଟରର ଆବଶ୍ୟକତା ଅନୁଭବ କରିଥିଲା। ଏହା ପରେ ଏପରି ହେଲିକପ୍ଟର ଉପରେ କାମ ଆରମ୍ଭ ହୋଇଥିଲା। ଏହା ୧୫ ହଜାର ଫୁଟରୁ ଅଧିକ ଉଚ୍ଚତାରେ ମଧ୍ୟ ସହଜରେ କାମ କରିପାରିବ। ଏଥିରେ ଆକାଶରୁ ଆକାଶ କ୍ଷେପଣାସ୍ତ୍ର, ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ କ୍ଷେପଣାସ୍ତ୍ର ଏବଂ ରକେଟ୍ ସ୍ଥାପନ କରାଯାଇପାରିବ। ଏଥିରେ ଶତ୍ରୁର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଧ୍ୱଂସ କରିବାର କ୍ଷମତା ମଧ୍ୟ ଅଛି। ଏହା ବିଶ୍ୱର ଏକମାତ୍ର ହେଲିକପ୍ଟର ଯାହା ୧୬,୪୦୦ ଫୁଟ ଉଚ୍ଚତାରେ ଅବତରଣ ଏବଂ ଉଡ଼ିପାରିବ। ଏହା ନାଇଟ୍ ଭିଜନ୍ ଏବଂ ଇନଫ୍ରାରେଡ୍ ସିଷ୍ଟମ ସହିତ ସଜ୍ଜିତ, ଯାହା ଏହାକୁ ଅନ୍ଧାରରେ ମଧ୍ୟ ସଠିକ୍ ଭାବରେ ଆକ୍ରମଣ କରିବାକୁ ସକ୍ଷମ କରିଥାଏ। ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନରେ ରଖି ଏଥିରେ ରାଡାର ୱାର୍ଣ୍ଣିଙ୍ଗ ରିସିଭର, ମିସାଇଲ ଆପ୍ରୋଚ୍ ୱାର୍ଣ୍ଣିଙ୍ଗ ପ୍ରଣାଳୀ ଏବଂ ଲେଜର ୱାର୍ଣ୍ଣିଙ୍ଗ ସିଷ୍ଟମ ଭଳି ଉନ୍ନତ ପ୍ରତିରକ୍ଷା ପ୍ରଣାଳୀ ସଜ୍ଜିତ କରାଯାଇଛି। ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୨୮୮ ମାଇଲ ଅର୍ଥାତ୍ ପ୍ରାୟ ୪୬୩ କିଲୋମିଟର ହେବ। ହାଲୁକା ଯୁଦ୍ଧ ହେଲିକପ୍ଟରର ପ୍ରଥମ ପ୍ରୋଟୋଟାଇପ୍ ମାର୍ଚ୍ଚ ୨୦୧୦ ରେ ପ୍ରଥମ ଥର ପାଇଁ ଉଡ଼ିଥିଲା ଏବଂ ସିଆଚେନ୍ ଗ୍ଲେସିୟର ସମେତ ଅନ୍ୟ ଉଚ୍ଚତା ଅଞ୍ଚଳରେ ସଫଳତାର ସହ ଅବତରଣ ଏବଂ ଉଡ଼ାଣ କରିବାର କ୍ଷମତା ପ୍ରଦର୍ଶନ କରିଥିଲା। ହାଲ ନିଶ୍ଚିତ କରିଛି ଯେ ଏହାର ପ୍ରଥମ ବ୍ୟାଚ୍ ମାର୍ଚ୍ଚ ୨୦୨୮ରୁ ବିତରଣ ଆରମ୍ଭ ହେବ। ମୋଟ ୧୫୬ଟି ହେଲିକପ୍ଟର ତିଆରି କରାଯିବ, ଯେଉଁଥିରୁ ୬୬ଟି ଭାରତୀୟ ବାୟୁସେନାକୁ ଏବଂ ୯୦ଟି ସେନାକୁ ଦିଆଯିବ।

### ଖ୍ୱାଜା ଆସିଫଙ୍କ ବିସ୍ଫୋରକ ମନ୍ତବ୍ୟ

## ଯୁଦ୍ଧ ଲଗାଇ ଟଙ୍କା ରୋଜଗାର କରୁଛି ଆମେରିକା



### ଗତ ଶତାବ୍ଦୀ ଧରି ବିଶ୍ୱରେ ଯୁଦ୍ଧ ସୃଷ୍ଟି କରି ଲାଭ କମାଇ ଆସୁଛି

**ଇସଲାମାବାଦ, ୨୫।୫:** ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଆମେରିକାକୁ ନେଇ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସାରା ବିଶ୍ୱରେ ଘଟୁଥିବା ହିଂସା ଏବଂ ଯୁଦ୍ଧ ସମ୍ପର୍କରେ ଆମେରିକା ଉପରେ ଅନେକ ପ୍ରଶ୍ନ ଉଠାଇଛନ୍ତି ଖ୍ୱାଜା। ସେ ଅଭିଯୋଗ କରିଛନ୍ତି ଯେ, ଆମେରିକା ଗତ ୧୦୦ ବର୍ଷ ଧରି ଦେଶ ଦେଶ ମଧ୍ୟରେ ଯୁଦ୍ଧ କରାଉଛି। ସେ ସାରା ବିଶ୍ୱରେ ଘଟୁଥିବା ଯୁଦ୍ଧଗୁଡ଼ିକୁ ଆମେରିକାର ଆୟର ଏକ ଉତ୍ସ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କର ଏହି ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗତ ଶତାବ୍ଦୀ ଧରି ଆମେରିକୀୟମାନେ ବିଶ୍ୱର ସବୁଠି ଯୁଦ୍ଧ କରୁଛନ୍ତି। ସେମାନେ ୨୬୦ ଯୁଦ୍ଧ ଲଢ଼ିଛନ୍ତି, ଚୀନ୍ ୩ ଯୁଦ୍ଧ କରିଛି। ଆମେରିକା ଏବେ ବି ଟଙ୍କା ରୋଜଗାର କରୁଛି। ପାକିସ୍ତାନ ଓ ଭାରତ ମଧ୍ୟରେ ଉତ୍ତେଜନା ବଢାଇବାରେ ଆମେରିକାର ହାତ ଥିବା ସେ କହିଛନ୍ତି। ଏହା ଦ୍ୱାରା ଆମେରିକା ଲାଭ ଉଠାଇବାକୁ ଉଦ୍ୟମ କରିଛି ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି ଖ୍ୱାଜା। ସାମରିକ ଶିଳ୍ପ ସେମାନଙ୍କର ଜିଡିପିର ଏକ ବଡ଼ ଅଂଶ। ତେଣୁ ଆମେରିକାକୁ ଯୁଦ୍ଧରେ ସାମିଲ ହେବାକୁ ପଡ଼େ। ଆମେରିକା ରୋଜଗାର କରିବା ପାଇଁ ଦେଶ ଦେଶ ମଧ୍ୟରେ ଯୁଦ୍ଧ କରାଇଥାଏ। କେତେବେଳେ ଏଠାରେ ତ ଅନ୍ୟ କେତେବେଳେ ସେଠାରେ। ଯେତେବେଳେ ଦେଶଗୁଡ଼ିକ ଲଢ଼ନ୍ତି ଆମେରିକାର ରୋଜଗାର ହୋଇଥାଏ। ଖ୍ୱାଜା ଆସିଫ ତାଙ୍କ ବକ୍ତବ୍ୟକୁ ପ୍ରମାଣିତ କରିବା ପାଇଁ କେତେକ ଦେଶର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ପାଲେଷ୍ଟାଇନ, ସିରିଆ, ମିଶର ଏବଂ ଲିବିଆରେ ଏହା କରିଛି। ସେମାନେ ଧନୀ ଦେଶ ଥିଲେ, ଯୁଦ୍ଧ ଯୋଗୁ ଏବେ ଦେବାଳିଆ ହୋଇଗଲେଣି ଏବଂ ଆମେରିକା ଏହି ଯୁଦ୍ଧ କରାଇ ରୋଜଗାର କରିଛି। ତାଙ୍କର ଏହି ମନ୍ତବ୍ୟ ପରେ ସାରା ବିଶ୍ୱରେ ପୁଣି ଥରେ ଆମେରିକାର ଭୂମିକା ଉପରେ ବିତର୍କ ଆରମ୍ଭ ହୋଇଛି। ଯେତେବେଳେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ପାକିସ୍ତାନ ବିବାଦରେ ଅସ୍ତ୍ରବିରତିର ଶ୍ରେୟ ବାରମ୍ବାର ନେଉଛନ୍ତି। ଏପରିସ୍ଥଳେ ଖ୍ୱାଜା ମୁହଁ ଖୋଲିବା ସହ ଆମେରିକାର ଅସଲ ମୁଖାକୁ ଖୋଲି ଦେଇଛନ୍ତି। ଏହା ପ୍ରଥମ ଥର ନୁହେଁ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣର କିଛି ଦିନ ପରେ ସ୍କାଏ ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ଆସିଫ୍ ସ୍ୱୀକାର କରିଥିଲେ ଯେ ପାକିସ୍ତାନ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ ଏବଂ ପ୍ରୋତ୍ସାହନ ଦେଉଛି। ଯାହାଦ୍ୱାରା ଆମେ ‘ଆମେରିକାର ଘୃଣ୍ୟ କାମ’ କରିବାକୁ ବାଧ୍ୟ ହେଉଛି। ଆମେ ତିନି ଦଶନ୍ଧି ଧରି ଆମେରିକା ଓ ବ୍ରିଟେନ ସମତେ ପାଶ୍ଚାତ୍ୟଦେଶ ପାଇଁ ଏପରି ଘୃଣ୍ୟ କାମ କରିଆସୁଛି। ସେତେବେଳେ ବି ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

### ରାସ୍ତା ପାର୍ ହେଉଥିବା ବେଳେ ଧକ୍କା ଦେଲା କାର୍

## ପରିବାରର ୪ ମୃତ, ୩ ଆହତ



**ତାମିଲନାଡୁ, ୨୫।୫:** ମଦୁରୈ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ସଡ଼କ ପାର୍ କରୁଥିବା ବେଳେ ପରିବାରର ୭ ଜଣଙ୍କୁ ଧକ୍କା ଦେଇଥିଲା। ଫଳରେ ପରିବାରର ୪ ଜଣଙ୍କ ଜୀବନ ଚାଲିଯାଇଛି। ଘଟଣାରେ ୩ ଜଣ ଗରୁତର ରହିଛନ୍ତି । ସୂଚନା ମୁତାବକ, ତାମିଲନାଡୁର ମଦୁରୈ ଜିଲ୍ଲାରେ ଉସିଲାମପଟ୍ଟୀ ନିକଟରେ କୁଜମପଟ୍ଟୀରେ ଏହି ଦୁର୍ଘଟଣା ଘଟିଛି । ପରିବାର ଲୋକ ରାସ୍ତା ପାର୍ ହେବା ପରେ ଏକ କାର୍ ଧକ୍କା ଦେଇଥିଲା । ପରିବାରର ୭ ଜଣ ରାସ୍ତା ପାର୍ ହୋଉଥିବା ବେଳେ କାର୍ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩ ଜଣ ଗୁରତର ରହିଛନ୍ତି । ମଦୁରୈର ପୋଲିସ ଅଧିକ୍ଷକ ଅରବିନ୍ଦ ଘଟଣା ବିଷୟରେ ଖବର ଦେଇ କହିଛନ୍ତି, ଦୁର୍ଘଟଣା ଶନିବାର ରାତିରେ ଘଟିଛି। ପରିବାରର ଲୋକମାନେ ରାସ୍ତା ପାର ହେଉଥିବା ବେଳେ ଏକ ଅନିୟନ୍ତ୍ରିତ କାର୍ ଧକ୍କା ଦେଇଥିଲା । ଫଳରେ ଏମାନଙ୍କ ଜୀବନ ଚାଲିଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି ।

### ଜେଲ୍‌ରୁ ଇମ୍ରାନ୍‌ଙ୍କ ଚାଞ୍ଚଲ୍ୟକର ବୟାନ୍

## ପ୍ରଧାନମନ୍ତ୍ରୀ ସେନା ହାତ କଣ୍ଢେଇ



**ଇସଲାମାବାଦ, ୨୫।୫:** ପାକିସ୍ତାନର ରାଜନୀତି ସର୍ବଦା ସାମରିକ ଏବଂ ବେସାମରିକ ସରକାରଙ୍କ ମଧ୍ୟରେ କ୍ଷମତା ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଆସିଛି। ଦେଶର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିର୍ବାଚିତ ପ୍ରଧାନମନ୍ତ୍ରୀ ନୁହଁନ୍ତି, ବରଂ ସେନାମୁଖ୍ୟ ନିଅନ୍ତି ବୋଲି କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍। ସମ୍ପ୍ରତି ଆଦିଆଲା ଜେଲ୍‌ରେ ଥିବା ଇମ୍ରାନ୍ କହିଛନ୍ତି ଯେ ପାକିସ୍ତାନରେ ପ୍ରକୃତ କ୍ଷମତା କୌଣସି ନିର୍ବାଚିତ ସରକାରଙ୍କ ପାଖରେ ନୁହେଁ, ବରଂ ସେନା ପାଖରେ ରହିଛି। ଅର୍ଥାତ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେନା ହାତର ସଖୀ କଣ୍ଢେଇ ବୋଲି ଇମ୍ରାନ୍ କହିଛନ୍ତି। ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ପ୍ରତିଷ୍ଠାତା ଇମ୍ରାନ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ବର୍ତ୍ତମାନର ପିଏମଏଲ-ଏନ ସରକାରଙ୍କୁ କଡ଼ା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ଏହି ସରକାର କେବଳ ଲୋକଦେଖାଣିଆ। କାରଣ ପ୍ରକୃତ କ୍ଷମତା ସେନା ପାଖରେ ଅଛି। ସେଥିପାଇଁ ସେମାନେ ଯେକୌଣସି ଆଲୋଚନା ପାଇଁ ସରକାରଙ୍କ ବଦଳରେ ସାମରିକ ନେତୃତ୍ୱ ସହ କଥା ହେବାକୁ ଚାହୁଁଛନ୍ତି ବୋଲି କ୍ରିକେଟର୍‌ରୁ ରାଜନେତା ପାଲଟିଥିବା ଇମ୍ରାନ୍ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେସରକାର ସମୟ ନଷ୍ଟ କରୁଛନ୍ତି ଏବଂ ଦେଶକୁ ମିଥ୍ୟା ରାଜନୈତିକ ବାହାନାରେ ଫସାଇ ଦେଉଛନ୍ତି। ଏହି ସରକାରର କୌଣସି ଅଧିକାର ନ ଥାଇ ମଧ୍ୟ କେବଳ କ୍ଷମତାର ଚୌକିକୁ ଲାଗି ରହିଛି। ପ୍ରକୃତ ନିଷ୍ପତ୍ତି ନେବାର ଶକ୍ତି ହେଉଛି ସାମରିକ ପ୍ରତିଷ୍ଠାନ। ଏପରି ପରିସ୍ଥିତିରେ, କଥାବାର୍ତ୍ତା ମଧ୍ୟ ତାଙ୍କ ସହିତ ହେବା ଉଚିତ ବୋଲି ସେ କହିଛନ୍ତି। ସେହିପରି ତାଙ୍କ ଦଳର ନେତାମାନଙ୍କ ବିରୁଦ୍ଧରେ ଚାଲିଥିବା ମାମଲାଗୁଡ଼ିକୁ ଏକ ଷଡ଼ଯନ୍ତ୍ର ବୋଲି ଇମ୍ରାନ୍ କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ସହକର୍ମୀଙ୍କୁ ସାମ୍ବାଦିକ ସମ୍ମିଳନୀରେ ବିବୃତ୍ତି ଦେବାକୁ ବାଧ୍ୟ କରି ଦଳରୁ ଅଲଗା କରିଦିଆଯାଇଥିଲା। ଦେଶରେ ଅପହରଣ ଭଳି ଘଟଣା ସାଧାରଣ ହୋଇଗଲାଣି। ତା’ଛଡ଼ା ଏବେ ଦେଶରେ କୌଣସି ଆଇନ ନାହିଁ, ଏଠି ଜଙ୍ଗଲରାଜ ଚାଲିଛି ବୋଲି ସେ କହିଛନ୍ତି।

# ଶିମଲାରେ ବାଦଲଫଟା ବର୍ଷା

● ବନ୍ୟାରେ ଭାସିଗଲା ଏକାଧିକ ଗାଡି
● ଦିଲ୍ଲୀରେ ଝଡ଼ବର୍ଷା, ଲୋକେ ଜଳବନ୍ଦୀ
● ବିମାନ ସେବା ବାତିଲ





**ନୂଆଦିଲ୍ଲୀ, ୨୫।୫ ;** ହିମାଚଳ ପ୍ରଦେଶର ରାଜଧାନୀ ଶିମଲାରେ ପ୍ରବଳ ବର୍ଷା ହୋଇଛି। ରାତିରେ ଶିମଲାର ରାମପୁର ଅଞ୍ଚଳରେ ବାଦଲ ଫଟା ବର୍ଷାର ଖବର ମିଳିଛି। ଯେଉଁଥିପାଇଁ ସେଠାରେ ବଡ଼ କ୍ଷତି ହେବାର ସମ୍ଭାବନା ରହିଛି। ଏଠାରେ ବନ୍ୟା ଯୋଗୁଁ ଅନେକ ଯାନବାହନ ଭାସି ଯାଇଛି। ରାତିରୁ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି। ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୬.୦୦ ଟା ସମୟରେ ରାମପୁର ଅଞ୍ଚଳରେ ହଠାତ୍ ବାଦଲ ଫଟା ବର୍ଷା ହୋଇଥିଲା। ଯାହାଫଳରେ ବ୍ୟାପକ ଧ୍ୱଂସ ଘଟାଇଥିଲା। ପ୍ରାୟ ୧୦ଟି ଗାଡ଼ି ଭାସି ଯାଇଥିବା କୁହାଯାଇଛି। ତଥାପି ସଠିକ୍ ସଂଖ୍ୟା ଏପର୍ଯ୍ୟନ୍ତ ଜଣାନାହିଁ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶନିବାର ସନ୍ଧ୍ୟା ୬ଟାରୁ ଶିମଲାରେ ଘଡ଼ଘଡ଼ି ଏବଂ ବିଜୁଳି ସହିତ ପ୍ରବଳ ବର୍ଷା ହେଉଥିଲା। ଏହା ପରେ ହଠାତ୍ ବାଦଲ ଫାଟିବା ପରେ ବନ୍ୟା ଆସିଗଲା। ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶିମଲାର ପାଣିପାଗ କେନ୍ଦ୍ର ୩୦ ମେ’ ପର୍ଯ୍ୟନ୍ତ ୟଲୋ ଆଲର୍ଟ ଜାରି କରିଛି ଏବଂ ଏପରି ସ୍ଥିତିରେ ଆଗାମୀ ୬ ଦିନ ପାଇଁ ହିମାଚଳ ପ୍ରଦେଶରେ ଝଡ଼ ଏବଂ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ରାଜଧାନୀ ଦିଲ୍ଲୀରେ ବି ପ୍ରବଳ ବର୍ଷା ଲାଗି ରହିଛି। ଶନିବାର ଝଡ଼ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଥିଲା ପାଣିପାଗ ବିଭାଗ। ଏହା ପରେ ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ପ୍ରବଳ ବର୍ଷା ସହିତ ପବନ ବୋହିଥିଲା। ଲୋକଙ୍କୁ ଗରମରୁ ଆଶ୍ୱସ୍ତି ଦେଇଥିଲା କିନ୍ତୁ ଅନେକ ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରେ ଗଛ ଉପୁଡି ପଡ଼ିଛି। ଦିଲ୍ଲୀର ଅନେକ ଜିଲ୍ଲାରେ ଘଣ୍ଟାପ୍ରତି ୬୦ରୁ ୮୦ କିଲୋମିଟର ବେଗରେ ପବନ ବହିବା, ଝଡ଼ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ କରାଇଥିଲା। ଏହା ଅନ୍ତର୍ଗତ ଦିଲ୍ଲୀ-ଏନସିଆରକୁ ମଧ୍ୟ ରେଡ୍ ଆଲର୍ଟ ଜାରି କରାଯାଇଥିଲା। ସତର୍କ ସୂଚନା ଜାରି ହେବାର ମାତ୍ର କିଛି ଘଣ୍ଟା ପରେ, ଦିଲ୍ଲୀ-ଏନସିଆରର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀର ଅନେକ ସ୍ଥାନରେ ପାଣି ଜମି ରହିଛି। ମିଣ୍ଟୋ ରୋଡ୍, ହୁମାୟୁନ୍ ରୋଡ୍, ଶାସ୍ତ୍ରୀ ଭବନ ଭଳି ଅଞ୍ଚଳଗୁଡ଼ିକ ପାଣିରେ ବୁଡ଼ି ରହିଛି। ମିଣ୍ଟୋ ବ୍ରିଜ୍ ଉପରେ ପାଣିରେ ଏକ କାର ବୁଡ଼ି ରହିଥିବା ସୂଚନା ମଧ୍ୟ ମିଳିଛି। ପାଣି ଜମି ରହିବା ଯୋଗୁଁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନବନ୍ଦର ସକାଳ ୬:୫୦ରେ ଯାତ୍ରୀମାନଙ୍କ ପାଇଁ ଏକ ଆଡଭାଇଜରି ଜାରି କରିଛି। ଗତ ରାତିରେ ଖରାପ ପାଗ ଯୋଗୁଁ କିଛି ବିମାନ ପ୍ରଭାବିତ ହୋଇଥିବା ଉଲ୍ଲେଖ କରାଯାଇଛି। ଯାତ୍ରୀମାନଙ୍କୁ ନିୟମିତ ଭାବରେ ସେମାନଙ୍କର ବିମାନ ସ୍ଥିତି ଟ୍ରାକ କରିବାକୁ ଏବଂ ଅପଡେଟ୍ ପାଇଁ ବିମାନ କର୍ମଚାରୀଙ୍କ ସହିତ ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଇଛି। ଖରାପ ପାଗ ଯୋଗୁଁ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରବଳ ଝଡ଼ ଏବଂ ପ୍ରବଳ ବର୍ଷା ଯୋଗୁଁ ୧୦୦ରୁ ଅଧିକ ବିମାନ ପ୍ରଭାବିତ ହୋଇଛି। ଝଡ଼ ସମୟରେ ୨୫ରୁ ଅଧିକ ବିମାନର ଗତି ପରିବର୍ତ୍ତନ କରାଯାଇଥିଲା।

# ବିଶ୍ୱକପ୍ ପୂର୍ବରୁ ବୀରେନ୍ଦ୍ର ଲାକ୍ରାଙ୍କୁ ମିଳିଲା ଗୁରୁଦାୟିତ୍ୱ

ନୂଆଦିଲ୍ଲୀ,୨୫।୫: ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ।



ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା।

## ୬ ବର୍ଷ ପରେ ଫାଇନାଲ୍‌ରେ ଶ୍ରୀକାନ୍ତ

**ମାଲେସିଆ ମାଷ୍ଟର୍ସ**

କୁଆଲାଲମ୍ପୁର, ୨୫।୫: ଦୀର୍ଘ ୬ ବର୍ଷ ପରେ ଏକ ବିଡବ୍ଲ୍ୟୁଏଫ୍ ଇଭେଣ୍ଟର ଫାଇନାଲ୍‌କୁ ଉଠିଛନ୍ତି ଭାରତୀୟ ତାରକା କିଡ଼ାମ୍ବି ଶ୍ରୀକାନ୍ତ। ଚଳିତ ମାଲେସିଆ ମାଷ୍ଟର୍ସ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଶନିବାର ଶ୍ରୀକାନ୍ତ ଜାପାନର ୟୁସି ତାନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରିଛନ୍ତି। ୨୦୨୧ରେ ବିଶ୍ୱ ପ୍ରତିଯୋଗିତା ରୌପ୍ୟ ପଦକ ଜିତିଥିବା ୩୨ ବର୍ଷୀୟ ଶ୍ରୀକାନ୍ତ ଶନିବାର ଶାଣିତ ନେଟ୍ ପ୍ଲେ ଓ ଆକ୍ରମଣାତ୍ମକ ସଟ୍ ଖେଳି ବାଜି ମାରି ନେଇଥିଲେ। 'ଏଠାରେ ପହଞ୍ଚିଥିବାରୁ ମୁଁ ବହୁତ ଖୁସି' ବୋଲି ସେ ସେମିଫାଇନାଲ୍ ପରେ ପ୍ରକାଶ କରିଛନ୍ତି। ୨୦୨୯ ମସିହାର ଇଣ୍ଡିଆନ୍ ଓପନ୍‌ରେ ରନର୍ସ ଅପ୍ ହେବା ପରଠାରୁ ସେ କୌଣସି ବିଡବ୍ଲ୍ୟୁଏଫ୍ ଇଭେଣ୍ଟର ଫାଇନାଲ୍‌କୁ ଉଠି ପାରିନଥିଲେ। ରବିବାରର ଫାଇନାଲ୍‌ରେ ଶ୍ରୀକାନ୍ତ ଭେଟିବେ ବିଶ୍ୱର ୪ ନମ୍ବର ଖେଳାଳି ଚୀନର ଲି ସି ଫେଙ୍ଗ୍‌ଙ୍କୁ ଭେଟିବେ। ଫେଙ୍ଗ୍ ଅନ୍ୟ ସେମିଫାଇନାଲ୍‌ରେ ଜାପାନର କୋଡ଼ାଇ ନାରାଓକୋଙ୍କୁ ୨୧-୧୫, ୨୧-୧୫ରେ ପରାସ୍ତ କରିଥିଲେ। ବିଶ୍ୱର ପୂର୍ବତନ ଏକ ନମ୍ବର ଶ୍ରୀକାନ୍ତ ବିଗତ କିଛି ଋତୁରେ ଫର୍ମ ଓ ଫିଟନେସ୍‌କୁ ନେଇ ସଂଘର୍ଷ କରିବାରୁ ଏବେ ୬୫ତମ ମାନ୍ୟତାରେ ରହିଛନ୍ତି। ୨୦୧୭ରେ ସେ ପ୍ରଥମ ଭାରତୀୟ ଭାବେ ୪ଟି ବଡବ୍ଲ୍ୟୁଏଫ ଟାଇଟଲ୍ ଜିତିବା ସହ ପ୍ରଥମ ଭାରତୀୟ ଭାବେ ମଧ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ହାସଲ କରିଥିଲେ।

## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ: ଓଡ଼ିଶା ଦ୍ୱାଦଶ



### ସିପକ୍‌ଟାକ୍ରରୁ ଗୋଟିଏ ରୌପ୍ୟ ସହ ୩ ପଦକ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ): କେନ୍ଦ୍ର ଶାସିତ ଅଞ୍ଚଳ ଡାମ ଓ ଡିଉ'ରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୭ଟି କାଂସ୍ୟ ପଦକ ଜିତିଛି। ଓଡ଼ିଶାର ଏକମାତ୍ର ସ୍ୱର୍ଣ୍ଣ ମହିଳା ସକ୍କରରୁ ଆସିଥିଲା ବେଳେ ପେନ୍‌ଚାକ୍ ସିଲାଟ୍ ଭଳି ସାମରିକ କଳାରେ ମଧ ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେହିଭଳି ପ୍ରତିଯୋଗିତାର ଶେଷ ଦିନରେ ରାଜ୍ୟ ସିପକଟାକ୍ର ଦଳ ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ପଦକ ଜିତିଛି। ଓଡ଼ିଶା ମହିଳା ସିପକ୍‌ଟାକ୍ର ଦଳ ରୌପ୍ୟ ପଦକ ଜିତିଛି। ସେହିଭଳି ପୁରୁଷ ଓ ମହିଳା କ୍ୱାଡ୍‌ରେ ରାଜ୍ୟ ଦଳ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଜିତିଛି। ରାଜ୍ୟ ଦଳର ଏହି ସଫଳତା ଲାଗି କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡିଶା ସିପକ୍‌ଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ବରିଷ୍ଠ ଉପସଭାପତି ମହମ୍ମଦ ଗୁଲଫାମ୍ , ବିଶ୍ୱନାଥ ମିଶ୍ର, କୋଷାଧକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ମେ ୧୯ରୁ ୨୪ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ୩୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ।

**ଓଡ଼ିଶା ପୁରୁଷ ସିପକ୍‌ଟାକ୍ର ଦଳ:** ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝି, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ, ବୁଲୁ ପାତ୍ର, ସୁଶାନ୍ତ ଷଡ଼ଙ୍ଗୀ (ପ୍ରବନ୍ଧକ), ଲଲାଟେନ୍ଦୁ ସ୍ୱାଇଁ (ପ୍ରଶିକ୍ଷକ)। **ମହିଳା ଦଳ:** ଏ.ଶ୍ରାବଣୀ, ସଂଗୀତା କିଶାନ୍, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ, ରାଇମଣି ଟୁଡୁ, ଲକ୍ଷ୍ମୀପ୍ରିୟା ନାୟକ (ପ୍ରଶିକ୍ଷକ), ସ୍ୱାରିକା ଦାଶ (ପ୍ରବନ୍ଧକ)।

# ୧୦୦୦ବର୍ଷ ପୁରୁଣା ମନ୍ଦିରକୁ ଯାଇ ପୂଜା କଲେ ବିରୁଷ୍କା

ନୂଆଦିଲ୍ଲୀ, ୨୫।୫: ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ପରେ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟକୁ ମଧ ଅଲବିଦା କହିଛନ୍ତି। ଲଗାତାର କ୍ରିକେଟ ଖେଳିବା ପରେ ଏବେ ଅବସର ସମୟରେ ସେ ନିଜ ପରିବାରକୁ ସମୟ ଦେଉଥିବା ଦେଖାଯାଉଛନ୍ତି। ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ସେ ବିଭିନ୍ନ ମନ୍ଦିର ପରିଦର୍ଶନ କରୁଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେବା ପରେ, ସେ ଏବେ ଅଯୋଧାରେ ପହଞ୍ଚିଛନ୍ତି। ସେଠାରେ ସେ ପ୍ରାୟ ୧୦୦୦ ବର୍ଷ ପୁରୁଣା ମନ୍ଦିର ହନୁମାନ ଗଢ଼ିରେ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ପୂଜା କରିଥିବା ଜଣାଯାଇଛି।



ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବିରାଟ କୋହଲି ବିଭିନ୍ନ ମନ୍ଦିର ପରିଦର୍ଶନ କରୁଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେବା ପରେ, ସେ ଏବେ ଅଯୋଧାରେ ପହଞ୍ଚିଛନ୍ତି। ଏହି ଘଟଣାର ଏକ ଭିଡିଓ ଏବେ ଭାଇରାଲ ହେଉଛି, ଯେଉଁଥିରେ ମନ୍ଦିରର ପୂଜାରୀ ସେମାନଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଉଛନ୍ତି। କୁହାଯାଉଛି ଯେ, ଷ୍ଟାର ବ୍ୟାଟସମ୍ୟାନ ମନ୍ଦିରରେ ପୂଜାର୍ଚ୍ଚନା କରି ଭଗବାନଙ୍କ ଆଶୀର୍ବାଦ ନେବା ପରେ ମନ୍ଦିର ପରିସରରେ ପତ୍ନୀ ଅନୁଷ୍କାଙ୍କ ସହିତ କିଛି ସମୟ ବିତାଇଥିଲେ।

ତେବେ ବିରାଟ କୋହଲି ବର୍ତ୍ତମାନ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ତମ ସିଜିନରେ ବ୍ୟସ୍ତ ଅଛନ୍ତି, ଯେଉଁଠାରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖେଳୁଛନ୍ତି। ଚଳିତ ସିଜିନରେ ତାଙ୍କ ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ପ୍ରଶଂସନୀୟ ରହିଛି। ଏପର୍ଯ୍ୟନ୍ତର ପ୍ରଦର୍ଶନରେ ବେଙ୍ଗାଲୁର ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ରହିଛି। ଆଇପିଏଲ୍‌ର ଚଳିତ ସଂସ୍କରଣରେ ବେଙ୍ଗାଲୁରୁ ୧୩ଟି ମ୍ୟାଚ୍ ମଧରୁ ୮ଟିରେ ବିଜୟ ହାସଲ କରିଥିବା ବେଳେ ୪ଟିରେ ହାରିଯାଇଛି। ଅନ୍ୟ ଏକ ମ୍ୟାଚ୍ ଅନିବାର୍ଯ୍ୟ କାରଣ ଯୋଗୁଁ ଖେଳାଯାଇ ପାରି ନଥିଲା।



**ଜେନେଭା ଓପନ୍**

## ୧୦୦ତମ ଏଟିପି ଟାଇଟଲ ହାସଲ କଲେ ଜୋକୋଭିକ

ନୂଆଦିଲ୍ଲୀ,୨୫।୫: ୨୪ ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ତଥା ସର୍ବିୟାର ପ୍ରସିଦ୍ଧ ଖେଳାଳି ନୋଭାକ ଜୋକୋଭିକ କ୍ୟାରିୟରେ ୧୦୦ତମ ଏଟିପି ଟାଇଟଲ୍ ହାସଲ କରିଛନ୍ତି। ସ୍ୱିଜରଲାଣ୍ଡରେ ଆୟୋଜିତ ଜେନେଭା ଓପନରେ ଚାମ୍ପିଅନ ହେବା ସହ ସେ ଏହି ସଫଳତା ଲାଭ କରିଛନ୍ତି। ପୁରୁଷ ବର୍ଗ ଫାଇନାଲ୍‌ରେ ଦ୍ୱିତୀୟ ସିଡ୍ ଜୋକୋଭିକ ୫-୭, ୭-୬ (୭-୨), ୭-୬ (୭-୨) ସେଟ୍‌ରେ ପୋଲାଣ୍ଡର ହ୍ୟୁବର୍ଟ ହର୍କାଜଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା। ଓପନ ଏରାରେ ତୃତୀୟ ଖେଳାଳି ଭାବେ ଜୋକୋଭିକ୍ ୧୦୦ ଏଟିପି ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଜିମି କନ୍ନର୍ସ (୧୦୯ଟି) ଓ ରୋଜର ଫେଡେରର (୧୦୩ଟି) ଏହି କାରନାମା କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ଯୁବ ଚେସ୍ ୨୮ରୁ

ଭୁବନେଶ୍ୱର, ୨୫।୫ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ (କେଡିସିଏ) ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ଚେସ୍ (୧୫ ବର୍ଷରୁ କମ୍ ବାଳକ ଓ ବାଳିକା) ପ୍ରତିଯୋଗିତା ମେ' ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ କିଟ୍ ଇଣ୍ଟରନ୍ୟାସନାଲ୍ ଚେସ୍ ହଲ୍‌ରେ ଖେଳାଯିବ। ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ କେଡିସିଏ ଏକ ବୟସ ବର୍ଗ ପ୍ରତିଯୋଗିତା ଆୟୋଜନ କରୁଛି ରାଜ୍ୟ ଚୟନ ପ୍ରତିଯୋଗିତା ପାଇଁ। ଉଭୟ ବର୍ଗର ଶୀର୍ଷ ୪ ଖେଳାଳି ରାଜ୍ୟ ଯୁବ ଚେସ୍ (୧୫ ବର୍ଷରୁ କମ୍) ପାଇଁ ଯୋଗ୍ୟତା ଅର୍ଜନ କରିବେ। ଉଭୟ ବର୍ଗର ଶୀର୍ଷ ୬ ଜଣ ଖେଳାଳିଙ୍କୁ ବି ମୋଟ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ପ୍ରବେଶିକା ଦେୟ କିନ୍ତୁ ୪୦୦ ଟଙ୍କା ରଖାଯାଇଛି। ମୋଟ ୨୪ ଟ୍ରଫି ଏବଂ ୩୬ ଚେସ୍ ପୁସ୍ତକ ବି ପ୍ରଦାନ କରାଯିବ ବୋଲି କେଡିସିଏ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଗ୍ରହୀ ଖେଳାଳିମାନେ କେଡିସିଏ ସଦସ୍ୟ ଏସ୍ ସତ୍ୟକାମ (୯୯୩୭୦ ୦୭୯୪୫)ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଏକମାତ୍ର ଟେଷ୍ଟରେ ଜିମ୍ବାୱେକୁ ହରାଇଲା ଇଂଲଣ୍ଡ

ନଟିଂହାମ୍, ୨୫।୫: ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଘରୋଇ ଇଂଲଣ୍ଡ ଅଢ଼େଇ ଦିନ ଭିତରେ ବିଜୟୀ ହୋଇଛି। ଶନିବାର ତୃତୀୟ ଦିନ ଚା'ପାନ ବିରତି ପୂର୍ବରୁ ବେନ୍ ଷ୍ଟୋକ୍ସଙ୍କ ଦଳ ଏକ ପାଳି ଓ ୪୫ ରନ୍‌ରେ ବିଜୟ ହାସଲ କରିଛି। ଓଲି ପୋପ୍ (୧୭୧), ବେନ୍ ଡକେଟ୍ (୧୪୧), ଜ୍ୟାକ୍ କ୍ରଲି (୧୨୪)ଙ୍କ ତିନି ଶତକ ବଳରେ ଇଂଲଣ୍ଡ ୫୬୫/୬ରେ ପାଳି ଘୋଷଣା କରିଥିଲା। ଜବାବରେ ବ୍ରାଏନ୍ ବେନେଟ୍ (୧୩୯)ଙ୍କ ଶ୍ରେଷ୍ଠ ଟେଷ୍ଟ ପାଳି ସତ୍ତ୍ୱେ ଜିମ୍ବାୱେ ୨୬୫ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା। ଫଲୋଅନ୍ ପରେ ଦଳ ଦ୍ୱିତୀୟ ପାଳିରେ ୨୫୫ ରନ୍ କରିଥିଲା। ସ୍ପିନର୍ ସୋଏବ ବଶିର (୩/୬୨, ୬/୮୧) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଢ଼େ ୭ ଘଣ୍ଟା ...

ଉପସ୍ଥିତିକୁ ସୁନିଶ୍ଚିତ କରିବା ସହ ପ୍ରଶାସନିକ ସ୍ତରରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିବା ସକାଶେ ଏପରି ନିର୍ଦ୍ଦେଶନାମା ଜାରି ହୋଇଥିବା କୁହାଯାଇଛି। କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ବିଳମ୍ବରେ କାର୍ଯ୍ୟାଳୟରେ ପହଞ୍ଚୁଥିବାରୁ ଗ୍ରାମାଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସଠିକ୍ ଭାବେ ହୋଇପାରୁନଥିବା ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି।

### ମାମଲା...

ଫୋନ୍‌ରେ କଥା ହେଉଥିବା ପତ୍ନୀକୁ ସେ ଏ ବିଷୟରେ ଜଣାଇବା ସହିତ କିଛି ବ୍ୟକ୍ତି ମୋତେ ଅପହରଣ କରୁଛନ୍ତି ଏବଂ ମୋତେ ବଞ୍ଚାଇବାକୁ କହିଥିଲା । ସେହି ସମୟରେ ଉକ୍ତ ବ୍ୟକ୍ତିମାନେ କହିଥିଲେ ଯେ ଯଦି ତୁ ଏଠାରେ ଚିତ୍କାର କରିବୁ ତେବେ ଆମେ ତତେ ଗୁଳି କରିଦେବୁ । ଭୟରେ ପୁଅ ନିରବ ରହିବାରୁ ସେମାନେ ତାକୁ ଗୋଟିଏ ବୋଲରରେ ବସାଇ ଭୁବନେଶ୍ୱର ଆଣିଥିଲେ । ରାସ୍ତାରେ ସେମାନଙ୍କୁ ପରିଚୟ ମାଗିବାରୁ ସେମାନେ କହିଥିଲେ ଯେ 'ଆମେ ପୁଲିସ୍ ଏବଂ ଭୁବନେଶ୍ୱରରୁ ଆସିଛୁ' । ତା ପରେ ସେମାନେ ପୁଅକୁ ଭୁବନେଶ୍ୱର ଘର ଠିକଣା ମାଗିଲେ ଏବଂ ଘରେ ଯାଇ ଖାନତଲାସ କଲେ । ଘର ଆମେ ପଚାରିବାରୁ ତଦନ୍ତ ଚାଲିଥିବା କହିଥିଲେ ଏବଂ ୧୧ତାରିଖ ଦିନ ପୁଅକୁ ଛାଡିଦେବୁ ବୋଲି କହିଥିଲେ ।

ଏହାପରେ ୧୧ତାରିଖ ରାତି ପ୍ରାୟ ୧୧ଟାରୁ ୧୨ ଟା ମଧ୍ୟରେ ସେମାନେ ପୁଅକୁ ପୁଲିସ୍ କମିଶନର ଅଫିସରୁ ମୁହଁରେ ଟାୱେଲ ଏବଂ ଧଳା ରଙ୍ଗର ଗାମୁଛା ପକାଇ ଦପ୍ତରର ଯେଉଁ ସିଧାରେ ବଡ ଘଣ୍ଟା ଲାଗିଛି ସେହି ବାଟ ଦେଇ ଉପର ମହଲାକୁ ନେଇଗଲେ। ଯେତେ କାକୁତି ମିନତି ହୋଇ ମୋର ଦୋଷ କ'ଣ ଏବଂ ମତେ ଛାଡିଦିଅ ବୋଲି କହିଲାବେଳେ ସେମାନେ ଗୋଟିଏ କଥା କହୁଥିଲେ ତୋତେ ସକାଳେ ଛାଡିଦେବୁ।

ହେଲେ ପୁଅ ସେମାନଙ୍କର ଚାଲ୍ ବୁଝିପାରିଲା ନାହିଁ। ସେହି ପୁଲିସ୍‌ମାନେ ଏପ୍ରିଲ୍ ୧୧ତାରିଖ ଦିନ ରାତି ପ୍ରାୟ ୨.୩୦ରୁ ୩.୩୦ ମଧ୍ୟରେ କମିଶନରେଟ ପୁଲିସ୍ ଅଫିସରୁ ମୁହଁରେ ଧଳା ରଙ୍ଗର ଗାମୁଛା ପକାଇ ଖଣ୍ଡଗିରି ଅଞ୍ଚଳକୁ ନେଲେ। ମୁହଁରେ ଗାମୁଛା ପଡିଥିବାରୁ ପୁଅ କିଛି ଦେଖିପାରୁନଥିବା କହିଛି। ଏହାପରେ ୪/୫ ଜଣ ତାର ହାତ ଧରି ତା' ଅଜାଣତରେ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଗୁଳି ମାଡ଼ ପରେ ପୁଅ ରାସ୍ତାରେ ଚିତ୍କାର କରିବା ସହିତ ଯନ୍ତ୍ରଣାରେ ଗଡୁଥିଲା । ମୋ ଶରୀରରୁ ରକ୍ତର ସୁଅ ଛୁଟୁଥିଲା। ଶରୀର ରକ୍ତ ଜୁଡୁବୁଡୁ ହୋଇଯାଇଥିଲା। ସେହି ସମୟରେ ପୁଲିସ୍ କର୍ମଚାରୀମାନେ ପୁଅର ହାତ ଖୋଲିବା ସହିତ ତୁଳାରେ ଫିଙ୍ଗର ପ୍ରିଣ୍ଟ ନେବା ଆରମ୍ଭ କରିଥିଲେ। ଏହାପରେ ମୋତେ ପୁଲିସ୍ ୬ ନମ୍ବରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ନେଇ ଡାକ୍ତରଙ୍କୁ ଦେଖାଇଥିବା ପୁଅ କହିଥିଲା ।

ଅମିନା ବିବି ଉଲ୍ଲେଖ କରିଥିଲେ ଯେ ଯେଉଁ ଟିଭିଏସ୍ ଆପାଚି ଦୁଇ ଚକିଆ ଯାନକୁ ପୁଅର ବୋଲି ପୁଲିସ୍ ଦର୍ଶାଉଛି ତାହା ତାର ନୁହେଁ । ଯେଉଁ ବନ୍ଧୁକ ପୁଲିସ୍ ଦେଖାଉଛି ତାହାର ବି ପୁଅର ନୁହେଁ। ଆମ ପରିବାରକୁ ହଇରାଣ କରିବାପାଇଁ ପୁଲିସ୍ ଏଭଳି ମିଛ ଏନକାଉଣ୍ଟର କରିଛି । ତେଣୁ ମୋ ପୁଅକୁ ନ୍ୟାୟ ମିଳୁ ।

### ଭାରତ...

ଭିତରେ ଜର୍ମାନୀକୁ ବି ପଛରେ ପକାଇଦେବା ବୋଲି ଭାବୁଛି। ଆମେ ଆମର ଯୋଜନାରେ ଦୃଢ଼ ଏବଂ ଯଦି ସବୁକିଛି ଠିକ୍ ରହେ ତେବେ ଆଗାମୀ ଅଢ଼େଇରୁ ତିନି ବର୍ଷ ମଧ୍ୟରେ ଆମେ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇଯିବୁ। ସେ କହିଛନ୍ତି ଯେ ଆମେରିକାର ଶୁଳ୍କ ଯୋଗୁ ବିଶ୍ୱରେ ଅଶାନ୍ତି ଥିବା ସମୟରେ ଭାରତ ଏହି ସ୍ଥାନ ହାସଲ କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭାରତର ଅଭିବୃଦ୍ଧିକୁ ରୋକିବାରେ ସକ୍ଷମ ହୋଇନାହାନ୍ତି ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି। ଏହି ଅବସରରେ ସେ ଆମେରିକା ରାଷ୍ଟ୍ରପତି ଆପଲ୍ ଆଇଫୋନ୍ ଉପରେ ଶୁଳ୍କ ଲାଗୁ କରିବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଆମେ ଆଶା କରୁଛୁ ଆମେରିକାରେ ବିକ୍ରି ହେଉଥିବା ଆପଲ୍ ଆଇଫୋନ୍ ଭାରତ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ ବରଂ ଆମେରିକାରେ ହିଁ ଉତ୍ପାଦିତ ହେବ। ଭବିଷ୍ୟତରେ ଶୁଳ୍କ ସ୍ଥିତି କ'ଣ ହେବ, ସେନେଇ ଏବେଠୁ କିଛି କହିବା ମୁସ୍କିଲ୍। ତଥାପି ଆମେ ନିଶ୍ଚିତ ଭାବରେ ଉତ୍ପାଦନ କ୍ଷେତ୍ରରେ ଏକ ଅପେକ୍ଷାକୃତ ଶସ୍ତା ବଜାର ହେବୁ ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ୍‌ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ଜାରି 'ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍' ରିପୋର୍ଟରେ ଜାପାନକୁ ଟପି ଭାରତ ୨୦୨୫ରେ ହିଁ ଚତୁର୍ଥ ବୃହତ୍ତମ ଅର୍ଥନୀତି ସାବ୍ୟସ୍ତ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା। ଭାରତୀୟ ଅର୍ଥନୀତି ପରିମାଣ ୪.୧୯ ଟ୍ରିଲିଅନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିବ ବୋଲି ମଧ୍ୟ ଉକ୍ତ ରିପୋର୍ଟରେ କୁହାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୪.୧୮୭ ବିଲିଅନ୍ ଆମେରିକୀୟ ଡଲାର୍ ହେବା ନେଇ ଆଶା କରାଯାଇଥିଲା, ଯାହା ଜାପାନ ଜିଡିପି ୧.୧୮୬ ବିଲିଅନ୍ ଆମେରିକୀୟ ଡଲାର୍‌ଠାରୁ ସାମାନ୍ୟ ଅଧିକ। ସେହିପରି ଆଇଏମ୍ଏଫ୍ ତଥ୍ୟ ଅନୁସାରେ, ୨୦୧୩-୧୪ରେ ଭାରତରେ ମୁଣ୍ଡ ପିଛା ଆୟ ହାର ଯାହା ଥିଲା, ୨୦୨୫ରେ ଏହା ଦ୍ୱିଗୁଣିତ ହୋଇଛି। ଅର୍ଥାତ୍ ୨୦୧୩-୧୪ରେ ଏହା ୧୪୩୮ ଆମେରିକୀୟ ଡଲାର୍ ଥିବା ବେଳେ ୨୦୨୫ରେ ୨୮୮୦ ଆମେରିକୀୟ ଡଲାର୍‌ରେ ପହଞ୍ଚିଯାଇଛି।

ଏଭଳି ଚିକିନିଖି ସୂଚନା ଦେଇ ମାନବ ଅଧିକାର କମିଶନରେ ମାମଲା ରୁଜୁ କରିଥିବା ଅମିନା କ'ଣ ପାଇଁ ମାମଲା ପ୍ରତ୍ୟାହାର ପାଇଁ ଆବେଦନ କଲେ ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଅମିନା ଚାପର ବଶବର୍ତ୍ତୀ ହୋଇ ମାମଲା ପ୍ରତ୍ୟାହାର କରିଛନ୍ତି ନା ଏହା ପଛରେ ଆଉ କ'ଣ କାରଣ ରହିଛି ମାନବ ଅଧିକାର କମିଶନଙ୍କ ସହିତ ପୁଲିସ୍ କମିଶନର ନିଜଆଡୁ ତାହାର ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି ।

### ପୁରୀ ବିଜେଡି ...

ଆସିବା ପରେ ପୂର୍ବରୁ ସଂଜୟ ଓ ଉମାଙ୍କ ମଧ୍ୟରେ ଥିବା ବିବାଦ ଅଧିକ ଘନିଭୂତ ହୋଇଛି।

ଗତ ନିର୍ବାଚନରେ ସଂଜୟ ଓ ଉମାଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ସ୍ୱାପିଂ ହୋଇଥିଲା। ଏହି ସ୍ୱାପିଂରେ ଉମାଙ୍କ ସହମତି ନଥିଲେ ବି ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅବମାନନା କରିବାର ସାହସ ବି ନଥିଲା। ସେ ବିଧାୟକ ହୋଇନପାରିବା ନେଇ ସଂଜୟଙ୍କୁ ଦାୟୀ କରୁଛନ୍ତି। ସେଥିପାଇଁ ଉମା ଜିଲ୍ଲା ସଭାପତି ହେବା ପରେ ସଂଜୟଙ୍କୁ ପୁରୀରେ ଚେକ ଦେବା ଆରମ୍ଭ କରିଛନ୍ତି। ସେ ପୁଣି ଥରେ ନିଜର ପୁରୁଣା ନିର୍ବାଚନମଣ୍ଡଳୀକୁ ଆଖେଇଛନ୍ତି। ସଞ୍ଜୟ ବି ବ୍ରହ୍ମଗିରି ଫେରିବା ନଫେରିବା ନେଇ ଦ୍ୱନ୍ଦ୍ୱରେ।

ସେପଟେ ବିଜେପିରୁ ଘରବାହୁଡ଼ା ହୋଇଥିବା ରମା ବଳିଆରସିଂ ଏବେ ବି ପୁରୀ ବିଜେଡିରେ ଅଛୁଆଁ ହୋଇ ରହିଛନ୍ତି। ସେ କେଉଁ ନିର୍ବାଚନମଣ୍ଡଳିକୁ ଫୋକସ କରିବେ ସେନେଇ ସେ ବି ବିବାଦୀୟ ସ୍ଥିତିରେ ଅଛନ୍ତି। ଏମିତି ବି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ପୂର୍ବରୁ ରମା-ଉମା କଳି ଲଗାରହିଥିଲା। ଆଉ ସେ କଳି ଆଜି ବି ରହିଛି। ଯେଉଁଥିପାଇଁ ଉମାଙ୍କୁ ମଧ୍ୟ ଏହି ବୈଠକକୁ ଡକାଯାଇନଥିଲା।

### ତାଜମହଲ...

ଡକାଯାଇଥିଲା। ତାଜମହଲର ୫୦୦ ମିଟର ପର୍ଯ୍ୟନ୍ତ ୟେଲୋ ଜୋନ୍ ଏବଂ ରେଡ୍ ଜୋନରେ କଡ଼ା ଯାଞ୍ଚ ଆରମ୍ଭ ହୋଇଥିଲା। ତଲାସୀରେ ସ୍ନାଇପର୍ ଡଗ୍‌ମାନଙ୍କୁ ମଧ୍ୟ ଉପଯୋଗ କରାଯାଇଥିଲା। ପର୍ଯ୍ୟଟକଙ୍କ ଭୟଭୀତ ହେବା ଆଶଙ୍କାରେ ତାଜ ସୁରକ୍ଷା ପୁଲିସ, ସିଆଇଏସ୍ଏଫ୍, ବୋମା ନିଷ୍କ୍ରିୟକାରୀ ଦଳ ଯଥେଷ୍ଟ ସତର୍କତାର ସହ ଯାଞ୍ଚ କରିଥିଲେ। ତେବେ ପ୍ରାରମ୍ଭିକ ଯାଞ୍ଚରୁ ମେଲ୍‌ଟି କେରଳରୁ ପଠାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ଆଗ୍ରା ପୁଲିସ କେରଳ ପୁଲିସର ସହଯୋଗ ନେଇଥିବା ତାଜ୍ ସୁରକ୍ଷା ପୁଲିସ୍ ଏସିପି ସୟଦ୍ ଅରିବ ଅହମ୍ମଦ କହିଛନ୍ତି।

### ୨୪ ଘଣ୍ଟାରେ...

ବର୍ଣ୍ଣ (୨୦ପ୍ରତିଶତ) ଅଟେ। ଯଦିଓ ହୁ ଏନବି.୧.୮.୧କୁ ଏକ କମ୍ ବିଶ୍ୱସ୍ତରୀୟ ଜନସ୍ୱାସ୍ଥ୍ୟ ବିପଦ ବୋଲି ମୂଲ୍ୟାଙ୍କନ କରିଛି।

### ଶ୍ରୀମନ୍ତ...

ପରିଣତ କରିବା ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଦେବଦମ୍ପତି ଭଗବାନ ଶିବ ଓ ମା' ପାର୍ବତୀଙ୍କ ଅନନ୍ୟ ପର୍ବ ଶୀତଳ ଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ରାଜ୍ୟ ଓ ଦେଶବାସୀଙ୍କୁ ନିମନ୍ତ୍ରଣ କରିଛନ୍ତି।

### ପରମାଣୁ ବଳ...

ରିପୋର୍ଟ ଦକ୍ଷିଣ ଏସିଆରେ ବୃଦ୍ଧି ପାଉଥିବା ସୁରକ୍ଷା ଚ୍ୟାଲେଞ୍ଜକୁ ସାମ୍ନାକୁ ଆଣିଛି, ଯେଉଁଥିରେ ପାକିସ୍ତାନର ପରମାଣୁ ଅଭିଳାଷ ଓ ଭାରତ ସହିତ ଚାଲିଥିବା ଉତ୍ତେଜନା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନ ନିଜର ପରମାଣୁ ଅସ୍ତ୍ର ଏବଂ ନିୟନ୍ତ୍ରଣ ବ୍ୟବସ୍ଥାର ସୁରକ୍ଷା ବଜାୟ ରଖି ଏହାର ଆଧୁନିକୀକରଣ କରୁଛି। ଏହା ପ୍ରାୟ ନିଶ୍ଚିତ ଭାବେ ଚାଇନା ସମେତ ବିଦେଶୀ ଯୋଗାଣକାରୀ ଏବଂ ମଧ୍ୟସ୍ଥିମାନଙ୍କଠାରୁ ଜନସାଧାରଣ ବିନାଶକାରୀ ଅସ୍ତ୍ର ପାଇଁ ଉପଯୋଗୀ ସାମଗ୍ରୀ ସଂଗ୍ରହ କରୁଛି। ଚୀନ ପାକିସ୍ତାନର ପ୍ରମୁଖ ସାମରିକ ଓ ଅର୍ଥନୈତିକ ସହଯୋଗୀ ରହିଛି, ଯିଏ ପରମାଣୁ ଅସ୍ତ୍ର ବିକାଶ ପାଇଁ ଆବଶ୍ୟକୀୟ ସାମଗ୍ରୀ ଓ ପ୍ରଯୁକ୍ତି ଯୋଗାଇ ଦେଉଛି। ଏହା ସହିତ ହଂକଂ, ସିଙ୍ଗାପୁର, ତୁର୍କୀ ଓ ସଂଯୁକ୍ତ ଆରବ ଏମିରେଟ୍ସ ମାଧ୍ୟମରେ ମଧ୍ୟ ଏହି ସାମଗ୍ରୀ ହସ୍ତାନ୍ତର ହେଉଛି। ତେବେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ପ୍ରକଳ୍ପରେ କାର୍ଯ୍ୟରତ ଚୀନ କର୍ମଚାରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଦୁଇ ଦେଶ ମଧ୍ୟରେ ଉତ୍ତେଜନାର କାରଣ ହୋଇଛି, ୨୦୨୪ରେ ୭ ଜଣ ଚୀନ ନାଗରିକ ଏହି ଆକ୍ରମଣରେ ନିହତ ହୋଇଛନ୍ତି। ପାକିସ୍ତାନ ଭାରତକୁ ଏକ ଅସ୍ତିତ୍ୱଗତ ବିପଦ ଭାବେ ଦେଖୁଛି ଏବଂ ଭାରତର ପାରମ୍ପରିକ ସାମରିକ ଶ୍ରେଷ୍ଠତ୍ୱକୁ ମୁକାବିଲା କରିବା ପାଇଁ ଯୁଦ୍ଧକ୍ଷେତ୍ର ପରମାଣୁ ଅସ୍ତ୍ର (ଟାକ୍ଟିକାଲ ନ୍ୟୁକ୍ଲିୟର ୱେପନ୍ସ) ବିକାଶ ସମେତ ସାମରିକ ଆଧୁନିକୀକରଣକୁ ଜୋରଦାର କରି ଚାଲିଛି। ଏହି ରିପୋର୍ଟ ଅନୁଯାୟୀ, ପାକିସ୍ତାନର ପରମାଣୁ ଅସ୍ତ୍ରାଗାରରେ ବର୍ତ୍ତମାନ ୧୭୦ରୁ ଅଧିକ ୱାରହେଡ ରହିଛି। ଅନ୍ୟପକ୍ଷରେ ଭାରତ ତାର 'ମେକ୍ ଇନ ଇଣ୍ଡିଆ' ପହଞ୍ଚକୁ ଜୋରଦାର କରୁଛି, ଯାହା ଦେଶୀୟ ପ୍ରତିରକ୍ଷା ଶିଳ୍ପକୁ ପ୍ରୋତ୍ସାହନ, ଯୋଗାଣ ଶୃଙ୍ଖଳା ସମସ୍ୟା ହ୍ରାସ ଏବଂ ସାମରିକ ଆଧୁନିକୀକରଣ ଉପରେ ଧ୍ୟାନ ଦେଉଛି। ୨୦୨୪ରେ ଭାରତ ନ୍ୟୁକ୍ଲିୟର-ସକ୍ଷମ ଅଗ୍ନି-୧ ପ୍ରାଇମ ମଧ୍ୟମ ପାଲିର ବାଲିଷ୍ଟିକ ମିସାଇଲ ଏବଂ ଅଗ୍ନି-୫ ମଲ୍ଟିପଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ ରି-ଏଣ୍ଟ୍ରି ଭେଇକଲ ର ପରୀକ୍ଷା କରିଛି ଏବଂ ଦ୍ୱିତୀୟ ନ୍ୟୁକ୍ଲିୟର-ଚାଳିତ ସବମାରିନର କମିଶନିଂ କରି ତାର ନ୍ୟୁକ୍ଲିୟର ଟ୍ରାୟାଡକୁ ସୁଦୃଢ଼ କରିଛି।

### ଅଣ୍ଡରଗ୍ରାଉଣ୍ଡ...

ନିଷ୍ପତ୍ତି ହୋଇଛି ବୋଲି ପୂର୍ତ୍ତମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫ କୋଟି ଟଙ୍କା ବ୍ୟୟ ହୋଇଛି। ପକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବାର ଯୋଜନା ରହିଛି । ପରବର୍ତ୍ତୀ ସମୟରେ ଏହା ଏସ୍‌ସିବି ପର୍ଯ୍ୟନ୍ତ ସଂପ୍ରସାରଣ ହେବ। ଏହା ମଧ୍ୟରେ ମୋଟ ୨୨ଟି ଷ୍ଟେସନ ରହିବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସପିଟାଲ, ପଟିଆ ପ୍ରଭୃତି ପ୍ରମୁଖ ସ୍ଥାନ ସହ ଅନ୍ୟ ଜାଗାରେ ଷ୍ଟେସନ ବ୍ୟବସ୍ଥା ହେବ। ଏହି ପ୍ରକଳ୍ପର ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ମୁହଁରେ...

ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ସମୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା। ଗୋଟିଏ 'ଅପରେସନ ସିନ୍ଦୂର' ଏବଂ ଅନ୍ୟଟି 'ଜାତିଭିତ୍ତିକ ଜନଗଣନା'।

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା, ପ୍ରଥମ ଅପରେସନ ସିନ୍ଦୂର ଓ ଦ୍ୱିତୀୟଟି ଜାତିଭିତ୍ତିକ ଜନଗଣନା। ସମସ୍ତେ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ଆମର ସଶସ୍ତ୍ର ବାହିନୀ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଇଥିଲେ। 'ଅପରେସନ ସିନ୍ଦୂର'ର ପ୍ରସ୍ତାବ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ ଏକନାଥ ସିନ୍ଦେ ଏହାକୁ ସମର୍ଥନ କରିଥିଲେ। ଏହି ଅବସରରେ 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଦେଶବାସୀଙ୍କ ଆତ୍ମବିଶ୍ୱାସ ବହୁଗୁଣିତ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀମାନେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଆତଙ୍କବାଦୀଙ୍କ ସହ ସେମାନଙ୍କ ଆକ୍କାଙ୍କୁ ଉପଯୁକ୍ତ ଜବାବ ଦିଆଯାଇଛି ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି ଯେ ନକ୍ସଲବାଦୀଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଆମର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନକ୍ସଲବାଦ ବିରୋଧରେ ଆମେ କିପରି ଲଢ଼ିଛୁ ଓ ଆମେ କିପରି ସଫଳତା ପାଉଛୁ ସେ ବିଷୟରେ କହିଥିଲେ। ଛତିଶଗଡ଼ର ଗୃହମନ୍ତ୍ରୀ ବିଜୟ ଶର୍ମା ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଆମେ କିପରି ପୁନର୍ବାସ କରୁଛୁ ଓ ସେମାନଙ୍କୁ ମୁଖ୍ୟଧାରାରେ ସାମିଲ କରୁଛୁ ସେ ବିଷୟରେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ ବାମପନ୍ଥୀ ଉଗ୍ରବାଦ ବିରୁଦ୍ଧରେ କେନ୍ଦ୍ରର ରଣନୀତି ବିଷୟରେ ନେତାମାନଙ୍କୁ ସୂଚନା ଦେଇଥିଲେ। ସେ ଆମର ମାର୍ଗଦର୍ଶନ କରାଇବା ସହ ସମସ୍ତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଆମେ କିପରି ଏହାକୁ ପରାସ୍ତ କରିବା ପାଇଁ ଆମର ଶକ୍ତି ବ୍ୟବହାର କରିଛୁ, ସେ ବିଷୟରେ ଅବଗତ କରାଇଥିଲେ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଜାତୀୟ ଜନଗଣନା ପ୍ରସ୍ତାବ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନିଙ୍କ ଦ୍ୱାରା ଆଗତ କରାଯାଇଥିଲା ଓ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଦ୍ୱାରା ସମର୍ଥନ କରାଯାଇଥିଲା। ଅଧିବେଶନ ସମୟରେ ଅନେକ ମୁଖ୍ୟମନ୍ତ୍ରୀ ସେମାନଙ୍କ ରାଜ୍ୟର ପ୍ରମୁଖ କଲ୍ୟାଣକାରୀ ଏବଂ ବିକାଶ ଯୋଜନା ମଧ୍ୟ ଉପସ୍ଥାପନ କରିଥିଲେ। ବୈଠକରେପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପୀଡିତମାନଙ୍କ ଆଶୁ ଆରୋଗ୍ୟ କାମନା ସହ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

## ବିଇଓ କାର୍ଯ୍ୟାଳୟରେ ଅର୍ଥ କାରବାର ଘଟଣାର ତଦନ୍ତକୁ ବିତିଲା ବର୍ଷେ




# କାର୍ଯ୍ୟାନୁଷ୍ଠାନ କେବେ ?

### ଦୁର୍ନୀତିଖୋରମାନେ ଧରାକୁ ସରା ମଣିଲେଣି

**ନିଶ୍ଚିନ୍ତକୋଇଲି, ୨୫।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ପ୍ରାଥମିକ ଶିକ୍ଷକଙ୍କ ବଦଳିରେ ହୋଇଥିବା ଅନିୟମିତତା ଓ ଅର୍ଥକାରବାର ଘଟଣାର ତଦନ୍ତ ପ୍ରାଥମିକ ଶିକ୍ଷା ବିଭାଗର ଯୁଗ୍ମ ସଚିବଙ୍କ ଦ୍ୱାରା କରାଯିବାର ବର୍ଷେ ବିତି ଯାଇଥିଲେ ମଧ ଏଥିରେ ସଂସ୍ଲିଷ୍ଟ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଉଚ୍ଚ ପଦସ୍ଥ ଅଧିକାରୀମାନେ କାହିଁକି ନୀରବ ଦ୍ରଷ୍ଟା ସାଜିଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରିଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟକରୁଥିବା ୨୧ ଜଣ ଶିକ୍ଷକଙ୍କ ବଦଳି ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଏହି ଶିକ୍ଷକ ମାନଙ୍କ କାଗଜପତ୍ର ଯାଞ୍ଚ କରାଯିବା ପୂର୍ବରୁ ଦାୟିତ୍ୱରେ ଥିବା ଏମଆଇଏସ୍ ସମ୍ପୃକ୍ତ ଶିକ୍ଷକମାନଙ୍କ ସହ ଯୋଗାଯୋଗ କରି ଘର ପାଖକୁ ବଦଳି ହେଲେ ୩୦ ହଜାର, ଦୂରକୁ ବଦଳି ହେଲେ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ମାଗିଥିଲେ। ଅନଲାଇନ ମାଧ୍ୟମରେ ଶିକ୍ଷକ ମାନଙ୍କର ରେକର୍ଡପତ୍ର ଯାଞ୍ଚ କରାଯିବାର ନିୟମ ଥିଲା ବେଳେ ଏହି କର୍ମଚାରୀ ଜଣଙ୍କ ଶିକ୍ଷକ ମାନଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଅଫଲାଇନରେ ଯାଞ୍ଚ କରିବା ପାଇଁ କହିଥିଲେ। ବଦଳି ନିମନ୍ତେ ଆବେଦନ କରିଥିବା ଶିକ୍ଷକ ମାନଙ୍କୁ କାର୍ଯ୍ୟାଳୟର ଅଧିକାରୀଙ୍କ ନାମ କହି ଅର୍ଥ ମଗାଯାଇଥିବା ଘଟଣାକୁ ଜନୈକ ଶିକ୍ଷକ ଚତୁରତାର ସହ ନିଜ ମୋବାଇଲରେ ରେକର୍ଡିଂ କରି ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀକୁ ପଠାଇଥିଲେ। ଶିକ୍ଷା ବିଭାଗର ଯୁଗ୍ମ ସଚିବ ସନାତନ ପଣ୍ଡା ଓ ଓସେପା ଫାଇନାନ୍ସ ଅଫିସର ସୂର୍ଯ୍ୟନାରାୟଣ ମିଶ୍ର କାର୍ଯ୍ୟାଳୟକୁ ଆସି ଶିକ୍ଷକ ମାନଙ୍କୁ ଡାକି ପଚରା ଉଚରା କରି ଫେରି ଯାଇଥିଲେ। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏଥିରେ ପୁରା ଶିଥିଳତା ପଡିଯାଇଥିବାର ଶିକ୍ଷକ ମହଲରେ ଅଭିଯୋଗ ହୋଇଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନିତି ମୁକ୍ତ ଓଡ଼ିଶା ଗଠନ ପାଇଁ ବିଜେପି ସରକାର ବଦ୍ଧପରିକର ବୋଲି କହୁଥିବା ବେଳେ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗରେ ଦୁର୍ନିତିକୁ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଘଣ୍ଟ ଘୋଡାଉଛନ୍ତି କାହିଁକି ଓ କଣ ପାଇଁ? ଏପରିକି ଏଠାରେ ହେଉଥିବା ଦୁର୍ନିତି ଓ ଅନିୟମିତତାର ତଦନ୍ତ କରି ଦୁର୍ନିତିଗ୍ରସ୍ତଙ୍କ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ର ଅଭିଭାବକ ମାନେ ଦାବୀ କରିଛନ୍ତି।

ଅନ୍ୟ ପକ୍ଷରେ ଉକ୍ତ ଏମ୍ଆଇଏସ୍ ଜଣଙ୍କ ଏବେ ସବୁ ସୀମା ପାର ହୋଇ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ବିଭିନ୍ନ ସିଆରସିସି ମାନଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରି ଆସୁଥିବା ବେଳେ ବିଇଓଙ୍କ ଦୃଷ୍ଟିକୁ ଆଣିଥିଲେ ମଧ ବିଇଓ ମହାଶୟା ଉକ୍ତ ଦୁର୍ନୀତିଖୋର୍ ମାନଙ୍କୁ ଘଣ୍ଟ ଘୋଡାଉଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟ ପକ୍ଷରେ ଉକ୍ତ ଦୁଇ ଦୁର୍ନୀତିଖୋର କର୍ମଚାରୀ ଆଗାମୀ ଦିନରେ ଜଦି ଏଥିରୁ ନିବୃତ ନରୁହନ୍ତି ତେବେ ସିଆରସିସିମାନେ ଆଗାମୀ ଦିନରେ ସମୂହ ଇସ୍ତଫା ଦେବେ ବୋଲି ନିଜର ନାମ ଗୋପନ ରଖି ଗଣ ମାଧ୍ୟମରେ ପ୍ରକାଶ କରିଛନ୍ତି।

### ଦୀର୍ଘ ବର୍ଷ ହେଲା ପୂଜା ପାଉଛନ୍ତି
# ସତ୍ୟବାନ ସାବିତ୍ରୀ ମୂର୍ତ୍ତି



**ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳିଥାନ୍ତି ସଧବା**

**ମନ୍ଦିର ରହିଛି ସ୍ୱତନ୍ତ୍ର କିମ୍ବଦନ୍ତି**

**କାକଟପୁର/ଅସ୍ତରଙ୍ଗ, ୨୫।୫ (ସଂଚାର ବ୍ୟୁରୋ):** ସମୟ ଗଡ଼ିବା ସହ ଯୁଗ ମଧ ବଦଳୁଛି। ହେଲେ ବଦଳି ନାହିଁ ପରମ୍ପରା। ଯାହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ଶୀଧେଶ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ ସାବିତ୍ରୀ ମନ୍ଦିରରେ। ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟା ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ।

ସାବିତ୍ରୀ ସତ୍ୟବାନ ପୀଠରେ ଉନବିଂଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ସେହି ପୁରାତନ ପରମ୍ପରା ଅନୁସାରେ ଏଠାରେ ପାଳିତ ହୋଇଥାଏ ସାବିତ୍ରୀ ବ୍ରତ। ଏଠାରେ ବ୍ରତ ପାଳନ କରିଥାନ୍ତି ବ୍ରତଧାରୀ । ବର୍ଷବର୍ଷ ଧରି ଏଠାରେ ସତ୍ୟବାନ ଏବଂ ସାବିତ୍ରୀଙ୍କ ବିରଳ ମୂର୍ତ୍ତି ପୂଜା ପାଉଛନ୍ତି । ସର୍ବ ପୁରାତନ ଏହି ପୀଠରେ ମା'ଙ୍କୁ ସ୍ଥାପନା କରାଯାଇନାହିଁ । ବରଂ ମା' ଏଠାରେ ସ୍ୱୟଂ ଆର୍ବିଭାବ ହୋଇଥିବା ନେଇ କିମ୍ବଦନ୍ତୀ ରହିଛି । ବର୍ଷକ ବାର ମାସ ଯାକ ମା' ଏଠାରେ ପୂଜା ପାଉଛନ୍ତି । ହେଲେ ସାବିତ୍ରୀ ବ୍ରତ ଦିନ ଏହି ପୀଠ ବେଶ ଚଳଚଞ୍ଚଳ ହୋଇ ଉଠେ । ଏହି ଦିନ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ସାନିଧ ଲାଭ କରିବା ପାଇଁ ପହଞ୍ଚିଥାଆନ୍ତି । ତେଣୁ ସାବିତ୍ରୀ ବ୍ରତ ଦିନ ମା'ଙ୍କ ପୂଜାର୍ଚ୍ଚନା କଲେ ସ୍ୱାମୀଙ୍କ ସହ ସପରିବାରର ଦୀର୍ଘ ତଥା ନିରାମୟ ଜୀବନ ଅତିବାହିତ ହୋଇ ପାରିବ ବୋଲି ବିଶ୍ୱାସ ରହିଛି।



## ବତୀଘର ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ବିଧାୟକ

**ମହାକାଳପଡ଼ା, ୨୫।୫ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବତୀଘର ଗ୍ରାମପଞ୍ଚାୟତର ବୁଥ ନମ୍ବର ୨୮୩ ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨୨ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଜିଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ "ମନ୍ କି ବାତ୍" ମାଧମରେ ସାରା ଦେଶର ନାଗରିକ ମାନଙ୍କୁ ଦେଶପ୍ରେମ ଭାବନା ଓ ତ୍ରିରଙ୍ଗା ଯାତ୍ରା ଦ୍ୱାରା ଦେଶର ସୈନିକ ମାନଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହୋଇଛି । ଅପରେସନ ସିନ୍ଦୂର ମାଧମରେ ଦେଶ ଉପରେ ଆକ୍ରମଣ କରୁଥିବା ସନ୍ତ୍ରାସବାଦି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଏହାର ପ୍ରତିଶୋଧ ନେଇଛି ବୋଲି ବିଧାୟକ କହିଛନ୍ତି। ସମସ୍ତେ ଏକଜୁଟ ହୋଇ ଦେଶର ବିକାଶରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାଥ ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ନାୟକ ନୂତନ ଆୟୁଷ୍ମାନ କାର୍ଡ ବଣ୍ଟନ କରିବା ସହିତ ବତୀଘର ଠାରେ ନିର୍ମାଣଧିନ ଆରୋଗ୍ୟ ମନ୍ଦିରର କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ କ୍ରିଷ୍ଟ ପଦ ମଣ୍ଡଳ, ଶିବାନୀ ବିଜୁଳି, ପ୍ରଶାନ୍ତ ସେଠୀ,ତରୁଣ କାନ୍ତି କାଞ୍ଜିଲାଲ, ଭୀମ ମାଇତୀ, ହରିପଦ ସମନ୍ତ, ଚନ୍ଦ୍ର କାନ୍ତ ସ୍ୱାଇଁ, ବାରେଣି ଭୂୟାଁ, ଜୟନ୍ତ ଚାଟାର୍ଜି, ଅବୁଲ ଚନ୍ଦ୍ର ଦାସ, ଦେବସିଶ ନନ୍ଦ ପ୍ରମୁଖ ଉପସ୍ଥିତଥିଲେ।

**ଲୋ-ଭଲ୍ଟେଜ ସମସ୍ୟାର ଅନ୍ତ ଘଟିଲା**

## ନୂତନ ସବସେଣ୍ଟର ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ



**ରାଇଘର, ୨୫।୫ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଦୀର୍ଘ ଦିନ ଧରି ଲୋ ଭୋଲ୍ଟେଜ ସମସ୍ୟା ଥିବା ବେଳେ ଆଜି ଏହାର ଅନ୍ତଃ ଘଟିଲା। ଆଜି ଡୁମୁରିମୁଣ୍ଡା ଠାରେ ଥିବା ନୂତନ ସବ୍‌ସେଣ୍ଟରର ଉଟଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ। ବିଗତ ଦିନରେ ଲୋ-ଭୋଲ୍ଟେଜ ସମସ୍ୟା ପାଇଁ ଚାରୋଟି ପଂଚାୟତର ଚାଷୀ ୪୦ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। କିନ୍ତୁ ଆଜି ତାହାର ଅନ୍ତଃ ଘଟିଲା। ରାଇଘରରେ ଆଉ ଦେଖିବାକୁ ମିଳିବନି ଲୋ ଭୋଲ୍ଟଜ ସମସ୍ୟା। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୋହଣ୍ଡି, କଚରାପାରା, ଛେଲିଡ଼ଙ୍ଗରି, ଦେବାଗାଁ ଏହି ଚାରିଟି ପଂଚାୟତ ପାଇଁ ନୂତନ ଗ୍ରିଟ ଆଜି ଚାଲୁ କରାଗଲା। ଏହି ସବ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

**ଅପରେସନ୍ ସିନ୍ଦୁର ସଫଳତା**

## ଓଳାଭରରେ ତ୍ରିରଙ୍ଗା ଯାତ୍ରା



**ରାଜକନିକା, ୨୬।୫ (ସଂଚାର ବ୍ୟୁରୋ):** କାଶ୍ମୀର ପହେଲଗାମ ଆକ୍ରମଣ କଡ଼ା ଜବାବ ଦେବା ପାଇଁ ଭାରତ ସରକାରଙ୍କ ଅପରେସନ ସିନ୍ଦୁର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତୀୟ ବିଜୟ ହୋଇଛି । ଭାରତବର୍ଷର ଏକତା ଅଖଣ୍ଡତା ସୁଦୃଢ଼ କରିବା ପାଇଁ ରାଜକନିକା ବ୍ଲକ ଓଳାଭର ଠାରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା। ଓଳାଭର ପଞ୍ଚାୟତ ଓ ବଳରାମପୁର ପଞ୍ଚାୟତ, ଓଳାଭର ମାର୍କେଟ ପରିକ୍ରମା କରିବା ପରେ ସାତଘରିଆ ଠାରେ ତ୍ରିରଙ୍ଗା ଯାତ୍ରା ଶେଷ ହୋଇଥିଲା । ଏଥିରେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସୁଶାନ୍ତ ନାୟକ,କର୍ଣ୍ଣାରାଜ୍ ବାରିକ୍, ବସନ୍ତ ସାହୁ, ସତ୍ୟପ୍ରକାଶ ଜଗତି, ସନ୍ତୋଷ କର, ନିହାର ରଞ୍ଜନ ସ୍ୱାଇଁ, ଶ୍ରେୟସ ଦାସ, ପ୍ରକାଶ ନାୟକ, ରାଜେନ୍ଦ୍ର ସାମଲ, ସଚିନ ଦାସ, ଜନ୍ ନାୟକ, ନାରାୟଣ ମଲିକ, ଦିବ୍ୟଜ୍ୟୋତି ଜେନା, ଜଗନ୍ନାଥ ସାମଲ, ଅଶ୍ୱିନୀ ଦାସ ଓ ମାନ୍ୟଗଣ୍ୟ ବ୍ୟକ୍ତି ସହ ସହ ସାଧାରଣ ଲୋକ ସାମାଜିକ କର୍ମୀ ଉପସ୍ଥିତ ଥିଲେ ।

## ଯନ୍ତ୍ରୀଙ୍କ ବାରଣ ସତ୍ତ୍ୱେ ପ୍ରବଳ ବର୍ଷାରେ ଚାଲିଛି ରାସ୍ତା କାମ

**ରାଜନଗର, ୨୫।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶେଖରପୁର ଗାଁରେ ପଞ୍ଚାୟତ ସମିତି ପକ୍ଷରୁ ଜିଆଇ ଗ୍ରାଣ୍ଟରେ ୨ ଲକ୍ଷ ଟଙ୍କା ବେୟରେ ଢଳେଇ ରାସ୍ତା ନିର୍ମାଣ ପାଇଁ ଅର୍ଥ ଦିଆଯାଇଥିଲା। ଗାଁର ବିଚିତ୍ର ବିଶ୍ୱାଳ ଘର ଠାରୁ ଭାଟସାହି ପର୍ଯ୍ୟନ୍ତ ୪୫ ମିଟର ଢଳେଇ ରାସ୍ତା ପାଇଁ ଏହି ଅର୍ଥ ଦିଆଯାଇଥିଲା। ସେହି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜନ୍ମେଞ୍ଜୟ ବେହେରାଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି। ଆଜି ରବିବାର ଛୁଟି ଦିନରେ ପ୍ରବଳ ବର୍ଷା ଭିତରେ ରାସ୍ତା ଢଳେଇ କରାଯାଉଛି। କଟଅଫ ୱାଲ କରାନଯାଇ ବାଲି ପକାଇ ତା'ଉପରେ ୨/୩ ଇଞ୍ଚର ମେଟାଲ ଢଳେଇ କରାଯାଉଛି। ପ୍ରବଳ ବର୍ଷା ଭିତରେ ଏହି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

ସରକାରୀ ନିୟମ ମୁତାବକ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା ଢଳେଇ କାମ ହେବା ରାସ୍ତାର ଦୁଇ ସାଇଟରେ ୧୦ ଇଞ୍ଚ ମୋଟେଇର କଟଅଫ ୱାଲ ନିର୍ମାଣ ହେବ। ରାସ୍ତାରେ ୪ ଇଞ୍ଚ ମୋଟେଇର ଧସା ବାଲି ପଡ଼ିବ। ତା ଉପରେ ୪ ଇଞ୍ଚର ମେଟାଷ୍ଟାଲ ଢଳେଇ ଓ ତା' ଉପରେ ୪ ଇଞ୍ଚର ଚିପ୍ସ ଢଳେଇ ପଡ଼ିବ। ମାତ୍ର ୨/୩ ଇଞ୍ଚର ବାଲି ଓ ୨/୩ ଇଞ୍ଚର ମେଟାଲ ଢଳେଇ କାମ ବର୍ଷା ଭିତରେ କରାଯାଉଛି। କନିଷ୍ଠ ଯନ୍ତ୍ରୀ ବାରଣ କରିବା ସତ୍ତ୍ୱେ ଓ ତାଙ୍କ ଅନୁପସ୍ଥିତରେ କିପରି କାମ ହେଉଛି ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।



ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଆମେ ଉପସ୍ଥିତ ରହିଲେ ରାସ୍ତା ଢଳେଇ କାମ ହେବା କଥା, ପ୍ରବଳ ବର୍ଷା ହେଉଛି, ଆଜି ଛୁଟି, ମୁଁ କାମ କରୁଥିବା ଠିକାଦାର ହିମାଂଶୁଙ୍କୁ ମନା କରିବା ସତ୍ତ୍ୱେ କାମ କରୁଛନ୍ତି। ପ୍ରବଳ ବର୍ଷାରେ କାମ ହେଲେ ରାସ୍ତା ରହିବ ନାହିଁ, ଜବରଦସ୍ତି କାମ ହେଉଛି ବିଲ କରିବୁ ନାହିଁ। ସରକାରୀ ଅର୍ଥରେ ହେଉଥିବା କାମ କିପରି ଜବରଦସ୍ତି କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ପରିତ୍ୟକ୍ତ ପାଣି ଟାଙ୍କିରେ ପଡି ଗାଈ ମୃତ

**ପଟ୍ଟାମୁଣ୍ଡାଇ, ୨୫।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତୁଳସୀଡିଆ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ତୁଳସୀଡିଆ ଗ୍ରାମର ଭଗବାନ ସେଠୀଙ୍କ ଗାଈ ଆଜି ସକାଳୁ ଚରିବା ପାଇଁ ଯାଇଥିବା ବେଳେ ସେହି ଗ୍ରାମରେ ଥିବା ଏକ ପରିତ୍ୟକ୍ତ ପାଣି ଟାଙ୍କିରେ ପଡିଯାଇ ମୃତ୍ୟୁବରଣ କରିଛି । ସ୍ଥାନୀୟ ଗ୍ରାମବାସୀ ଗାଈଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ବହୁ ଚେଷ୍ଟା ପରେ ଗ୍ରାମବାସୀଙ୍କ ସହାୟତାରେ ଗାଈଟିକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ । ଅଳପୁଆ ରାଜସ୍ୱ ନିରୀକ୍ଷକ ଓ ପଶୁ ସମ୍ପଦ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଗତବର୍ଷ ବିଦ୍ୟୁତ୍ ସ୍ପର୍ଶ ରେ ଭଗବାନ ସେଠୀଙ୍କ ଅନ୍ୟ ଏକ ଗାଈ ମଧ ମୃତ୍ୟୁବରଣ କରିଥିଲା । ସେ ଜଣେ ଅତ୍ୟନ୍ତ ଗରିବ ଲୋକ ଓ ଗାଈ ପାଳି କରି ପରିବାର ପୋଷଣ କରୁଥିବାରୁ ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଅତର୍କିତ ବିଦ୍ୟୁତ କାଟରେ ଅତିଷ୍ଠ ମହାକାଳପଡ଼ାବାସୀ

**ବିଲ୍ ଦେଇ ଥକୁଛନ୍ତି ଉପଭୋକ୍ତା**

**ସେବା ଯୋଗାଇବାରେ ବିଫଳ ବିଦ୍ୟୁତ ବିଭାଗ**

**କୁହୁଳୁଛି ଅସନ୍ତୋଷର ନିଆଁ**

**ମହାକାଳପଡ଼ା, ୨୫।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ହେବନି ବିଦ୍ୟୁତ କାଟ। ଖରାଦିନେ ବିଲ୍ ପଇଠ କରିନଥିଲେ ମଧ କୌଣସି ଉପଭୋକ୍ତାଙ୍କର ବିଜୁଳି ସଂଯୋଗ ବିଚ୍ଛିନ୍ନ ହେବନି ବୋଲି ଶକ୍ତି ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଉପଭୋକ୍ତା ଟଙ୍କା ଦେବାରେ ହେଳା କରୁନଥିବା ବେଳେ ଟାଟା ପାୱାରର କାର୍ଯ୍ୟାଳୟ ଅହରହ ବିଦ୍ୟୁତ କାଟିବାରେ ହେଳା କରୁନାହିଁ। ଯେଉଁଥିପାଇଁ ଚାରିଆଡ଼େ ଅସନ୍ତୋଷ ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନରେ ବିଦ୍ୟୁତ ବିଭାଗର ମନମାନି ପାଇଁ ସାଧାରଣ ଲୋକ ଏବେ ହନ୍ତସନ୍ତ ହେଉଛନ୍ତି। ଉପଭୋକ୍ତା ମାନଙ୍କୁ କୌଣସି ସୂଚନା ନଦେଇ ଅହରହ ବିଦ୍ୟୁତ କାଟ ହେଉଛି। ଟିକିଏ ବର୍ଷାରେ ବି ବିଦ୍ୟୁତ କଟୁଛି। ଘଣ୍ଟା ଘଣ୍ଟା ଯାଏଁ ବିଦ୍ୟୁତ ଆସୁନି। ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି ଲୋକେ। ମାସକୁ ମାସ ବିଦ୍ୟୁତ ଉପଭୋକ୍ତା ମୋଟା ଅଙ୍କର ବିଲ୍ ଭରୁଥିବା ବେଳେ ନିରନ୍ତର ବିଦ୍ୟୁତ ସେବା ନପାଇ ଟାଟା ପାୱାର ଉପରେ ଅସନ୍ତୋଷ ପ୍ରକଟ କରିଛନ୍ତି। ଗତ ଦୁଇଦିନ ଧରି ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ହେବା ସହିତ ଲୋ ଭୋଲ୍ଟେଜ ସମସ୍ୟା ଦେଖାଦେଇଥିଲା। ଅଭିଯୋଗ ପରେ ମଧ ସମାଧାନ କରିନଥିଲା ବିଦ୍ୟୁତ ବିଭାଗ। ରାତି ସାରା ଲୋକମାନେ ବିଞ୍ଚଣା ଘୁରାଇ ଘୁରାଇ ଟାଟା ପାୱାରର ସେବା ଉପରେ ଅସନ୍ତୋଷ ଝାଡିଥିଲେ।

ଏଠି ପ୍ରଶ୍ନ କାହିଁକି ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଉ ନାହିଁ ବିଦ୍ୟୁତ ବିଭାଗ। ଖୋଦ୍ ବିଭାଗୀୟ ମନ୍ତ୍ରୀ ବିଦ୍ୟୁତ କାଟ ନକରିବାକୁ ନିର୍ଦ୍ଦେଶ ଦେଇଥିଲାବେଳେ ଟାଟା ପାୱାର କାର୍ଯ୍ୟାଳୟ ଘନଘନ ବିଦ୍ୟୁତ କାଟି କୋଉ ବାନା ଉଡ଼ାଇବାକୁ ଚାହୁଁଛନ୍ତି। ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇବାକୁ କହୁଥିବା ଟିପିସିଓଡିଏଲ ନିରନ୍ତର ବିଦ୍ୟୁତ କାଟି ଏବେ ଲୋକଙ୍କ ମନରେ ଅସନ୍ତୋଷର ନିଆଁ ଲଗାଇଛି। ଯାହାକୁ ନେଇ ସମଗ୍ର ମହାକାଳପଡ଼ା ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶକ୍ତି ବିଭାଗ ତରଫରୁ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସମାଜସେବୀଙ୍କ ଦ୍ୱାରା ପ୍ରତିଭା ସମ୍ମାନ ଉତ୍ସବ

**ନାଉଗାଁ, ୨୫।୫ (ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଛାତ୍ରଛାତ୍ରୀମାନଙ୍କୁ ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ କରାଯାଇଛି। ସମାଜସେବୀ ଦୀପକ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଗଙ୍ଗଦାହାଟସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଆୟୋଜିତ ଏହି ଉତ୍ସବରେ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ଶିକ୍ଷାବିତ୍ ସୁକାନ୍ତ କୁମାର ଲେଙ୍କା, ସମାଜସେବୀ ବିଚିତ୍ର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂସାରର ସବୁଠାରୁ ବଡ ଧନ ହେଉଛି ଜ୍ଞାନ ବା ବିଦ୍ୟା, ବିଦ୍ୟା ମଣିଷକୁ ପରିପୂର୍ଣ୍ଣ କରେ; ପରିମାର୍ଜିତ କରେ, ସଂସ୍କାର ଦିଏ, ଦୁନିଆ ଦାଣ୍ଡରେ ମୁଣ୍ଡ ଟେକି ଚାଲିବାକୁ ସାହସ ଶକ୍ତି ପ୍ରେରଣା ଦିଏ ବୋଲି ସାମଜସେବୀ ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଯୁକ୍ତ ୨ କଳାରେ ଜିଲ୍ଲା ଟପର ହୋଇଥିବା ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ମୋନାଲିସା ସ୍ୱାଇଁ, ଦ୍ୱିତୀୟ ସ୍ଥାନରେ ଥିବା ଛାତ୍ର ଅର୍ଚ୍ଚିତା ବରାଳ, ବାଣିଜ୍ୟରେ ଜିଲ୍ଲା ଟପର ହୋଇଥିବା ଏସଭିଏମ୍ ଛାତ୍ରୀ ସୌଭାଗିଂନୀ ବିଶ୍ୱାଳ, ବିଜ୍ଞାନରେ ବ୍ଲକ ଟପର ହୋଇଥିବା ମା'କୁଡାମଚଣ୍ଡୀ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ର ଶୁଭରଞ୍ଜନ ଦଳାଇ, ମାଟ୍ରିକରେ ଏ-୧ ପାଇଥିବା ଅନୁଷ୍କା ସ୍ୱାଇଁ, ଇତିଶ୍ରୀ ବାରିକ, ଅରୁସ୍ମିତା ଦାସ, ସ୍ୱାଧୀନ ସ୍ୱାଇଁ ଏବଂ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ତୃତୀୟ ସ୍ଥାନ ଲାଭ କରିଥିବା ଛାତ୍ରୀ ଜୟଶ୍ରୀ ପରିଡ଼ାଙ୍କୁ ଉପସ୍ଥିତ ଅତିଥିମାନେ ଉତରୀୟ, ସିଲ୍ ଓ ଆର୍ଥିକ ସହାୟତା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିନୟ ଭୂଷଣ ମହାପାତ୍ର, ବିବେକାନନ୍ଦ ବାରିକ, ନିତ୍ୟାନନ୍ଦ ବିଶ୍ୱାଳ, ରଶ୍ମୀରଞ୍ଜନ ତ୍ରିପାଠୀ, ପବିତ୍ର ପଣ୍ଡା, ଚିତରଞ୍ଜନ ମହାନ୍ତି, ରୋହିତ ପରିଡ଼ା, ଗଣେଶ ମୁଦୁଲି ଆଦି ପରିଚାଳନା କରିଥିଲେ।





## ବଜ୍ରାଘାତରେ ଜଣେ ମୃତ

**ବୋରିଗୁମ୍ମା/କୋଟପାଡ଼, ୨୫।୫ (ସଂଚାର ବ୍ୟୁରୋ):** ବଜ୍ରାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଆଜି ସନ୍ଧ୍ୟା ସମୟରେ ହଠାତ ବର୍ଷା ସହ ବିଜୁଳି ଘଡଘଡି ହୋଇଥିଲା। ବଳରାମ ଭୂମିଆ ନାମକ ଜଣେ ବ୍ୟକ୍ତି ସାଇକେଲ ଯୋଗେ ଯାଉଥିବା ବେଳେ ଡ଼ଙ୍ଗରିଗୁଡା ନିକଟରେ ବଜ୍ରାଘାତ ହେବାରୁ ଏହି ଅଘଟଣ ଘଟିଛି। ମୃତକ ଜଣକ କୋଟପାଡ଼ ବ୍ଲକ ଏସ.ବି.ନୁଆଁ ଗାଁ ପଞ୍ଚାୟତ କୁମାହାଣ୍ଡି ଗ୍ରାମର ବଳରାମ ଭୂମିଆ ବୋଲି ଜଣାପଡ଼ିଛି।

**ମାର୍ଶାଘାଇ ଇଲାକାରେ ମାତିଛନ୍ତି ମାଫିଆ।**

# ବେଆଇନ୍ ଭାବେ ଖୋଳୁଛନ୍ତି ମାଟି ଆଉ ବାଲି

**କେନ୍ଦ୍ରାପଡା, ୨୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ ତଥା ପାଟକୁରା ଥାନା ଅନ୍ତର୍ଗତ ରାଘବପୁର ପଂଚାୟତ ଅଧୀନରେ ଥିବା ଚିତ୍ରୋତ୍ପଳା ନଦୀ ପଠା ଏବଂ ଉକ୍ତ ସ୍ଥାନକୁ ଲାଗିକିଥିବା ବାଲି ଖାଦାନ ଏବେ ମାଫିଆଙ୍କ କବଜାରେ । ଦିନ ଏବଂ ରାତି ନିର୍ଭୟରେ ମାସ ମାସ ଧରି ମାଟି ଓ ବାଲି ମାଫିଆ ସରକାରୀ ଓ ବେସରକାରୀ ଜମିରୁ ହଜାର ହଜାର ଟ୍ରିପ୍ ଲୁଟିନେଉଛନ୍ତି ।

ସୂଚନା ଅନୁଯାଇ, ଉକ୍ତ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଏକ ବ୍ୟକ୍ତି ୧୦ରୁ ୨୦ ଟ୍ରାକ୍ଟର, ଜେସିବ୍ ମେସିନ୍ ସହିତ ଏକାଧିକ ଯୁବକଙ୍କ ସାଙ୍ଗରେ ଧରି ଆରମ୍ଭ କରିଦେଇଛନ୍ତି ମାଫିଆଗିରି। ଟାର୍ଗେଟରେ ରାଘବପୁର ଅଞ୍ଚଳ ସନିକଟ ଚିତ୍ରୋତ୍ପଳା ନଦୀ ପଠା। ନଦୀପଠା ଏବଂ ସରକାରୀ ଜମି ତଥା ଅନାବାଦୀ ଗୋଚର କିସମରୁ ମାଟି ଉଠାଣ ପାଇଁ ସରକାର ରୋକ୍ ଲଗାଇବା ସହିତ ତାହାକୁ ବେଆଇନ୍ ଘୋଷଣା କରିଥିବା ବେଳେ ତାହାର ବିପରୀତ ଦୃଶ୍ୟ ଏଠି ଦେଖିବାକୁ ମିଳୁଛି । କିନ୍ତୁ ପ୍ରତିଦିନ ଲକ୍ଷଲକ୍ଷ ଟଙ୍କାର ହଜାର ହଜାର ଟ୍ରିପ୍ ବାଲି ଓ ମାଟି ଖୋଳା ଯାଉଛି । ଟ୍ରାକ୍ଟର ଯୋଗେ ନଦୀ ପଠା ବାଲି ଓ ମାଟିକୁ ମେସିନ୍ ସାହାଯ୍ୟରେ ମାଫିଆମାନେ ଖୋଳି ଆଣି ବିଭିନ୍ନ କାର୍ଯ୍ୟରେ ଲଗାଇବା ସହିତ ଅନ୍ୟକୁ ବିକ୍ରି କରିବା ସହ ସରକାରୀ ଜାଗାରେ ପର୍ବତ ଭଳି ଗଦା କରି ଇଟା ବ୍ୟବସାୟ ପାଇଁ ଗଚ୍ଛିତ ରଖୁଛନ୍ତି ।



ଅନ୍ୟପଟେ ବାଲି ମାଟି ଚୋରା ଚାଲାଣ ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ରାଘବପୁର ଗ୍ରାମର ଚିତ୍ରୋତ୍ପଳା ପଠାରୁ ବ୍ୟାପକ ବାଲି ଚୋରା ଚାଲାଣ ଦ୍ୱାରା ବର୍ଷାଋତୁରେ ନଦୀରେ ବନ୍ୟାଜଳ ଆସିଲେ ଲୋକଙ୍କ ଚାଷ ଜମି ଓ ଗାଁ ଆଡକୁ କୂଳ ଲଙ୍ଘିବା ସମ୍ଭାବନା ରହିଛି। ଏହି ବେଆଇନ୍ ଚୋରା ଚାଲାଣ କାର୍ଯ୍ୟରେ ଯେଉଁ କେତୋଟି ନା ଚର୍ଚ୍ଚାକୁ ଆସିଛି ସେମାନେ ହେଲେ ମନୁ, ବଗୁଲି, ଗଉରା। ମାଫିଆଙ୍କ ମୁଖ୍ୟ କାର୍ପଟଦାର ବାହାରେ ରହି ମାଫିଆ ରାଜକୁ ପରିଚାଳନ କରୁଥିବା କୁହାଯାଉଛି। ତେବେ ଯେଉଁ ନା ଚର୍ଚ୍ଚାକୁ ଆସିଛି ସେମାନେ କ'ଣ ଚୋରା ବାଲି ଏବଂ ମାଟି ଚାଲାଣରେ ଲିପ୍ତ କି ? କେଉଁ ପ୍ରଶାସନିକ ଅଧରକାରୀ ଏମାନଙ୍କ ସୁରକ୍ଷାଦାତା ? ନା ରାଜନୈତକ ବ୍ୟକ୍ତିଙ୍କ ସୁରକ୍ଷାରେ ବଢୁଛନ୍ତି ବାଲି ମାଫିଆ ତାହା ଏବେ ବଡ ପ୍ରଶ୍ନ ହୋଇଛି ।

ଆବଶକୀୟ ବୈଧାନୀକ ଅନୁମତି ବିନା ବାଲି, ମାଟି ଖେଳା ଯାଇ ପାରିବ ନାହିଁ ବୋଲି ଏନଜିଟିଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାର୍ଶାଘାଇ ତହସିଲ ଇଲାକାରେ ଏହି ନିୟମ ପାଳନ କରାଯାଉ ନଥିବା ଅଭିଯୋଗ ହେଉଛି। ଲୋକଙ୍କ ଅଭିଯୋଗ, ମାଫିଆମାନେ ସ୍ଥାନୀୟ ପୁଲିସ, ମାଇନିଙ୍ଗ ଏବଂ ତହସିଲ ଅଫିସରଙ୍କୁ ହାତ କରି ଏହି ଚୋରା ଚାଲାଣ କରୁଛନ୍ତି। ବିଶେଷ କରି ପୁଲିସ ଏମାନଙ୍କୁ ସୁରକ୍ଷା ଦେଉଛି । ଏନେଇ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଙ୍କୁ ଫୋନ୍ ଯୋଗେ ପଚାରିବାରୁ ଏହି ଘଟଣା ସଂପର୍କରେ ଅଭିଯୋଗ ହୋଇଛି ଖୁବ୍ ଶୀଘ୍ର ଚଢ଼ାଉ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

# ସିଟି salad

## ବତୀ ଚିନ୍ତାରେ ଖାକି ବାବୁ



ରାଜ୍ୟର କିଛି ଖାକି ବାବୁ ଏବେ ବତୀ ଚିନ୍ତାରେ ପଡିଛନ୍ତି। ତାଙ୍କ ଗାଡି ମଥାରେ ହଳଦିଆ ବତୀ ଆଉ ଧପ୍ ଧପ୍ କରିବ ନାହିଁ ତାହାର ହିସାବ କରୁଛନ୍ତି। ନିକଟରେ ପରିବହନ କମିଶନର ଫତୁଆ ଜାରି କରିଛନ୍ତି ଯେ ଅତି ଜରୁରୀ ନଥିଲେ କେହି ଆଉ ଗାଡି ମଥାନରେ ବତୀ ବ୍ୟବହାର କରିପାରିବେ ନାହିଁ। ସିଏ ନାଲି ହେଉ କି ହଳଦିଆ। ଯେଉଁମାନଙ୍କର ଗାଡି ମଥାନରେ ବତୀ ଦପ୍ ଦପ୍ କରୁଛି ସେମାନଙ୍କର ବି ଯାଞ୍ଚ ହେବ। ନାଲୀ ବତୀ ତ କେବେଠାରୁ ଉଠିଗଲାଣି। ଖାଲି ଯାହା ଖାକି ବାବୁମାନେ ହଳଦିଆ ବତୀକୁ ଲଗାଉଛନ୍ତି। ହେଲେ ଦେଖିବାକୁ ମିଳୁଛି ଯେ କିଛି ପୁଲିସ୍ ବାବୁଙ୍କ ଗାଡିରୁ ଆଉ ହଳଦିଆ ବତୀ ଓହ୍ଲାଉନାହିଁ। ଘରକୁ ଯିବାବେଳେ ହେଉ କି ହାଟ ବଜାରକୁ, ହଳଦିଆ ବତୀ ଦପ୍ ଦପ୍ କରି ଯାଉଛନ୍ତି। ପିସିଆର ଉପରେ ରଙ୍ଗବେରଙ୍ଗର ଧାଡିକିଆ ବତୀ ଲାଗିଥିବାରୁ ସିଏ ସହଜରେ ଜଣାପଡି ଯାଉଛି। ହେଲେ ଅଫିସରୁ ଘର ଓ ଘରୁ ଅଫିସ୍ ଯାଉଥିବା ଖାକି ବାବୁମାନଙ୍କ ଗାଡିରେ ହଳଦିଆ ବତୀ କାହିଁକି ଲାଗୁଛି ତାହା ଅନେକ ଜାଣିପାରୁନାହାନ୍ତି। କିଛି ଖାକିବାବୁଙ୍କ ଘରଣୀ ଓ ପିଲାମାନେ ଯା ଆସ ବେଳେ ବି ବତୀ ଜଳୁଛି। ଏବେ କିନ୍ତୁ ଏହାର ତର୍ଜମା ହେବ। ଅନେକ ବାବୁଙ୍କ ଗାଡି ମଥାନରୁ ବତୀ ହଟିବାଟା ଥୟ। ଏହା ଶୁଣିଲା ପରେ ହଳଦିଆ ବତୀ କେମିତି ଗାଡିମଥାନରେ ରହିବ ସେଥିପାଇଁ ଯୋଜନା କରୁଥିବାବେଳେ ଆଉ କିଛି ଖାକିବାବୁ ପରିବହନ ବିଭାଗ ଉପରେ ରକ୍ତଚାଉଳ ଚୋବାଉଛନ୍ତି।

## ଆଦିବାସୀ ମେଳାକୁ ଫେସନ ଶୋ' କୀଳା

ଆଦିବାସୀ ମେଳାକୁ କୁଆଡେ ଫେସନ୍ ଶୋ କୀଳା ହୋଇଛି। ଏକଥା ଆମେ କହୁନାହୁଁ। ସିଆରପି ଛକରେ ଥିବା ଆଦିବାସୀ ମ୍ୟୁଜିୟମ ବୁଲିବାବେଳେ କିଛି କର୍ମଚାରୀଙ୍କ କଥାଟି କାନରେ ପଡିଲା। ହେଉଥିବା ଆଲୋଚନା ଅନୁଯାୟୀ ଚଳିତବର୍ଷର ଆଦିବାସୀ ମେଳାର ଆୟୋଜକମାନେ ଫେସନ ସୋ ଆୟୋଜନ କରିଥିଲେ। ଭାବିଥିଲେ ବାହାବା ନେବେ। ହେଲେ ପ୍ରଶଂସା ତ ମିଳିଲା ନାହିଁ, ଓଲଟି ସୋ ର ଆୟୋଜକ ଯେଉଁ ବିଲ୍ ଧରାଇଛନ୍ତି ତାହା କୁଆଡେ ଏବେ କୀଳା ସଦୃଶ ହୋଇଛି। ପୂର୍ବରୁ କୋଟିଏ, ଦୁଇ କୋଟି ଟଙ୍କାରେ ଆୟୋଜିତ ହେଉଥିବା ମେଳାପାଇଁ କୁଆଡେ ଏଥର ୬ କୋଟି ଟଙ୍କାର ବିଲ୍ ହୋଇଛି। ଏହା ଆହୁରି ବଢିବାର ବି ସମ୍ଭାବନା ରହିଛି। ତେବେ କର୍ମଚାରୀମାନଙ୍କ ଆଲୋଚନା ଅନୁଯାୟୀ ଦାୟିତ୍ୱରେ ଥିବା ବାବୁମାନେ ଏଥର ଗୋଟିଏ ଜାତୀୟସ୍ତରର




ଇଭେଣ୍ଟ ସଂସ୍ଥାକୁ କାମଟି ଦେଇଦେଲେ। ସେହି ସଂସ୍ଥାର ଆଦିବାସୀମେଳା ସଂକ୍ରାନ୍ତରେ ଧାନ ଧାରଣା ନଥିଲା। ମେଳାକୁ ଆକର୍ଷଣୀୟ କରିବାପାଇଁ ଆଦିବାସୀଙ୍କ ପାରମ୍ପରିକ ନାଚ ଗୀତ ବଦଳରେ ସିଏ ଫେସନ ସୋ ଆୟୋଜନ କରିଦେଲା। ତେବେ କୌଣସି ଅକୁହା କାରଣ ଯୋଗୁଁ ଦାୟିତ୍ୱରେ ଥିବା ବାବୁମାନେ ସବୁ ଦେଖି ଚୁପ୍ ରହିଲେ। ଏବେ ସେହି ସଂସ୍ଥା କୁଆଡେ ୬କୋଟି ଟଙ୍କାର ବିଲ୍ ଧରାଇଛି। ଆହୁରି କୁଆଡେ ହିସାବ ଚାଲିଛି। ମୂଳ ଚାଲ ଛିଡିଲେ ବିଲ୍ ପରିମାଣ ବଢିବ। ହେଲେ ଏବେ ଯେଉଁ ୬କୋଟି ଟଙ୍କାର ବିଲ୍ ଆସିଛି ତାହା କିଭଳି ପଇଠ ହେବ ବାବୁଙ୍କୁ ସେହି ଚିନ୍ତା ଘାରିଛି।

## ରାଜଧାନୀକୁ ନେତାଙ୍କ ବାଏ ବାଏ




ରାଜ୍ୟର ଜଣେ ବରିଷ୍ଠ ରାଜନୀତିଜ୍ଞ ରାଜଧାନକୁ ବାଏ ବାଏ କରିଛନ୍ତି। ନେତା ଜଣଙ୍କ ଏମିତି ସେମିତି ନୁହନ୍ତି। ପୂର୍ବତନ ସାଂସଦ ଭାବେ ତାଙ୍କର ଦିଲ୍ଲୀରେ ପତିଆରା ରହିଛି। ରାଜନୀତି ସାଙ୍ଗକୁ ଅନ୍ୟ ପେଶା ବି ରହିଛି। ଓଡିଶାରେ ତାଙ୍କର ବି ଖାତିର କାହିଁରେ କଣ। ହେଲେ ଏବେ ଭୁବନେଶ୍ୱରରେ ଚର୍ଚ୍ଚା ହେଉଛି ନେତା ଜଣଙ୍କ ଓଡିଶାର ରାଜଧାନୀକୁ ସିଏ ବାଏ ବାଏ କରିଛନ୍ତି। ଏ ସଂକ୍ରାନ୍ତରେ ନେତାଙ୍କ ଦଳର କିଛି କର୍ମୀ କରୁଥିବା ଆଲୋଚନାରୁ ଯାହା ଜଣାପଡିଲା, ନେତାଙ୍କର ଆଉ ଓଡିଶା ରାଜନୀତିରେ ମନ ନାହିଁ। ତେଣୁ ରାଜଧାନୀରେ ଥିବା ଘରଟିକୁ ବିକ୍ରି କରିଦେଇଛନ୍ତି। ବିମାନବନ୍ଦର ନିକଟରେ ଥିବା ଏହି ବହୁମୂଲ୍ୟ ଘରଟି ବିକ୍ରି ହେବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। କାରଣ ନେତା ଜଣଙ୍କର ପଇସା ପତ୍ରରେ ସେଭଳି ଅଭାବ ନାହିଁ। ଟଙ୍କାର ପାହାଡ ତାଙ୍କ ନିକଟରେ। ହେଲେ ଘରଟିକୁ ବିକିଲେ କାହିଁକି ? ତେବେ ଯାହା ସୂଚନା ମିଳିଛି ନେତା ଜଣଙ୍କ ତାଙ୍କରି ଦଳର ଜଣେ ଚାଣକ୍ୟଙ୍କୁ ଘରଟି ବିକିଛନ୍ତି। ଫରେଷ୍ଟପାର୍କ ଅଞ୍ଚଳରେ ଘରଟି କୁଆଡେ ମାତ୍ର ୬୦ କୋଟି ଟଙ୍କାରେ କାରବାର ହୋଇଛି। ଏହାର କିଣା ବିକା ପୁରା ଗୁପ୍ତରେ ହୋଇଥିବାବେଳେ କଥାଟି ଏବେ ଧିରେ ଧିରେ ପଦାକୁ ଆସିବାରେ ଲାଗିଛି। ଟୋକା ଚାଣକ୍ୟ ସିନା ରାଜଧାନୀର ଭିଭିଆଇପି ଅଞ୍ଚଳରେ ସ୍ଥାୟୀ ହୋଇ ରହିଗଲେ, ହେଲେ ବଡ ନେତା ଜଣଙ୍କ ରାଜ୍ୟ ରାଜଧାନୀକୁ କାହିଁକି ବାଏ ବାଏ କଲେ ତାହା ଏବେ ବି ଅନେକଙ୍କ ପାଇଁ ପ୍ରଶ୍ନବାଚୀ ହୋଇ ରହିଛି।

## ଯୋଗାଣ ବିଭାଗରେ ମାଲ୍ ମହୁ




ଯୋଗାଣ ବିଭାଗରେ କୁଆଡେ ମହୁ ଝରୁଛି। ସଚିବାଳୟ କରିଡରରେ ଚାଲିଥିବା ଏଭଳି ଏକ ଆଲୋଚନା କାନରେ ପଡିବାରୁ ଆମେ ସେଠାରେ ଘଡିଏ ଅଟକି ଗଲୁ। କାନଡେରି ଯାହା ଶୁଣିଲୁ ତାହା ଅତ୍ୟନ୍ତ ରୋଚକ। ଯୋଗାଣ ବିଭାଗରେ ଜଣେ ବାବୁଙ୍କ ମୁହଁରେ କୁଆଡେ ଏହି ଝରୁଥିବା ମହୁ ଲାଗିଛି। ବିଭାଗରେ ତାଙ୍କର ଚାକିରି ୨୭ ବର୍ଷ ହେଲାଣି। ମହୁ ଲୋଭରେ ସଚିବାଳୟ ଛାଡି କୁଆଡେ ଯାଇ ନାହାନ୍ତି। ଏବେ ଅବସର ସମୟ ଉପନୀତ। ହେଲେ ବାବୁଙ୍କ ମୁହଁରେ ଲାଗିଥିବା ମହୁକୁ ଛାଡିବାକୁ ସିଏ ନାରାଜ। ତେଣୁ ଅବସର ପରେ ସେଠାରେ ଓଏସ୍‌ଡି ହୋଇ ମହୁ ଚାଟିବାକୁ ବାବୁ ଏବେ ଠାରୁ ଲାଗି ପଡିଲେଣି। ସେଥିପାଇଁ ସିଏ ଏବେ ଅଫିସରଙ୍କ ଭରସା ଛାଡି ସିଧା ବିଭାଗୀୟ ମନ୍ତ୍ରୀଙ୍କ ଶରଣରେ। ମନ୍ତ୍ରୀ ବି କୁଆଡେ ତାଙ୍କୁ ଭାରି ପ୍ରଶଂସା କରୁଥିବା କହି ବୁଲୁଛନ୍ତି। ଯେଉଁଦିନ ଅବସର ନେବେ ସେହିଦିନ ତାଙ୍କୁ ସେଠାରେ ଥଇଥାନ ପାଇଁ ମନ୍ତ୍ରୀ ମୁଣ୍ଡ ଟୁଙ୍ଗାରିଥିବା ବାବୁ ଜଣଙ୍କ କହି ବୁଲୁଥିବାବେଳେ ତାଙ୍କ କଥାରେ କିଛି ଭରସା ନାହିଁ ବୋଲି ଆଉ କିଛି ବାବୁ କହୁଛନ୍ତି। ତେବେ ଯେହେତୁ ବାବୁ ଜଣଙ୍କ ଗୋଟିଏ ଦପ୍ତରରେ ୨୭ବର୍ଷ କାଟି ସାରିଲେଣି ତେଣୁ ସିଏ ସମସ୍ତଙ୍କ ନାଡି ଚିପିଛନ୍ତି। ବେଳ କାଳ ଦେଖି ନୂଆ ମନ୍ତ୍ରୀଙ୍କ ନେତ୍ର ପାଲଟି ଯାଇଛନ୍ତି। ଦେଖାଯାଉ ବାକ୍‌ଚାତୁରୀରେ ସମସ୍ତଙ୍କୁ ପଛରେ ପକାଇଥିବା ମନ୍ତ୍ରୀ ଏହି ମହୁଚଟା ବାବୁ ଜଣଙ୍କୁ କିଭଳି ଥଇଥାନ କରୁଛନ୍ତି।

## ଥାନା ଭିତରେ ହାତାହାତି



ଥାନା ଭିତରେ କର୍ମୀଙ୍କ ହାତାହାତି। ସିଏ ପୁଣି ଗୋଟିଏ ଦଳର କର୍ମୀ। ନିଜ ଦଳର ମନ୍ତ୍ରୀ, ସାଂସଦଙ୍କ ଆଗରେ ଏଭଳି ହାତାହାତି ହେଲେ ଯେ ସେମାନଙ୍କୁ ବୁଝାଇବାପାଇଁ ଖାକି ବାବୁମାନେ ବି ସାହାସ କୁଳାଇ ପାରିଲେ ନାହିଁ। କଥାଟି ବିଶ୍ୱାସ ଲାଗୁନଥିଲେ ବି ସତ। ଘଟଣାଟି ଘଟିଛି ଅସ୍ତରଙ୍ଗରେ। ଅସ୍ତରଙ୍ଗ ଥାନାରେ ଅତିଥି ଦେବୋ ଭବଃ ପାଇଁ ଥାନା ପରିସରରେ ବଖୁରିଆ ଘରଟିଏ କରିଥିଲେ। ଘରଟିକୁ ଉଦ୍‌ଘାଟନ ପାଇଁ ସୁଯୋଗ ଖୋଜୁଥିଲେ। ଯୋଗକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଅସ୍ତରଙ୍ଗକୁ ଆଉଗୋଟିଏ କାର୍ଯ୍ୟକ୍ରମରେ ଯାଇଥିଲେ। ସେଠାକୁ ବି ସାଂସଦ ବିଭୂ ତରାଇ ଆସିଥିଲେ। ବିଧାୟକ ତୁଷାରକାନ୍ତି ବି ଥିଲେ। ଏହାକୁ ଅପୂର୍ବ ସୁଯୋଗ ଭାବି ଥାନା ବାବୁମାନେ କାର୍ଯ୍ୟକ୍ରମଟିଏ ସ୍ଥିର କରିଦେଲେ। ମନ୍ତ୍ରୀ, ସାଂସଦ ବିଧାୟକ ଅସ୍ତରଙ୍ଗ କାର୍ଯ୍ୟକ୍ରମ ସାରି ଥାନାରେ ପହଞ୍ଚିଲେ ଉଦଘାଟନ ପାଇଁ। ହେଲେ ଦେଖାଗଲା ଯେ ଉଦଘାଟନୀ ଫଳରେ ସାଂସଦଙ୍କ ନାଁଟି ନାହିଁ। ଏହା ସାଙ୍ଗକୁ ସେଠାକୁ ଯାଇଥିବା ଜିଲ୍ଲା ପରିଷଦ ଅଧକ୍ଷାଙ୍କ ନାଁ ବି ଫଳରେ ଦିଶୁନାହିଁ। ତେଣୁ କେହି କିଛି କହିବା ପୂର୍ବରୁ ବିଜେପିର ଦୁଇଗୋଷ୍ଠି ପରସ୍ପରକୁ ଦୋଷ ଦେଇ ହୋ ହଲ୍ଲା ଆରମ୍ଭ କରିଦେଲେ। ଲଢିବାପାଇଁ ମଇଦାନକୁ କୁଦିଲେ। ସରକାରୀ ଦଳର କର୍ମୀ ହୋଇଥିବା ଓ ତାଙ୍କ ମାଲିକମାନେ ଉପସ୍ଥିତ ଥିବାରୁ ଖାକି ବାବୁମାନେ ହାତଟେକି ଦେଲେ। ପରିସ୍ଥିତି ଭିନ୍ନମୋଡ ନେଉଥିବା ଦେଖି ଶେଷରେ ଉପସ୍ଥିତ ନେତାମାନେ ହସ୍ତକ୍ଷେପ କରିବାରୁ ମହାଭାରତରେ ବ୍ରେକ୍ ଲାଗିଥିଲା। ତେବେ ପୁଲିସ୍ ବାବୁମାନେ ଭାବୁଛନ୍ତି ବଖୁରିଆ ଘରପାଇଁ ଯଦି ଏତେ, ବଡ କୋଠାଟିଏ ହୋଇଥିଲେ ଏମାନେ କ'ଣ ନକରିଥାନ୍ତେ ?

# ସବୁଜ ସହର ହେବ ସମ୍ବଲପୁର: ଧର୍ମେନ୍ଦ୍ର

- ସମ୍ବଲପୁର ଚିଡ଼ିଆଖାନା ବୁଲିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ୩ ମାସରେ ଲାଗିବ ଲକ୍ଷେ ଚାରା
- ବନ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା



ସମ୍ବଲପୁର,୨୫।୫(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୋର୍ ସମୟରେ ସମ୍ବଲପୁର ଚିଡିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ନେଇ ଯୋଜନା ହେବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବଜନ୍ତୁ ଅଣାଯିବା ନେଇ ଚିଡିଆଖାନା ବନ ବିଭାଗ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଚିଡ଼ିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାକୁ ବଡ଼ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ବଢ଼ାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ। ସହରରେ ପ୍ରକୃତି ପ୍ରତି ନୂଆପିଢ଼ିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ। ଚିଡିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାରମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ବିଶ୍ୱ ପରିବେଶ ଦିବସ' ଅବସରରେ 'ମା' ପାଇଁ ଗଛଟିଏ' ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିନବ ଅଭିଯାନରେ ସାମିଲ ହେବା ପାଇଁ କେନ୍ଦ୍ର ମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦିନରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ। ଏଥିପାଇଁ ଆଗାମୀ ୩ ମାସରେ ୧ ଲକ୍ଷରୁ ଅଧିକ ଚାରା ରୋପଣ କରାଯିବ। ଆସନ୍ତା ଜୁନ୍ ୫ ବିଶ୍ୱ ପରିବେଶ ଦିବସରୁ ଜୁଲାଇ ଓ ଅଗଷ୍ଟ ପର୍ଯ୍ୟନ୍ତ ଚାରା ରୋପଣ ଚାଲିବ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜ ଛାତ୍ରଛାତ୍ରୀ ସାମିଲ ହେବେ। ଚାରା ରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ। ଆମର ପରିବେଶକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଚାରା ରୋପଣ କରିବା ସହ ତା'ର ଯତ୍ନ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି।

● ଶୀତଳଷଷ୍ଠୀ ପାଇଁ ଚଳଚଞ୍ଚଳ ସମ୍ବଲପୁର

## କନ୍ୟାଦାନ କରିବେ ରାଜସ୍ୱମନ୍ତ୍ରୀ

ସମ୍ବଲପୁର,୨୫।୫(ସଂଚାର ବ୍ୟୁରୋ): ପ୍ରସିଦ୍ଧ ଶୀତଳଷଷ୍ଠୀ ପାଇଁ ଚଳଚଞ୍ଚଳ ହୋଇଉଠିଛି ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁର। ଝାଡୁଆପଡ଼ାର ଲୋକନାଥ ବାବାଙ୍କ ଶ୍ୱଶୁର ଘରେ ଚାଲିଥିବା ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ଶୀତଳଷଷ୍ଠୀରେ କନ୍ୟା ପିତାମାତା ଭାବେ କନ୍ୟାଦାନ କରିବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ



ଓ ପତ୍ନୀ ପଦ୍ମିନୀ ନାୟକ। ଝିଅ ତଥା ଜଗଜ୍ଜନନୀ ମାତା ପାର୍ବତୀଙ୍କୁ ଯୌତୁକ ଦେବା ସକାଶେ ପିତାମାତା ସବୁ ସାମଗ୍ରୀ କିଣିସାରିଛନ୍ତି। ପଲଙ୍କ, ଗଦି, ବାସନକୁସନ, ସୁନା ଅଳଙ୍କାରଠାରୁ ଆରମ୍ଭ କରି ମାଟିପାତ୍ର, ଚିଲମ ପର୍ଯ୍ୟନ୍ତ କିଣାସରିଛି। ଆସନ୍ତା ୨୯ ତାରିଖରେ ପତରପେଣ୍ଡି ବା ନିର୍ବନ୍ଧ ଥିବା ବେଳେ ୩୧ ତାରିଖରେ ଶିବ ବିବାହ ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି।

## ୭ ଦିନ ପର୍ଯ୍ୟନ୍ତ ବର୍ଷା, ୨୭ରେ ଲଘୁଚାପ !

ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ): ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ଅଧିକାଂଶ ସ୍ଥାନରେ ବର୍ଷା ହେବ ବୋଲି ଆଜି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତକାଲି ଯଥେଷ୍ଟ ସଅଳ କେରଳରେ ମୌସୁମୀ ପହଞ୍ଚିଥିବାରୁ ଏହାର ପ୍ରଭାବରେ ଓଡ଼ିଶାରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଛି। ଓଡ଼ିଶା ନିକଟରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ମେଘୁଆ ପାଗ ସହ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୨୪ ଘଣ୍ଟାରେ ଉତ୍ତର ଉପକୂଳ ସହ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ମଧ୍ୟ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଆଦି ସାମିଲ୍ ରହିଛି। ଏହାଛଡ଼ା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ରାଜ୍ୟର ଅନ୍ୟାନ୍ୟ ସବୁ ଜିଲ୍ଲାରେ ହାଲୁକା ବର୍ଷା ହେବାକୁ ଥିବାରୁ ଏଥିସକାଶେ ପାଣିପାଗ କେନ୍ଦ୍ର ପକ୍ଷରୁ ଉକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ମଧ୍ୟ କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା କୁହାଯାଇଛି। ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷାର ସମ୍ଭାବନା ରହିଥିବା ବେଳେ ଆସନ୍ତା ୭ ଦିନ ଯାଏଁ ଦିନର ତାପମାତ୍ରାରେ କୌଣସି ବୃଦ୍ଧି ହେବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ କେରଳରେ ମୌସୁମୀ ପହଞ୍ଚିଥିଲେ ମଧ୍ୟ ଓଡ଼ିଶାକୁ ଏହାର ଆଗମନ ସାମାନ୍ୟ ବିଳମ୍ବ ହେବ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ପହଞ୍ଚିବା ପରେ ମୌସୁମୀ ଓଡ଼ିଶା ଅଗମନ କରିବ। ସେହିପରି ଆସନ୍ତା ୨୭ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। କିନ୍ତୁ ଏହି ସମୟରେ କୌଣସି ବାତ୍ୟା ସମ୍ଭାବନା ନାହିଁ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ବାତ୍ୟା ନେଇ କୌଣସି ସୂଚନା ଦିଆଯାଇନାହିଁ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

## ନୀଳାଦ୍ରି ବିଜେ ସୁଦ୍ଧା ସରିବ ରତ୍ନଭଣ୍ଡାର ମରାମତି କାମ



**ସୂଚନା ଦେଲେ ଆଇନ ମନ୍ତ୍ରୀ**

ଭୁବନେଶ୍ୱର,୨୫।୫ (ସଂଚାର ବ୍ୟୁରୋ): ରତ୍ନଭଣ୍ଡାର ମରାମତି କାମ ଖୁବଶୀଘ୍ର ସରିବା ନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଗାମୀ ରଥଯାତ୍ରାରୁ ନୀଳାଦ୍ରି ବିଜେ ମଧ୍ୟରେ ରତ୍ନଭଣ୍ଡାର ମରାମତି କାମ ଶେଷ ହେବ। ଚନ୍ଦନ ଯାତ୍ରା ଅବସରରେ ଠାକୁରଙ୍କ ଚାପ ଖେଳ ହେଉଥିବା କାରଣରୁ ଏବେ ମରାମତି କାମ ବନ୍ଦ ଥିବା କହିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ଏଥିସହ ସେ ଆହୁରି କହିଛନ୍ତି ଯେ ଠାକୁର ରଥକୁ ଆସିଲେ ମରାମତି କାମ ଆରମ୍ଭ ହେବ ଓ ନୀଳାଦ୍ରି ବିଜେ ପୂର୍ବରୁ ଏହି କାମ ଶେଷ ହେବ। ରଥଯାତ୍ରାରେ ଗର୍ଭଗୃହରେ ଯେଉଁ ମରାମତି କାମ ହୁଏ, ତାହାର ମଧ୍ୟ ସମୀକ୍ଷା ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ମନ୍ତ୍ରୀ କହିଛନ୍ତି ଯେ ମନ୍ଦିରର ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ପ୍ରଶାସକ ଓ ଏଏସଆଇ ଡିଜିଙ୍କୁ ଏନେଇ ଅବଗତ କରାଯାଇଛି। ମନ୍ଦିରର ସଂରକ୍ଷଣ ପାଇଁ ଯେଉଁସବୁ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ସେନେଇ ବି ଆଲୋଚନା ହୋଇଥିବା ବେଳେ ମରାମତି ସମୟରେ ଯେପରି ଠାକୁରଙ୍କ ନୀତିକାନ୍ତିରେ କୌଣସି ବାଧା ନଉପୁଜେ, ତା' ଉପରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

● ଚୌଦ୍ୱାର ଜେଲରେ ଅଘଟଣ

## ଝୁଲି ପଡ଼ିଲେ ହତ୍ୟା ଅଭିଯୁକ୍ତ

ଚୌଦ୍ୱାର,୨୫।୫(ସଂଚାର ବ୍ୟୁରୋ): ଚୌଦ୍ୱାର ସର୍କଲ ଜେଲରେ ଆଜି ଘଟିଛି ଏକ ଅଘଟଣ। ଏକ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିବା ଜନୈକ ବିଚାରାଧୀନ କଏଦୀ ଜେଲ୍‌ରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି କଏଦୀ ଜଣଙ୍କ ଟାଙ୍ଗୀ ଥାନା ଜରିପଡା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ଚରଣ ସ୍ୱାଇଁ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ଅପରାହ୍ନରେ ବିଷ୍ଣୁ ୱାର୍ଡରେ ନଥିବା ୱାର୍ଡର୍ ଜାଣିବାକୁ ପାଇଥିଲେ। ଏନେଇ ସେ ଜେଲ ଅଧୀକ୍ଷକଙ୍କୁ ଅବଗତ କରାଇବା ପରେ କର୍ମଚାରୀମାନେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶେଷରେ ଏକ ପୁରୁଣା ବିଲଡିଂ ଭିତରେ ଥିବା ଆମ୍ବ ଗଛରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ବିଷ୍ଣୁଙ୍କ ମୃତଦେହ ଠାବ କରାଯାଇଥିଲା। ତାଙ୍କୁ ପ୍ରଥମେ କଟକ ବଡ଼ ମେଡିକାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜେଲର ଭିବେନ୍ଦୁ ଭୂୟାଁ ସୂଚନା ଦେଇଛନ୍ତି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏନେଇ ବିଷ୍ଣୁଙ୍କ ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## କିନ୍ନରଙ୍କ ଆକ୍ରମଣରେ ଟ୍ରାଫିକ୍ ଅଧିକାରୀ ଲହୁଲୁହାଣ



ବରଗଡ଼,୨୫।୫(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଚୋରି, ଲୁଟ୍‌ପାଟ, ନିଶା କାରବାର ଆଦି ବଢ଼ି ଚାଲିଥିବା ଯୋଗୁ ଲୋକେ ନିଜକୁ ଆଉ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପକ୍ଷରେ ପୁଲିସ ମଧ୍ୟ ଏଠାରେ ଅସୁରକ୍ଷିତ ହୋଇପଡ଼ିଛି। ଆଜି ବରଗଡ଼ ସହରର କେନ୍ଦ୍ରସ୍ଥଳୀ ଗାନ୍ଧି ଛକରେ ଏହାକୁ ପ୍ରମାଣିତ କରି ଏକ ଘଟଣା। ଦିନଦ୍ୱିପ୍ରହରେ ବିଚ୍ ରାସ୍ତା ଉପରେ ପୁଲିସକୁ କିନ୍ନରମାନେ ଆକ୍ରମଣ କରିଛନ୍ତି। ଏଥିରେ ଟ୍ରାଫିକ୍ ଇନ୍ସପେକ୍ଟର ମଙ୍ଗଳ କିସ୍କୁ ଲହୁଲୁହାଣ ହୋଇ ବରଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ସ୍ଥାନୀୟ ଟାଉନ ଥାନା ପୁଲିସ ୨ ଜଣ କିନ୍ନରଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଅଗ୍ନିକାଣ୍ଡରେ ୭ ବଖରା ପାଉଁଶ

ଭଦ୍ରକ,୨୫।୫(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲାରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଅଗ୍ନିକାଣ୍ଡରେ ୭ ବଖରା ଘର ଓ ତା' ଭିତରେ ଥିବା ସମସ୍ତ ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଇଛି। ଏନେଇ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନାନୁସାରେ, ଜିଲ୍ଲାର ବନ୍ତ ବ୍ଲକ ଅଧୀନସ୍ଥ ଓଡ଼ଙ୍ଗ ପଞ୍ଚାୟତର ସରମରା ଗ୍ରାମର ସାହୁ ସାହିରେ ଗତକାଲି ବିଳମ୍ବିତ ରାତିରେ ହଠାତ୍ ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ୍ ହୋଇଥିଲା। କେହି କିଛି ବୁଝିବା ଆଗରୁ ହିଁ ଘର ସମ୍ପୂର୍ଣ୍ଣ ଜଳିଉଠିଥିଲା। ପରେ ଏହା ଅନ୍ୟ ଘରଗୁଡ଼ିକୁ ବ୍ୟାପିବା ଫଳରେ ମୋଟ ୭ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ନିଆଁର ପ୍ରଖରତା ଏତେ ଥିଲା ଯେ, ସେଥିରେ ଘରେ ଥିବା ସମସ୍ତ ଆସବାବପତ୍ର, ଘରକରଣା ସାମଗ୍ରୀ, ଗୋଟିଏ ମୋଟର ସାଇକେଲ ଓ ପୋଷାକପତ୍ର ସବୁ ନଷ୍ଟ ହୋଇଯାଇଛି। ଆଗରପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଅବଶ୍ୟ ଏହି ଭୟାବହ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ଉକ୍ତ ସାହିର ବାସିନ୍ଦା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବାରୁ ତୁରନ୍ତ ସେମାନଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି ହେଉଛି।

### ଅଲାରନାଥଙ୍କ ଦର୍ଶନ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବୈଠକ

## ଶୃଙ୍ଖଳିତ ଦର୍ଶନ ଓ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ



ପୁରୀ,୨୫।୫(ସଂଚାର ବ୍ୟୁରୋ): ଆସନ୍ତା ଜୁନ ୧୧ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଉକ୍ତ ଦିନ ୧୦୮ ଗରା ସୁବାସିତ ଜଳରେ ଦିବ୍ୟସ୍ନାନ କରି ଅଣସର ଗୃହରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତନୀତି ଦଇତାପତି ସେବକଙ୍କ ଦ୍ୱାରା ଜାରି ରହିଥିବା ସମୟରେ ବ୍ରହ୍ମଗିରିରେ ବିଷ୍ଣୁରୂପୀ ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଜମିବ। ଏଥିସକାଶେ ଆସନ୍ତା ଜୁନ ୧୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଅଲାରାନାଥଙ୍କ ଶୃଙ୍ଖଳିତ ଦର୍ଶନ ନେଇ ପୁରୀ ସଦଭାବନା ଗୃହଠାରେ ଆଜି ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନଠାରୁ ଆରମ୍ଭ କରି ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ସୁରକ୍ଷା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଭକ୍ତମାନଙ୍କୁ ପାନୀୟଜଳ ଯୋଗାଣ, ରାସ୍ତାଘାଟ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ବ୍ୟବସ୍ଥା ସହ ବ୍ୟାରିକେଡ୍ ଆଦି ନିର୍ମାଣ କାର୍ଯ୍ୟ ସମୟ ପୂର୍ବରୁ ଶେଷ କରିବା ସକାଶେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ସମୟ ଅନୁସାରେ କିଭଳି ହୋଇପାରିବ ସେନେଇ ସେବାୟତମାନଙ୍କ ସହ ମଧ୍ୟ ଜିଲ୍ଲାପାଳ ଆଲୋଚନା କରିଛନ୍ତି । ସେପଟେ ବୈଠକରେ ଅଲାରନାଥ ସେବାୟତଙ୍କ ଭିତରେ ଥିବା ସମସ୍ତ ମତାନ୍ତର ଓ ମନାନ୍ତରକୁ ଭୁଲି ଠାକୁରଙ୍କ ସେବାପୂଜା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କିଭଳି ହେବ ସେନେଇ ସମସ୍ତଙ୍କର ସହଯୋଗ ଲୋଡିଛନ୍ତି ଜିଲ୍ଲାପାଳ। ସେହିପରି ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ୮ ପ୍ଲାଟୁନ ପୁଲିସ ଫୋର୍ସ ସହ ବରିଷ୍ଠ ପୁଲିସ ଅଧିକାରୀ ମୁତୟନ ରହିବେ। ସମସ୍ତ ବିଭାଗର ଅଧିକାରୀମାନେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସପି। ଅନ୍ୟପକ୍ଷରେ ଅଲାରନାଥଙ୍କ ଦର୍ଶନ ସମୟରେ ପୁରୀରୁ ବ୍ରହ୍ମଗିରିକୁ ଶୃଙ୍ଖଳିତ ଗମନାଗମନ ନେଇ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ହାତକୁ ନିଆଯାଇଥିବା ଏସ୍‌ପି କହିଛନ୍ତି। ୩ଟି ପଏଣ୍ଟରେ ଟ୍ରାଫିକ ବ୍ୟବସ୍ଥା କରାଯିବା ଥିବାବେଳେ ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ସେହିପରି ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ନେଇ ପୁଲିସ ପକ୍ଷରୁ କଡା ନଜର ରଖାଯିବ ବୋଲି ଏସପି କହିଛନ୍ତି। ସୂଚନାଯୋଗ୍ୟ ଯେ ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଦର୍ଶନ ମିଳୁନଥିବାରୁ ଏହି ସମୟରେ ଅଲାରାନାଥଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ପ୍ରବାଦ ରହିଛି। ତେଣୁ ଉକ୍ତ ସମୟରେ ଅଲାରନାଥରେ ପ୍ରବଳ ଭକ୍ତଙ୍କ ସମାଗମ ହେବା ସହ କେହି ବି ଏଠାକାର ପ୍ରସିଦ୍ଧ ଖିରୀଭୋଗ ଖାଇବାକୁ ଭୁଲିନଥାନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୨୪ ଘଣ୍ଟାରେ ଏଲ୍ଆଇସି ବିକିଲା ୫.୮୮ ଲକ୍ଷ ବୀମା ପଲିସି




**ନୂଆଦିଲ୍ଲୀ,୨୫।୫:** ୨୪ ଘଣ୍ଟାରେ ସର୍ବାଧିକ ବୀମା ପଲିସି କରି ଗିନିଜ୍ ବିଶ୍ୱ ରେକର୍ଡସ୍‌ରେ ସ୍ଥାନ ହାସଲ କରିଛି ଏଲ୍ଆଇସି ଇଣ୍ଡିଆ। ଗତ ଶନିବାର ଏଲ୍ଆଇସି ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଗତ ଜାନୁଆରୀ ୨୦ ତାରିଖରେ ଏଲ୍ଆଇସିର ଉତ୍ସର୍ଗୀକୃତ ଏଜେନ୍ସି ନେଟ୍‌ୱର୍କର ଅଦ୍ୱିତୀୟ ପ୍ରଦର୍ଶନକୁ ଗିନିଜ୍ ପକ୍ଷରୁ ଯାଞ୍ଚପୂର୍ବକ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଦିନ ଏଲ୍ଆଇସିର ମୋଟ୍ ୪,୫୨,୮୩୯ ଜଣ ଏଜେଣ୍ଟ୍ ସଫଳତାପୂର୍ବକ ସାରା ଦେଶରେ ୫,୫୫,୧୦୭ ଜୀବନ ବୀମା ପଲିସି ପୂରଣ କରିଥିଲେ। ଏହି ସ୍ମାରକୀ ପ୍ରୟାସ ୨୪ ଘଣ୍ଟା ମଧ୍ୟରେ ଜୀବନ ବୀମା ଉଦ୍ୟୋଗରେ ଏଜେଣ୍ଟଙ୍କ ଉତ୍ପାଦକତାର ଏକ ନୂଆ ବିଶ୍ୱସ୍ତରୀୟ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଲ୍ଆଇସି ଇଣ୍ଡିଆ ଅନୁସାରେ, ଏଲ୍ଆଇସି ଏଜେଣ୍ଟମାନଙ୍କର ସମର୍ପଣଭାବ, କୌଶଳ ଓ ଅବିଶ୍ରାନ୍ତ କାର୍ଯ୍ୟ ପ୍ରତି ସଦାଚାରର

**ଗିନିଜ୍ ବିଶ୍ୱ ରେକର୍ଡ**

ଏହା ଏକ ଶକ୍ତିଶାଳୀ ପ୍ରମାଣପତ୍ର। ଏହି ଉପଲବ୍ଧି ଗ୍ରାହକ ଓ ସେମାନଙ୍କ ପରିବାରକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୁରକ୍ଷା ପ୍ରଦାନ ମିଶନ୍ କ୍ଷେତ୍ରରେ ନିଗମର ଗଭୀର ଅଙ୍ଗୀକାରବଦ୍ଧତାର ଉଦାହରଣ। ବିଶ୍ୱ ରେକର୍ଡ ଲାଗି ଗତ ଜାନୁଆରୀ ୨୦ ତାରିଖ ଏଲ୍ଆଇସିର 'ମ୍ୟାଡ୍ ମିଲିଅନ୍ ଡେ'ରେ ଅତିକମ୍‌ରେ ଗୋଟିଏ ପଲିସି ପୂରଣ କରିବାକୁ ଦେଶର ପ୍ରତ୍ୟେକ ଏଜେଣ୍ଟଙ୍କୁ ଏଲ୍ଆଇସି ଏମ୍‌ଡି ଓ ସିଇଓ ସିଦ୍ଧାର୍ଥ ମହାନ୍ତି ଅପିଲ କରିଥିଲେ।



## ଭାରତରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ସାଟକମ ସେବା

### ମାସିକ ୮୪୦ ଟଙ୍କାରୁ ବି କମ୍ ମୂଲ୍ୟର ମିଳିବ ସାଟେଲାଇଟ୍ ଡାଟା ପ୍ଲାନ୍

**ନୂଆଦିଲ୍ଲୀ, ୨୫।୫:** ନିକଟରେ ବାଂଲାଦେଶରେ ଏଲନ ମସ୍କଙ୍କ କମ୍ପାନୀ ଷ୍ଟାର୍ ଲିଙ୍କ ସାଟେଲାଇଟ୍ ଡାଟା ପ୍ରଦାନ କରି ସାରିଛି। ଏବେ କମ୍ପାନୀ ଭାରତରେ ବି ଏହି ସେବା ଯୋଗାଇ ଦେବ। ତେବେ ସାଟେଲାଇଟ୍ ଡାଟା ପ୍ଲାନ୍ ମାସକୁ ୮୪୦ ଟଙ୍କାରୁ କମ୍ ରହିବ ବୋଲି ଜଣାପଡ଼ିଛି। ଇକୋନୋମିକ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ସମେତ ସାଟେଲାଇଟ୍ ଯୋଗାଯୋଗ ସଂସ୍ଥାଗୁଡ଼ିକ ପ୍ରତି ମାସରେ $୧୦ (ପ୍ରାୟ ୮୪୦ଟଙ୍କା) ରୁ କମ୍ ମୂଲ୍ୟର ପ୍ରମୋସନାଲ୍ ଅସୀମିତ ଡାଟା ପ୍ଲାନ୍ ସହ ଭାରତରେ ସେମାନଙ୍କର ସେବା ଆରମ୍ଭ କରିବେ ବୋଲି ଆଶା କରାଯାଉଛି। ଏହି କମ୍ପାନୀଗୁଡ଼ିକ ଭାରତରେ ଦ୍ରୁତ ଗତିରେ ସେମାନଙ୍କର ଉପଭୋକ୍ତାଙ୍କ ସଂଖ୍ୟା ବଢ଼ାଇବୁ ଲକ୍ଷ୍ୟ ରଖିଛନ୍ତି। ମଧ୍ୟମରୁ ଦୀର୍ଘକାଳୀନ ମଧ୍ୟରେ ୧୦ ନିୟୁତ ଗ୍ରାହକଙ୍କ ପାଖରେ ପହଞ୍ଚିବାର କମ୍ପାନୀଗୁଡ଼ିକର ଟାର୍ଗେଟ୍ ରହିଛି। ଏହା ପରିମାଣର ଅର୍ଥନୀତି ମାଧ୍ୟମରେ ଅଧିକ ସ୍ପେକ୍ଟ୍ରମ୍ ମୂଲ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବ। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ମାସିକ ସହରାଞ୍ଚଳ ଉପଭୋକ୍ତା ଶୁଳ୍କ ୫୦୦ଟଙ୍କା ସୁପାରିଶ କରିଛି। ତଥାପି ବି ଏହା ପାରମ୍ପରିକ ଟେଲିକମ ସେବା ତୁଳନାରେ ସାଟେଲାଇଟ୍ କମ୍ୟୁନିକେସନ ସ୍ପେକ୍ଟ୍ରମ୍‌କୁ ଅଧିକ ମହଙ୍ଗା କରିଛି। ଏହା ସତ୍ତ୍ୱେ, ଷ୍ଟାରଲିଙ୍କ୍ ଭଳି କମ୍ପାନୀକୁ ଭାରତୀୟ ମାର୍କେଟ୍‌ରେ ପ୍ରତିଦ୍ୱନ୍ଦ୍ୱୀତା କରିବାରେ ଅସୁବିଧା ହେବ ନାହିଁ ବୋଲି ବିଶ୍ଳେଷକମାନେ କହିଛନ୍ତି। ଇକୋନୋମିକ୍ସ ଟାଇମ୍ସକୁ ପ୍ରତିକ୍ରିୟା ଦେଇ ଗ୍ଲୋବାଲ୍ ଟିଏମଟି କନସଲ୍ଟିଂ ଫାର୍ମ ଆନାଲିସିସ୍ ମ୍ୟାସନର ପାର୍ଟନର ଥିବା ଅଶ୍ୱିନ୍ଦର ସେଟ୍ଟୀ କହିଛନ୍ତି ଯେ ଉଚ୍ଚ ସ୍ପେକ୍ଟ୍ରମ୍ ଚାର୍ଜ ଏବଂ ଲାଇସେନ୍ସ ଫି ସତ୍ତ୍ୱେ, ସାଟକମ୍ କମ୍ପାନୀଗୁଡ଼ିକ ଭାରତରେ କମ୍ ମୂଲ୍ୟରେ ଲଞ୍ଚ କରିବେ ବୋଲି ଆଶା କରାଯାଉଛି। ସମ୍ଭବତଃ ମାସିକିଆ ପ୍ୟାକ୍‌ର ମୂଲ୍ୟ ୧୦ ଆମେରିକୀୟ ଡଲାରରୁ କମ୍ ହୋଇପାରେ।

## ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାଫଳ

# ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅପୂର୍ବ ସଫଳତା



**ଭୁବନେଶ୍ୱର,୨୫।୫(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲା ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅପୂର୍ବ ସଫଳତା ହାସଲ କରିଛନ୍ତି। ମୋଟ ୩୬୧ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୫୬ ଜଣ ୯୦%ରୁ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜେତା ବେହେରା ୯୬.୬୭%, ଶ୍ରଦ୍ଧା ସୁମନ ସେନ ୯୫.୫୦%, ରତ୍ନସାଗର ଦାସ ୯୫.୩୫%, ରାଜେଶ୍ୱରୀ ଜେନା ୯୪.୮୩%,ଏସ୍ କ୍ରିଷ୍ଣା ସାହୁ ୯୪.୩୩%,ଅଭିଜିତ୍ ମହାନ୍ତି ୯୪.୧୭%, ସୂର୍ଯ୍ୟକାନ୍ତ ସ୍ୱାଇଁ ୯୩.୬୭%, ସୁଶ୍ରୀ ସଙ୍ଗୀତ ବେହେରା ୯୩.୬୭%, ଅସ୍ମିତା ବେହେରା ୯୩.୫୦%, ହିମାଂଶୁ ଶେଖର ପୃଷ୍ଟି ୯୩.୫୦%, ରମେଶ ନାୟକ ୯୩.୫୦%, ରାଜେନ୍ଦ୍ର କୁମାର ସାମନ୍ତରାୟ ୯୩.୩୩%, ଆୟୁଷ ଜେନା ୯୩.୧୭%, ଅଭିପ୍ସା ବେହେରା ୯୩.୧୭% ନମ୍ବର ରଖିଛନ୍ତି । ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ଅଜୟ ବାହାଦୁର ସିଂ, ନିର୍ଦ୍ଦେଶିକା ଉମା ସିଂ, ଉପନିର୍ଦ୍ଦେଶକ ସମରେନ୍ଦ୍ର କୁମାର, ଅଧକ୍ଷା ପ୍ରଭାତୀ ଶତପଥୀ, ଉପାଧକ୍ଷ ଅଜୟ କୁମାର ସାହୁ ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଧାପକଅଧାପିକା ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ୱାନ୍ ବିଗ୍ ବିଉଟିଫୁଲ ବିଲ୍ ପାସ୍

# ଆମେରିକାରୁ ଭାରତ ଟଙ୍କା ପଠାଇଲେ ୩.୫% ଟିକସ



**ନୂଆଦିଲ୍ଲୀ,୨୫।୫:** ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ମେ' ୨୨ରେ 'ୱାନ୍ ବିଗ୍, ବିଉଟିଫୁଲ ବିଲ୍ ଆକ୍ଟ'କୁ ଅନୁମୋଦନ ଦେଇଛି। ଏହା ଅନ୍ତର୍ଗତ ଆମେରିକାରୁ ଅର୍ଜିତ ଟଙ୍କା

**୨୦୨୬ ଜାନୁଆରୀରୁ ଲାଗୁ**

ଭାରତ ପଠାଇବା ଉପରେ ୩.୫% ଟିକସ ଗଣିବେ ପ୍ରବାସୀ ଭାରତୀୟ। ପୂର୍ବରୁ ୫% ଟିକସ ପ୍ରସ୍ତାବ ଥିଲା। ଏହି ବିଲ୍ ମାଧ୍ୟମରେ ବିଦେଶୀ କର୍ମଚାରୀଙ୍କ ଦ୍ୱାରା ନିଜ ନିଜ ଦେଶକୁ ଟଙ୍କା ପଠାଇବା ଉପରେ ଟିକସ ଦେବାର ବ୍ୟବସ୍ଥା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନୀତିର ସବୁଠାରୁ ବଡ଼ ପ୍ରଭାବ ଅନୁଭବ କରିବ ଭାରତ। କାରଣ ଭାରତୀୟ ପ୍ରବାସୀ ଆମେରିକାରୁ ସବୁଠାରୁ ଅଧିକ ରେମିଟାନ୍ସ ପଠାଇଥାନ୍ତି। ରେମିଟାନ୍ସ ଅର୍ଥାତ୍ ପ୍ରବାସୀମାନଙ୍କ ଦ୍ୱାରା ନିଜ ଦେଶକୁ ପଠାଯାଉଥିବା ଧନରାଶି। ସିନେଟ୍‌ର ମଞ୍ଜୁରି ପରେ ୨୦୨୬ ଜାନୁଆରୀ ୧ରୁ ଏହା ଲାଗୁ ହୋଇଯିବ।

ବର୍ଷକୁ ଆମେରିକାରୁ ପ୍ରାୟ ୩୦ ବିଲିୟନ ଡଲାର ପଠାଉଛନ୍ତି ପ୍ରବାସୀ ଭାରତୀୟ। ୩.୫% ଟିକସ ଲାଗୁ ହେବା ଦ୍ୱାରା ୩୦ ବିଲିୟନ ଡଲାରର ରେମିଟାନ୍ସରେ ଭାରତୀୟଙ୍କ ଉପରେ ୧.୦୫ ବିଲିୟନ ଡଲାର ବା ପ୍ରାୟ ୮,୭୫୦ କୋଟି ଟଙ୍କାର ବୋଝ ପଡ଼ିବ। ଏହା ଭାରତୀୟ ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରିବ। ଆମେରିକା ରେମିଟାନ୍ସର ଅନ୍ୟତମ ସର୍ବବୃହତ୍ ହିତାଧିକାରୀ ହେଉଛି ଭାରତ। ଜଣେ ପ୍ରବାସୀ ଯଦି ଭାରତକୁ ଲକ୍ଷେ ଟଙ୍କା ପଠାଉଥିବେ ଏହା ଉପରେ ୩,୫୦୦ ଟଙ୍କାର ଟିକସ ଦେବାକୁ ପଡ଼ିବ। ବିଲ୍ ଅନୁସାରେ, ଅଣ-ନାଗରିକମାନଙ୍କ ଦ୍ୱାରା କରାଯାଉଥିବା ଇଣ୍ଟର୍‌ନ୍ୟାସ୍‌ନାଲ ମନି ଟ୍ରାନ୍ସଫର ଉପରେ ୩.୫% ଟିକସ ଲାଗିବ।

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅନୁସାରେ, ୨୦୨୩-୨୪ରେ ଭାରତକୁ ଆସିଥିବା ମୋଟ ରେମିଟାନ୍ସ ମଧ୍ୟରେ ଆମେରିକାରୁ ସର୍ବାଧିକ ୨୭.୭% ଆସିଛି, ଯାହାକି ୨୦୨୦-୨୧ରେ ଥିଲା ୨୩.୪%। ଭାରତର ବୈଦେଶିକ ମନ୍ତ୍ରାଳୟ ଅନୁସାରେ, ଆମେରିକାରେ ୪୫ ଲକ୍ଷ ପ୍ରବାସୀ ଭାରତୀୟ ଅଛନ୍ତି, ଯେଉଁଥିରୁ ୩୨ ଲକ୍ଷ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି(ପିଆଇଓ)।

ଆମେରିକାରେ ୭୮% ଭାରତୀୟ ପ୍ରବାସୀ ଉଚ୍ଚ ଆୟ ପ୍ରଦାନକାରୀ କ୍ଷେତ୍ର ଯେପରି ମ୍ୟାନେଜ୍‌ମେଣ୍ଟ, ବିଜ୍‌ନେସ୍ ଏବଂ ସାଇନ୍ସ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଆର୍‌ବିଆଇ ତଥ୍ୟ ଅନୁସାରେ,୨୦୧୦-୧୧ରେ ଭାରତକୁ ୫୫.୬ ବିଲିୟନ ଡଲାର ରେମିଟାନ୍ସ ଆସିଥିବାବେଳେ ୨୦୨୩-୨୪ରେ ଏହା ଦୁଇ ଗୁଣା ହୋଇ ୧୧୮.୭ ବିଲିୟନ ଡଲାରରେ ପହଞ୍ଚିଛି। ଆମେରିକାରୁ ଆସିଛି ୩୩ ବିଲିୟନ ଡଲାର ବା ୨.୭୬ ଲକ୍ଷ କୋଟି ଟଙ୍କା।

# କର୍ଣ୍ଣାଟକରେ ଭାଷା ବିବାଦ ଯୋଗୁ ରାଜ୍ୟ ଛାଡ଼ିବ ଏହି କମ୍ପାନୀ

**କର୍ମଚାରୀଙ୍କ ସୁରକ୍ଷା ନେଇ ନେଲା ନିଷ୍ପତ୍ତି**

**ବେଙ୍ଗାଲୁରୁ, ୨୫।୫:** କର୍ଣ୍ଣାଟକର ଆଞ୍ଚଳିକବାଦ ଓ ଭାଷାବାଦର ସମସ୍ୟା ଯୋଗୁ ଏବେ ସେଠାରୁ ଷ୍ଟାର୍ଟଅପ୍ ବ୍ୟବସାୟ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ଯାଉଛି। ବେଙ୍ଗାଲୁରୁର ଉଦ୍ୟୋଗୀ କୌଶିକ ମୁଖାର୍ଜୀ ତାଙ୍କ କମ୍ପାନୀର ମୁଖ୍ୟାଳୟକୁ ୬ ମାସ ମଧ୍ୟରେ ପୁଣେକୁ ସ୍ଥାନାନ୍ତରିତ କରିବାକୁ ଘୋଷଣା କରିଛନ୍ତି। କର୍ମଚାରୀମାନେ ଏଭଳି ପରିବେଶରେ ବିପଦ ମଣୁଥିବାରୁ ବାଧ ହୋଇ ଶିଳ୍ପପତିଙ୍କୁ କମ୍ପାନୀର ମୁଖ୍ୟାଳୟ ସ୍ଥାନାନ୍ତର କରିବାକୁ ପଡ଼ିଛି ବୋଲି ସୂଚନା ମିଳିଛି। ନିକଟରେ ବେଙ୍ଗାଲୁରୁର ଚାନ୍ଦପୁରା ଶାଖାରେ ଜଣେ ଏସ୍‌ବିଆଇ ମ୍ୟାନେଜର ଗ୍ରାହକଙ୍କୁ କନ୍ନଡ଼ ନ କହିବାକୁ ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ସେ କହିଥିଲେ ଯେ ଏହା ଭାରତ ମୁଁ ହିନ୍ଦୀ କହିବି କନ୍ନଡ ନୁହେଁ। ତାଙ୍କର ଏହି ଭିଡିଓ ଭାଇରାଲ୍ ହେବା ପରେ ରାଜ୍ୟବ୍ୟାପୀ ଚର୍ଚ୍ଚାର କେନ୍ଦ୍ର ପାଲିଟିଥିଲା। ଏହି ଘଟଣା ପରେ କୌଶିକ ମୁଖାର୍ଜୀଙ୍କର ଏଭଳି ନିଷ୍ପତ୍ତି ସାମ୍ନାକୁ ଆସିଛି।

ଶ୍ରୀ ମୁଖାର୍ଜୀ ଏନେଇ ଏକ୍ସରେ (ପୂର୍ବରୁ ଟ୍ୱିଟର)ରେ ପୋଷ୍ଟ ଶେୟାର କରି ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ ତାଙ୍କ କର୍ମଚାରୀ ଭାଷାଗତ ପରିବେଶର ଖରାପ ହେଉଥିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବିଶେଷକରି କନ୍ନଡ ଭାଷାଭାଷୀ କର୍ମଚାରୀଙ୍କ ପାଇଁ ସମସ୍ୟା ରହିଛି। ଏନେଇ ସେ ଲେଖିଛନ୍ତି "ଯଦି ଏହି ଭାଷାଗତ ବେକାର ମାମଲା ଜାରି ରହେ, ତେବେ ମୁଁ ଚାହୁଁନାହିଁ ଯେ ମୋର କର୍ମଚାରୀମାନେ ପରବର୍ତ୍ତୀ ଶିକାର ହୁଅନ୍ତୁ।" କାର୍ଯ୍ୟକ୍ଷେତ୍ରରେ ସମାନତା ଏବଂ ମାନସିକ ସୁରକ୍ଷା ଦୃଷ୍ଟିରୁ ସେ ଏହି ନିଷ୍ପତ୍ତି ନେଇଥିବା କୌଶିକ ଲେଖିଛନ୍ତି। ତାଙ୍କ ପୋଷ୍ଟକୁ ନେଇ ସୋସିଆଲ୍ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଇଖିବାକୁ ମିଳିଛି। କେତେକ ୟୁଜର କର୍ମଚାରୀଙ୍କ ଚିନ୍ତା ପ୍ରତି କୌଶିକଙ୍କର ସମ୍ବେଦନଶୀଳତାକୁ ପ୍ରଶଂସା କରିଛନ୍ତି। ସେହିପରି ଆଉ କେତେକ ତାଙ୍କର ପୁଣେ ବିକଳ୍ପକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେଠାରେ ବି ମରାଠୀ ନେଇ ବିବାଦ ଚାଲିଛି। ତେଣୁ ନୋଏଡା କିମ୍ବା ଅହମ୍ମଦାବାଦ ଭଳି ନିରପେକ୍ଷ ସହର ବିଷୟରେ ବିଚାର କରିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ତେବେ ଯଦିଓ ମୁଖାର୍ଜୀଙ୍କ କମ୍ପାନୀ ଏତେ ବଡ଼ ନୁହେଁ, ତେବେ ତାଙ୍କର ଏଭଳି ନିଷ୍ପତ୍ତି ଷ୍ଟାର୍ଟଆପ୍ ଇକୋସିଷ୍ଟମରେ ଗଭୀର ପ୍ରଭାବ ପକାଇଛି। ଯେଉଁଥିରେ ଭାଷା, କର୍ମକ୍ଷେତ୍ର ବିବିଧତା ଏବଂ କର୍ପୋରେଟ୍ ସଂସ୍କୃତିରେ ଆଞ୍ଚଳିକ ସମ୍ବେଦନଶୀଳତାର ଆବଶ୍ୟକତା ବିଷୟରେ ନୂଆ ଆଲୋଚନାକୁ ଜନ୍ମ ଦେଇଛି।

# ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଦେବ ୨.୬୯ ଲକ୍ଷ କୋଟି

**ନୂଆଦିଲ୍ଲୀ, ୨୪।୫:** ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ୨.୬୯ ଲକ୍ଷ କୋଟିର ଲାଭାଂଶ ବାବଦ ପାଣ୍ଠି ପ୍ରଦାନ କରିବ। ଏହା ସର୍ବକାଳୀନ ରେକର୍ଡ ଏବଂ ପୂର୍ବବର୍ଷ ତୁଳନାରେ ୨୮ ପ୍ରତିଶତ ଅଧିକ। ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ୬୧୬ତମ ବୈଠକରେ ଏ ନେଇ ଘୋଷଣା କରାଯାଇଛି। ୨୦୨୩-୨୪ ଆର୍ଥିକବର୍ଷରେ ରିଜର୍ଭ ବ୍ୟାଙ୍କ ୨.୧୦ ଲକ୍ଷ କୋଟି ଏବଂ ୨୦୨୨-୨୩ରେ ୮୭,୪୨୦ କୋଟି ଟଙ୍କାର ବଳକା ପାଣ୍ଠି କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିଥିଲା। ରିଜର୍ଭ ବ୍ୟାଙ୍କ ୨୦୨୪-୨୫ ଆର୍ଥିକବର୍ଷ ଲାଗି ଏହି ପାଣ୍ଠି ସ୍ଥାନାନ୍ତର କରୁଥିବାବେଳେ ସରକାରଙ୍କ ଆକାଉଣ୍ଟରେ ଏହା ୨୦୨୫-୨୬ ବର୍ଷରେ ପ୍ରତିଫଳିତ ହେବ। ଏଥିସହିତ ରିଜର୍ଭ ବ୍ୟାଙ୍କ ବୋର୍ଡ ଅର୍ଥନୈତିକ ପୁଞ୍ଜି ଢାଞ୍ଚାରେ ସଂଶୋଧନ ଆଣିଛି। ଏହି ସଂଶୋଧନ ଅନୁଯାୟୀ, ଆପତକାଳୀନ ପାଣ୍ଠି ବା କଣ୍ଟିଜେଣ୍ଟ ରିସ୍କ ବଫର୍ (ସିଆର୍‌ବି) ରାଶିକୁ ରିଜର୍ଭ ବ୍ୟାଙ୍କ ମୋଟ ଆୟବ୍ୟୟ ଆକାରର ୬.୦ ±୧.୫%ରେ ରଖାଯାଇଛି। ବର୍ତ୍ତମାନ ଏହି ସ୍ତର ୬.୫%ରୁ ୫.୫% ମଧ୍ୟରେ ରହିଛି। ଅଧିକ ବିଦେଶୀ ମୁଦ୍ରା ବିକ୍ରି ଓ ଅନ୍ୟାନ୍ୟ କାରଣରୁ ରିଜର୍ଭ ବ୍ୟାଙ୍କ ଅଧିକ ଆୟ କରିଥିବାରୁ ଅଧିକ ପାଣ୍ଠି ସ୍ଥାନାନ୍ତର କରିବ ବୋଲି ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାବିସ୍ କହିଛନ୍ତି। ସରକାର ରିଜର୍ଭ ବ୍ୟାଙ୍କ ସମେତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକଠାରୁ ୨.୫୬ ଲକ୍ଷ କୋଟି ଟଙ୍କା ପାଇବେ ବୋଲି ଲକ୍ଷ୍ୟ ରଖିଥିଲେ। ରିଜର୍ଭ ବ୍ୟାଙ୍କ ଅଧିକ ପାଣ୍ଠି ଦେଲେ ମଧ ସରକାରଙ୍କ ବିତ୍ତୀୟ ନିଅଣ୍ଟ ହ୍ରାସ ଉପରେ ସେତେଟା ପ୍ରଭାବ ଦେଖିବାକୁ ମିଳିବ ନାହିଁ। ଅତିବେଶି ହେଲେ ସରକାରଙ୍କ ବିତ୍ତୀୟ ନିଅଣ୍ଟ ୪.୪ ପ୍ରତିଶତରୁ ୪.୩ ପ୍ରତିଶତକୁ କମିବ ବୋଲି ସବନାବିସ୍ କହିଛନ୍ତି।

# ମାରୁତି ସୁଜୁକି ଏରିନାରେ ୫୦ଟି ଏପିକ୍ ନୂଆ ସ୍ୱିଫ୍ଟ ଡେଲିଭରି






**ଭୁବନେଶ୍ୱର, ୨୫।୫(ସଂଚାର ବ୍ୟୁରୋ):** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ଓଡ଼ିଶାର ୮ଟି ଏରିନା ଡିଲରସିପ୍‌ରେ ଏପିକ୍ ନୂଆ ସ୍ୱିଫ୍ଟର ସାମୂହିକ ଡେଲିଭରି କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ୫୦ଟି ଏପିକ୍ ନୂଆ ସ୍ୱିଫ୍ଟର ଡେଲିଭରି ଦିଆଯାଇଛି। ଫଳରେ ଓଡ଼ିଶାରେ ଗ୍ରାହକଙ୍କ ମଧ୍ୟରେ ଉକ୍ତ ହ୍ୟାଚବ୍ୟାକ୍ କାର୍‌ର ଲୋକପ୍ରିୟତା ଏବଂ ଉତ୍ତମ ଚାହିଦାକୁ ପାଳନ କରାଯାଇଛି।

ଯୁବକ ଏବଂ ଉତ୍ସାହୀ ଲୋକଙ୍କ ପାଇଁ ଡିଜାଇନ୍ ହୋଇଥିବା ସ୍ୱିଫ୍ଟ ଏହାର ସ୍ପୋର୍ଟି ଡିଜାଇନ୍ ଏବଂ ଆକର୍ଷଣୀୟ ଡ୍ରାଇଭିଂ ଅଭିଜ୍ଞତା ସହିତ ଗ୍ରାହକମାନଙ୍କୁ ଉତ୍ସାହିତ କରିଚାଲିଛି । ପ୍ରିମିୟମ୍ ହ୍ୟାଚ୍‌ବ୍ୟାକ୍‌ର ଅନେକ ପ୍ରଶଂସକ ରହିଛନ୍ତି। ଫଳରେ ନିଜସ୍ୱ ସେଗ୍‌ମେଣ୍ଟ୍‌ରେ ଏହି କାର୍ ଏକ ଉତ୍କୃଷ୍ଟ ପସନ୍ଦ ହୋଇପାରିଛି। ୩ ନିୟୁତରୁ ଅଧିକ ଗ୍ରାହକଙ୍କ ସହିତ, ସ୍ୱିଫ୍ଟ ଉଲ୍ଲେଖନୀୟ ଗ୍ରାହକ ବିଶ୍ୱସନୀୟତା ହାସଲ କରିଛି। ପ୍ରତି ୪ ଜଣ ସ୍ୱିଫ୍ଟ ମାଲିକଙ୍କ ମଧ୍ୟରେ ଜଣେ ଆଉ ଏକ ନୂଆ ସ୍ୱିଫ୍ଟ କିଣିବାକୁ ପସନ୍ଦ କରିଛନ୍ତି। ଏହି କାର୍‌ରେ ଅନେକ ସୁରକ୍ଷା ବୈଶିଷ୍ଟ୍ୟ ରହିଛି। ସେଗୁଡ଼ିକ ମଧ୍ୟରେ ୬ଟି ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି ପ୍ରୋଗ୍ରାମ(ଇଏସ୍‌ପି), ଇବିଡି ସହିତ ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ୍(ଏବିଏସ୍), ହିଲ୍ ହୋଲ୍ଡ କଣ୍ଟ୍ରୋଲ, ରିଭର୍ସ ପାର୍କିଂ ସେନସର, ୩-ପଏଣ୍ଟ୍ ସିଟ୍ ବେଲ୍ଟ ଏବଂ ସିଟ୍ ବେଲ୍ଟ ରିମାଇଣ୍ଡର ଅନ୍ୟତମ। ଏହି ଗାଡ଼ିରେ କମ୍ପାନି ୩ ବର୍ଷ କିମ୍ବା ୧ ଲକ୍ଷ କିମିର ୱାରେଣ୍ଟି ପ୍ରଦାନ କରୁଛି।

## ଆଜିର ସୁନା ଦର



ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୦୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୯୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୦୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୨୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୦୮୦ ଓ ୮୯, ୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

### ବିଇଏମସିର ବେଫିକର ନୀତି

# ସାମାନ୍ୟ ବର୍ଷାରେ ଜମୁଛି ଆଣ୍ଠୁଏ ପାଣି

**ବ୍ରହ୍ମପୁର,୨୫।୫ (ସଂଚାର ବ୍ୟୁରୋ):** ରେଶମ ସହରର ଉନ୍ନତି ପାଇଁ ସତେ ଯେମିତି କାହାର ଆନ୍ତରିକତା ନାହିଁ। ବିକାଶ ଠାରୁ ବହୁ ଦୂରରେ ରହିଛି ବ୍ରହ୍ମପୁର। ରାସ୍ତା ଠାରୁ ଆରମ୍ଭ କରି ନାଳ, ସଫେଇ ସବୁ କ୍ଷେତ୍ରରେ ଏହି ସହର ଖୁବ୍ ପଛରେ ରହିଛି। ନିକଟରେ ହୋଇଥିବା କାଳ ବୈଶାଖୀ ବର୍ଷା ଏହାର ଯେ ଜ୍ୱଳନ୍ତ ଉଦାହରଣ, ଏହି କଥାକୁ ଏଡାଇ ଦିଆଯାଇନପାରେ। ବେଙ୍ଗ ପରିସ୍ରା କଲେ ବନ୍ୟା ଭଳି ପରିସ୍ଥିତି ସହରରେ ଉତ୍ପନ୍ନ ହେଉଛି। ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ଗଳି କନ୍ଦି ସବୁଠି ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ବଡ କଥା ହେଉଛି, ସିଲକ୍ ସିଟିର ଘରେ ଘରେ ବର୍ଷା ଓ ନାଳ ପାଣି ପଶୁଛି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସାମାନ୍ୟ ବର୍ଷା ହେଲେ ତଳିଆ ଅଂଚଳ ବିଛିନ୍ନାଂଚଳରେ ପରିଣତ ହେଉଛି। ବର୍ଷା ଜଳ ସଠିକ୍ ନିଷ୍କାସନ ନହେବା କାରଣରୁ ସହରର ବିଭିନ୍ନ ଅଂଚଳରେ ଏହି ଜଳବନ୍ଦୀ ସମସ୍ୟା ଉପୁଜୁଛି।

ସହରରେ ରାସ୍ତା ଏବଂ ନାଳ ଏବେ ପ୍ରମୁଖ ସମସ୍ୟା ପାଲଟିଛି। ବାର୍ଷିକ ଏହି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବେ ବି ଲୋକେ ଏହାର ସୁଫଳ ପାଇପାରୁ ନାହାନ୍ତି। ବ୍ରହ୍ମପୁର ମହାନଗର ନିଗମର ବେଫିକର ନୀତି ଏବଂ ଦାୟୀତ୍ୱହୀନତା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ଲଗାତାର ଲୋକଙ୍କ ସମସ୍ୟାକୁ ନେଇ ଖବର ମାଧମରେ 'ସଂଚାର' ବିଇଏମସିକୁ ଅବଗତ କରାଇ ଆସୁଛି। ଏହାପରେ ଜନ ପ୍ରତିନିଧି ମାନେ ବିଭିନ୍ନ ଅଞ୍ଚଳ ବୁଲି ସମୀକ୍ଷା ଏବଂ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ତେବେ ରାଜନୀତି ଠାରୁ ଉର୍ଦ୍ଧରେ ରହି ଜନ ପ୍ରତିନିଧି ମାନେ କାର୍ଯ୍ୟ କଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଏ ଯୁଗର ସାବିତ୍ରୀ

# ଶଯ୍ୟାଶାୟୀ ସ୍ୱାମୀଙ୍କ ସେବାରେ ଜୀବନ ଉତ୍ସର୍ଗ କରିଛନ୍ତି



**କାକଟପୁର/ଅସ୍ତରଙ୍ଗ,୨୫।୫ (ସଂଚାର ବ୍ୟୁରୋ):** ଆଜି ପବିତ୍ର ସାବିତ୍ରୀ ବ୍ରତ। ସବୁ ସ୍ତ୍ରୀମାନେ ତାଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଓଷା କରୁଛନ୍ତି। ହେଲେ ଏମିତି ଜଣେ ସ୍ତ୍ରୀ ଅଛନ୍ତି ଯିଏ ସ୍ୱାମୀ ପାଇଁ ଦୀର୍ଘ ଦିନ ହେଲା ତପସ୍ୟା କରୁଛନ୍ତି କହିଲେ ଚଳେ। ଦୀର୍ଘ ଦିନ ହେବ ଅଚାନକ ଗାଡିରୁ ପଡ଼ି ଦୁର୍ଘଟଣା ହେତୁ ବିଛଣାରେ କଟୁଛି ତାଙ୍କ ସ୍ୱାମୀଙ୍କ ଜୀବନ। ସେ ହାରି ଯାଇ ନାହାନ୍ତି, ଭଗବାନଙ୍କ ଉପରେ ଭରସା ରଖି କାର୍ଯ୍ୟ କରୁଛନ୍ତି। ଆଶା ରଖିଛନ୍ତି ସ୍ୱାମୀ ଭଲ ହୋଇଯିବେ। ସ୍ୱାମୀଙ୍କୁ ଭଲ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଆଉ ଆଜି ସାବିତ୍ରୀରେ ସବୁ ସାବିତ୍ରୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବିଜିପୁର ଗ୍ରାମର ଦିବ୍ୟାଙ୍ଗ ପ୍ରମୋଦ ସାହୁ ଓ ପତ୍ନୀ ରମା ସାହୁ। ହସ ଖୁସିରେ ଚଳୁଥିଲେ। କିନ୍ତୁ ଦୈବ ଦାଉ ସାଜିଲା ଭଳି ନିତିଦିନ ଭଳି ନିଜ ରୋଜଗାର ପନ୍ଥା ବାନ୍ଧିଥିବା ପ୍ରମୋଦ ଚାଉଳ ସଂଗ୍ରହ କରି ଯାଉଥିବା ବେଳେ ଗାଡି ରୁ ପଡ଼ିଥିଲେ, ଯାହା ଫଳରେ କ୍ରମଶଃ ଦିବ୍ୟାଙ୍ଗ ହୋଇଗଲେ। ବର୍ତ୍ତମାନ ପାରାଲିସିସ ରୋଗରେ ଆକ୍ରାନ୍ତ ହୋଇ ତାଙ୍କ ସ୍ୱାମୀ ପ୍ରମୋଦ ଦୀର୍ଘ ଦିନ ହେବ ବିଛଣାରେ ପଡିରହିଛନ୍ତି। ଖାଇବା ଠାରୁ ଶୋଇବା ପର୍ଯ୍ୟନ୍ତ ନିତ୍ୟକର୍ମ ସବୁ ସ୍ତ୍ରୀ କରିଥାନ୍ତି। ହେଲେ ଦୁର୍ଘଟଣାରେ ଦିବ୍ୟାଙ୍ଗ ହେବା ପରେ ଘର ଚଳିବା କଷ୍ଟକର। ବନ୍ଧୁ ପରିଜନ ସ୍ୱଳ୍ପ ସାହାଯ୍ୟରେ ପରିବାର କଷ୍ଟରେ ଚଳୁଚି। ମନରେ ଯେତେ ଦୁଃଖ ଥିଲେ ବି ସେ କାହାକୁ କୁହନ୍ତି ନାହିଁ। ନିଜ କର୍ତ୍ତବ୍ୟକୁ ସେ ଠିକ ଠିକ କରନ୍ତି।

ଏଭଳି ମହିଳା ସମାଜ ପାଇଁ ପ୍ରଶଂସା ବୋଲି କୁହନ୍ତି ସ୍ଥାନୀୟ ଲୋକ। କିନ୍ତୁ ସରକାରଙ୍କ ତରଫରୁ ତାଙ୍କୁ କୌଣସି ଦିବ୍ୟାଙ୍ଗ ସହାୟତା ମିଳୁ ନଥିବାରୁ ଚଳିବା କଷ୍ଟକର। ରମାଙ୍କର ସ୍ୱାମୀ ପ୍ରତି ଥିବା ନିଷ୍ଠା ଓ ଭଲ ପାଇବା ଦେଖି ସମସ୍ତେ ପ୍ରଶଂସା କରୁଥିବା ବେଳେ କେହି କେହି କହୁଛନ୍ତି ସେ ଯେତିକି ତାଙ୍କ ସ୍ୱାମୀ ପାଇଁ କରୁଛନ୍ତି ଆମେ କରିପାରିବୁ ନାହିଁ। ତାଙ୍କ ସ୍ୱାମୀ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ପୁଣି ତାଙ୍କ ହସଖୁସିର ସଂସାର ଫେରିଆସୁ। ସେ ଆମ ନାରୀ ଜାତିପାଇଁ ଉଦାହରଣ।

# ବିକ୍ରମ ବର୍ମାଙ୍କ ୮୫ତମ ଜନ୍ମ ଜୟନ୍ତୀ ପାଳିତ



**ମାହାଙ୍ଗା,୨୫।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ସମାଜ ସଂସ୍କାରକ, ଶିକ୍ଷାବିତ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମାଙ୍କ ୮୫ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ମାହାଙ୍ଗା ଜେ.ଏନ. କଲେଜ କୁଆଁପାଳ ପରିସରରେ ମାହାଙ୍ଗା ପୂଜ୍ୟ ପୂଜା ପରିଷଦ ସଭାପତି ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ସଂସ୍କୃତି ପୁରୁଷ ପ୍ରତାପ ଜେନାଙ୍କ ଅଧକ୍ଷତାରେ ସ୍ୱର୍ଗତ ବର୍ମାଙ୍କ ଜନ୍ମ ଜୟନ୍ତି ପାଳିତ ହୋଇଯାଇଛି।

ରବିବାର ପୂର୍ବାହ୍ନରେ ମାହାଙ୍ଗା ଅଞ୍ଚଳର ବହୁ ବୁଦ୍ଧିଜୀବୀ, କବି, ସାହିତ୍ୟିକ ଶ୍ରୀଯୁକ୍ତ ଜେନାଙ୍କ ଆଳିଯୋଡ ସ୍ଥିତ ବାସଭବନରୁ ଏକ ସାରସ୍ୱତ ଶୋଭାଯାତ୍ରାରେ ବାହାରି ଜେ.ଏନ୍. କଲେଜ୍ ପରିସରରେ ପହଞ୍ଚି ସ୍ୱର୍ଗତ ବର୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରି ତାଙ୍କ ବହୁମୁଖୀ ପ୍ରତିଭା ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ ଗାନ୍ଧିବାଦୀ ନେତା ସ୍ୱର୍ଗତ ବର୍ମା ମାହାଙ୍ଗା ଭଳି କୃଷି ପ୍ରାଧାନ୍ୟ ଅଂଚଳରେ ୮୦ଦଶକରେ ଉଚ୍ଚଶିକ୍ଷା ନିମନ୍ତେ ବାହାର ବ୍ଲକ ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ସ୍ୱର୍ଗତ ବର୍ମା ମୁଠି ଚାଉଳ ଭିକ୍ଷାକରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଜମିରେ ଯେଉଁ ଶିକ୍ଷାନୁଷ୍ଠାନ ଗଢ଼ି ଦେଇଛନ୍ତି ତାହା ଆଜି ଶିକ୍ଷାକ୍ଷେତ୍ରରେ ମାହାଙ୍ଗାର ଆଖି ଖୋଲି ଦେଇଥିବା ନେଇ ମୁଖ୍ୟଅତିଥି ଶ୍ରୀ ଜେନା ମତବ୍ୟକ୍ତ କରିବା ସହ ପବିତ୍ର ଜନ୍ମ ଜୟନ୍ତିରେ ସ୍ୱର୍ଗତ ବର୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁସ୍ମିତା ଦାସ, ଜଗବନ୍ଧୁ ସେଠି, ରିଆଯୁଲ ହୋଦା, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଛାତ୍ର ବିଜେଡ଼ି ସଭାପତି ହିତେଶ ରାଉତ,ଯୋନ ବିଜେଡି ସଭାପତି କମଳାକାନ୍ତ ଦାଶ, ଦୀନବନ୍ଧୁ ସାହୁ, ନିରଞ୍ଜନ ବିଶ୍ୱାଳ, ଯୁବ ସଂଗଠକ ହୃଷିକେଶ ସ୍ୱାଇଁ, ସାହିତ୍ୟିକ ଗୌତମ ଜେନା, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ପ୍ରୀତମ କାନୁନଗୋ, ତ୍ରିନାଥ ଜେନା, ଦୁର୍ଗାପ୍ରସାଦ ବାରିକ,ଦେବାଶିଷ ଜେନା, ସମିତି ସଭ୍ୟା ବନଲତା ଦଲେଇ,ସରପଞ୍ଚ ରାଜକିଶୋର ବଳ, ଋଷି କୁମାର ରାଉତ, ଜ୍ଞାନେନ୍ଦ୍ର ସାହୁ, ରବୀନ୍ଦ୍ର ବାଗ, ଲଳିତ ମୋହନ ମହାପାତ୍ର, ସୁବାଷ ଜେନା, ହେମନ୍ତ ପ୍ରଧାନ,ସମାଜସେବୀ ବିପିନ ବିହାରୀ ସ୍ୱାଇଁଙ୍କ ସମେତ ଶତାଧିକ ବିଜୁ ଜନତା ଦଳ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ବର୍ମାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବଜ୍ରାଘାତରେ ଗୋରୁ ମୃତ

**ମହାକାଳପଡ଼ା,୨୫।୫ (ସଂଚାର ବ୍ୟୁରୋ):** ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋଖାଖଟି ଗ୍ରାମର ସୁରେଶ ସ୍ୱାଇଁଙ୍କ ଗୋଟିଏ ଗର୍ଭସ୍ଥ ଗୋରୁର ଆଜି ହୋଇଥିବା ବଜ୍ରପାତରେ ମୃତ୍ୟୁ ଘଟିଛି। ଆଜି ଦିନ ୧୧ ଘଟିକା ସମୟରେ ଘର ନିକଟରେ ଗୋରୁ ବନ୍ଧା ହୋଇଥିବା ସମୟରେ ବଜ୍ରପାତ ଘଟିଥିଲା। ଘର ଲୋକେ ପ୍ରାଣୀ ଚିକିତ୍ସକୁଙ୍କୁ ଜଣାଇବା ପରେ ସ୍ଥାନୀୟ ପ୍ରାଣୀ ନୀରିକ୍ଷକ ଘଟଣାସ୍ଥଳରେ ପହଞ୍ଚି ରିପୋର୍ଟ ସଂଗ୍ରହ କରି ରାଜସ୍ୱ ନୀରିକ୍ଷକ ଙ୍କ ନିକଟରେ ଦାଖଲ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସମସ୍ତ ରିପୋର୍ଟ ତହସିଲଦାରଙ୍କ ଅନୁମୋଦନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ପ୍ରକାଶ କରିଛନ୍ତି।



### ଅହଲ୍ୟା ବାଇ ହୋଲକରଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ

# ୧୯ନଂ ୱାର୍ଡରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୨୫।୫ (ସଂଚାର ବ୍ୟୁରୋ):** ମହୀୟସୀ ମହିଳା ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ପୌର ପରିଷଦ ଅନ୍ତର୍ଗତ ୧୯ନଂ ୱାର୍ଡରେ ୧୨୨ତମ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ନଗର ବିଜେପି ସଭାପତି ଅଶୋକ ସାହୁ, ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ (ବାବୁ), ମନ କି ବାତ ସଂଯୋଜକ ରବୀନ୍ଦ୍ର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ଚନ୍ଦନ ପାତ୍ର, ବୁଥ ସଭାପତି ଅଶୋକ ବେହେରା, କାଉନସିଲର ବିଦ୍ୟାଧର ସେଠୀ,



ଆଡ଼ଭୋକେଟ ପ୍ରମୋଦ ସାହୁ ସମୀର ପାତ୍ର,ବୀରେନ୍ଦ୍ର ପ୍ରଧାନ, ପାରେଶ୍ୱର ପାତ୍ର, ଶେଷଦେବ ସାହୁ, ରମେଶ ବେହେରା, ଦେବାଶିଷ ମଲିକ, ଅବନୀ ପାତ୍ର,ସୁଶୀଲ ପରିଡା, ଗିରିଜା ଶଙ୍କର ସାମଲ, ଆଡ଼ଭୋକେଟ ପ୍ରକାଶ ପାତ୍ର, ମିନତୀ ପାତ୍ର,ପୁଷ୍ପକାନ୍ତି ପାତ୍ର ମଞ୍ଜୁଲତା ପାତ୍ର, ପୁଷ୍ପଲତା ଜେନା, ବେଙ୍ଗଲତା ବେହେରା, ଶ୍ୟାମଳୀ ଦାସ, ବଳରାମ ବେହେରା, ଉର୍ମିଳା ବେହେରା, ବାସନ୍ତୀ ବାରିକ, ଅନ୍ନପୂର୍ଣ୍ଣା ଜେନା, ଶରତ ସେଠୀ, ବସନ୍ତ ଚୌଧୁରୀ ପ୍ରମୁଖ ବହୁ ବିଜେପି ନେତା କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ।

# ଭଦ୍ରେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମ



**ମାହାଙ୍ଗା,୨୫।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମଣ୍ଡଳ ସ୍ତରୀୟ ୧୨୨ତମ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଭଦ୍ରେଶ୍ୱର ପଂଚାୟତର ସାହାନାଜପୁର ବୁଥରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଏକ ଏଲଇଡ଼ି ଟିଭି ମାଧମରେ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ପାଣି, ଅକ୍ଷୟ ନନ୍ଦ, ବିଶ୍ୱଭୂଷଣ ପ୍ରଧାନ, ବଂଶୀଧର ନାଥ ଶର୍ମା, ଗୋକୁଳାନନ୍ଦ ପଣ୍ଡା, ଅଶୋକ କୁମାର ପାତ୍ର, ଦେବାଶିଷ ବରାଳ, ସୁଶାନ୍ତ ବେହେରା, ପ୍ରଭଞ୍ଜନ ପ୍ରଧାନ, ମାନସ ମହାନ୍ତି, ରତ୍ନାକର ପ୍ରଧାନ, ବଳରାମ ସୁତାର, ବଳରାମ ଜେନା, ଜୁଲୁ ସୁତାରଙ୍କ ସହିତ ବୁଥ ସ୍ତରୀୟ ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅସିତ୍ ମହାନ୍ତି ସାଲେପୁର ବିଜେପି ମଣ୍ଡଳ ସଭାପତି ମନୋନୀତ



**ସାଲେପୁର,୨୫।୫ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ରାଜ୍ୟସଭାପତି ମନମୋହନ ସାମଲ ଏବଂ କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅନୁମୋଦନ କ୍ରମେ ସାଲେପୁର ମଣ୍ଡଳର ନୂତନ ସଭାପତି ଭାବେ ଶ୍ରୀଯୁକ୍ତ ଅସିତ କୁମାର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ନିଜ ଛାତ୍ର ଜୀବନରୁ ଅସିତ କୁମାର ମହାନ୍ତି ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦ ପଦବୀରେ ରହିବା ସହିତ ଭାରତୀୟ ଜନତାପାର୍ଟିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି ଆସିଛନ୍ତି । ଗତ ସାଧାରଣ ନିର୍ବାଚନରେ ମାହଙ୍ଗା ନିର୍ବାଚନ ମଣ୍ଡଳୀ ଭଳି ସଂବେଦନଶୀଳ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ତାଙ୍କୁ ପ୍ରଭାରିରୂପେ ଦାୟିତ୍ୱ ଦେଇଥିଲା। ତେଣୁ ସାଲେପୁର ମଣ୍ଡଳ ଭଳି ଗୁରୁତ୍ୱପୂର୍ଣ୍ଣ ମଣ୍ଡଳର ସଭାପତି ଭାବେ ଦାୟିତ୍ୱ ନେବା ପରେ ମଣ୍ଡଳର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଜନତାଙ୍କର ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କାର୍ଯ୍ୟକର୍ତ୍ତାମାନେ ଆଶା ବାନ୍ଧିଛନ୍ତି । ଅସିତ ମହାନ୍ତିଙ୍କ ଭଳି ଜଣେ ଯୋଗ୍ୟ ଏବଂ ଦକ୍ଷ କାର୍ଯ୍ୟକର୍ତ୍ତାଙ୍କୁ ମଣ୍ଡଳ ସଭାପତି ଦାୟିତ୍ୱ ଦେଇଥିବାରୁ ସାଲେପୁର ବିଜେପିର କର୍ମକର୍ତ୍ତାମାନେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ଜୟ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି, ନିର୍ବାଚନମଣ୍ଡଳୀ ନେତା ଅରିନ୍ଦମ ରାୟ ଏବଂ ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ସମେତ ସମସ୍ତ ନେତୃବୃନ୍ଦଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# କର୍ମଚାରୀ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ

**ବୋରିଗୁମ୍ମା/ଜୟପୁର,୨୫।୫ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘର ମିଳିତ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସଭାପତିଙ୍କ ଆହ୍ୱାନ କ୍ରମେ ସମସ୍ତ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। କର୍ମଚାରୀ ମାନଙ୍କ ପ୍ରମୁଖ ୩ ଗୋଟି




ଦାବି ପୁରଣ ନିମନ୍ତେ ଉକ୍ତ ବୈଠକରେ ଯୋଗଦାନ କରିଥିବା କର୍ମଚାରୀମାନେ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ଜନତାଙ୍କ କଥା ଚିନ୍ତା କରୁଥିବା ବେଳେ କର୍ମଚାରୀମାନେ କଣ ଜନତା ନୁହଁନ୍ତି କି ବଲି ଉପସ୍ଥିତ କର୍ମଚାରୀ ମାନେ ମତପ୍ରକାଶ କରିଥିଲେ। ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା, ପୁରୁଣା ପେନସନ ପ୍ରଦାନ କରିବା, ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ କରିବା ମୁଖ୍ୟ ଦାବିକୁ ସରକାର ପୁରଣ କରି ସ୍ୱଳ୍ପ ବେତନ ଭୋଗି କର୍ମଚାରୀ ମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ କର୍ମଚାରୀ ସରକାରଙ୍କୁ ଅନୁରୋଧ କରିଥିଲେ।



# ସ୍ଥାନୀୟ ବେକାରଙ୍କ ନିଯୁକ୍ତି ଉପରେ ବିଧାୟକଙ୍କ ଗୁରୁତ୍ୱ

**ବାସୁଦେବପୁର,୨୫।୫ (ସଂଚାର ବ୍ୟୁରୋ):** ଗତ କିଛି ଦିନ ଧରି ବାସୁଦେବପୁରର ବିକାଶମୂଳକ କାମକୁ ନେଇ କଂଗ୍ରେସ, ବିଜେଡି ଓ ବିଜେପି ଭିତରେ ଟଣାଓଟରା ଚାଲିଥିବା ବେଳେ ଆଜି ବିଧାୟକ ଅଶୋକ କୁମାର ଦାସ ନିଜ ବାସଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ବାସୁଦେବପୁର ସହରର ଉନ୍ନତି ପାଇଁ ମାତ୍ର ବର୍ଷକ ମଧରେ ସେ ନେଇଥିବା ପଦକ୍ଷେପ ବାବଦରେ ସୂଚନା ଦେଇଥିଲେ। ବାସୁଦେବପୁର ଛାତି ଦେଇ ଗଢ଼ି ଉଠିଥିବା ଧାମରା ଆଦାନୀ ବନ୍ଦରରେ ବାସୁଦେବପୁର ଅଂଚଳର ଶିକ୍ଷିତ ବେକାର ଯୁବକ ଯୁବତୀ କିପରି ନିଯୁକ୍ତି ପାଇବେ ସେ ନେଇ ସେ ତାଙ୍କ ପ୍ରୟାସ ଜାରି ରଖିଥିବା କହିଥିଲେ। ସେହିପରି ଜାମୁଝାଡ଼ି ଧାମରା ରାସ୍ତା ଦେଇ ଶହ ଶହ ଯାନବାହାନ ଚଳ ପ୍ରଚଳ କରୁଥିବାରୁ ଖୁବ ଶୀଘ୍ର ବାସୁଦେବପୁର ବଜାରକୁ ବାଇପାସ କରିବା ସହ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଏକ ଟ୍ରମା କେୟାର ସେଣ୍ଟର କରାଯିବ। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଭାବୀ ଡାକ୍ତର ପଦବୀ ପୁରଣ ପାଇଁ ପ୍ରକ୍ରିୟା ସରିଥିବା ସହ ଅଳ୍ପଦିନ ମଧରେ ଶବ ବ୍ୟବଚ୍ଛେଦ କେନ୍ଦ୍ର, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ, ବସ୍ ଷ୍ଟାଣ୍ଡ ଓ ଲାଇବ୍ରେରୀ ଚାଲୁ ହେବା ସହ ସ୍ଥାନୀୟ ଯୁବକ, ଯୁବତୀଙ୍କୁ ଏଥିରେ ନିଯୁକ୍ତି ପାଇଁ ପ୍ରାଥମିକତା ଦିଆଯିବ ବୋଲି ସୂଚନା ଦେଇଥିଲେ। ସେହିପରି କୋଷ୍ଟ କେନାଲ ଜବର ଦଖଲ ଉଚ୍ଛେଦ, ବହୁ ପ୍ରତିକ୍ଷୀତ ଚାରିବାଟିଆ ଓ ବାଲିଆପାଳ ପୋଲ ନିର୍ମାଣ ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ବୋଲି କହିଥିଲେ। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରକ୍ତ ତୀର୍ଥ ଇରମ ର ବିକାଶ ପାଇଁ ଏକ କୋଟି ଟଙ୍କା ର ଅନୁଦାନ ଦେଇଥିବାରୁ ସେ କୃତଜ୍ଞତା ଜଣାଇଥିଲେ।

### ଜିଲ୍ଲା ଓକିଲ ସଂଘର ବୈଠକ

# ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ଓ ଓକିଲଙ୍କ ପରିବାରକୁ ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ଦାବି




**ନୟାଗଡ଼,୨୫।୫ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲାର ଓକିଲ ସଙ୍ଘ ସମୂହ ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆଜି ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟରେ ଆଇନଜୀବୀ ପରିବାର କୁ ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟ ଚିକିତ୍ସାରେ ଅନ୍ତର୍ଭୁକ୍ତ କରିବା ସହିତ ନୟାଗଡ ଜିଲ୍ଲାରେ ଭିଜିଲାନ୍ସ ଅଦାଲତ ପ୍ରତିଷ୍ଠା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଏ ସଂକ୍ରାନ୍ତ ରେ ଖୁବଶୀଘ୍ର ଜିଲ୍ଲା ର ବିଧାୟକ ମାନଙ୍କ ସହିତ ଆଲୋଚନା କରି ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ଆଇନ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

ନୟାଗଡ ଜିଲ୍ଲାର ପ୍ରାୟ ୧୩୦ ଦୁର୍ନୀତି ଭ୍ରଷ୍ଟାଚାର ସଂକ୍ରାନ୍ତୀୟ ମୋକଦ୍ଦମା ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ରେ ବିଚାରଧୀନ ରହିଛି ଏବଂ ମାସକୁ ଗୋଟିଏ ଦିନ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ନୟାଗଡ ରେ ସର୍କିଟ ଅଦାଲତ କରୁଛନ୍ତି ତେଣୁ ନୟାଗଡ ରେ ଭିଜିଲାନ୍ସ ଅଦାଲତ ଖୋଲିବାର ପ୍ରାସଙ୍ଗିକତା ରହିଛି ବୋଲି ଶ୍ରୀ ଦାଶ କହିଛନ୍ତି । ୧୦ ବର୍ଷ ଯାଏଁ ଦଣ୍ଡାଦେଶ କ୍ଷମତା ସମ୍ପନ୍ନ ଉପଖଣ୍ଡ ସ୍ତରୀୟ ସହକାରୀ ଦୌରା ଜଜ ପଦବୀ ସୃଷ୍ଟି କରିବା ପାଇଁ ମାନ୍ୟବର ହାଇକୋର୍ଟ, ଆଡ଼ଭୋକେଟ ଜେନେରାଲ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ବିଶେଷ ବୈଠକରେ ଜିଲ୍ଲାର ଓକିଲମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସଡ଼କ ଦୁର୍ଘଟଣରେ ଯୁବକ ମୃତ

**କଳିଙ୍ଗନଗର,୨୫।୫ (ସଂଚାର ବ୍ୟୁରୋ):** କୋରେଇ ଥାନା ଅନ୍ତର୍ଗତ ରାଣୀପଡ଼ା ଓଭର ବ୍ରିଜ ନିକଟରେ ସଡ଼କ ଦୁର୍ଘଟଣାରେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି। ମୃତ ଯୁବକ ଜଣଙ୍କ ଜଗୁ ଦେହୁରୀ(୨୫)। ସାଇକେଲରେ ଆସୁଥିବା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଥିବା ଜଣା ପଡିଛି।

### ସମବାୟବିତ୍‌ଙ୍କ ଶ୍ରାଦ୍ଧବାର୍ଷିକୀ

# ସମବାୟ ଆନ୍ଦୋଳନକୁ ସଶକ୍ତ କରିଥିଲେ ଗୋପୀନାଥ

**ପଟ୍ଟାମୁଣ୍ଡାଇ,୨୫।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳରେ ସମବାୟ ଆନ୍ଦୋଳନକୁ ସଶକ୍ତ କରିବା ଓ ଚାଷୀ ମୁଲିଆଙ୍କୁ ହକ ପ୍ରଦାନ କରିବାରେ ଦିବଂଗତ ଗୋପୀନାଥ ଦାଶଙ୍କ ଅବଦାନ ଚୀରକାଳ ସ୍ମରଣୀୟ ହୋଇରହିବ ବୋଲି ସମବାୟବିତ ଗୋପୀନାଥ ଦାଶଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବେଲତଳ ବନ୍ଧପଡା ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି।

ପ୍ରବଚକ ତ୍ରିଜୀବ ଦାଶଙ୍କ ପୌରହିତ୍ୟ ଓ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ସନ୍ଥ ସଂରକ୍ଷକ ସ୍ୱାମୀ ଆସୀମାନନ୍ଦ ଦାସ ମହାରାଜ ଉଦଘଟନ କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୌରଧକ୍ଷ ହେମନ୍ତ ସାହୁ, ହରିହରାନନ୍ଦ ଧାନ ମନ୍ଦିର ପରିଚାଳକ ସାଧୁ ବିଜୟାନନ୍ଦ ଦାସ, କଥାକାର ପ୍ରଦୀପ ନାୟକ, ଗାଳ୍ପିକ ଡ.ନୀଳମଣି ଲେଙ୍କା, ନାଟ୍ୟକାର ଗୋଲକ ମହାରଣା, ଓକିଲ ସଂଘ ସଭାପତି ସୂର୍ଯ୍ୟ



ରଞ୍ଜନ ରାଉଳ, ସମ୍ପାଦକ ରବୀନ୍ଦ୍ର ଦାଶ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ପ୍ରଫେସର ସବ୍ୟସାଚି ତ୍ରିପାଠୀ, ଶିକ୍ଷାବିତ ପ୍ରମୋଦ ନାୟକ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର,ଗୀତିକବି ସୁଶାନ୍ତ ପାଣି, ଚିତ୍ରଶିଳ୍ପୀ ରମେଶ ଦେ, ବ୍ରଜବନ୍ଧୁ ଦାଶ, ବଣିକ ସଂଘ ସଭାପତି ଗୋପିନାଥ କର, ସମ୍ପାଦକ ମୋହନ ଦାସକଙ୍କ ସମେତ ଆହୁରି ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଏହି ଅବସରରେ ପ୍ରଦୀପ ନାୟକଙ୍କ ସମ୍ପାଦନାରେ "ସ୍ମୃତି ନୈବେଦ୍ୟ" ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ସ୍ୱାସ୍ଥ୍ୟ





# ୩୦ ପରେ ସୁସ୍ଥ ରହିବେ କେମିତି

ବୟସ ୩୦ ବର୍ଷ ଅତିକ୍ରମ କଲେ ଶରୀରର କ୍ଷମତା ହ୍ରାସ ପାଇବା ଆରମ୍ଭ କରେ ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହି କେତେକ ଭଲ ଅଭ୍ୟାସ ଆରମ୍ଭ କଲେ ଜୀବନକୁ ଦୀର୍ଘ ଓ ନିରାମୟ କରିବା ସମ୍ଭବ।

୩୦ ବର୍ଷ ବୟସ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ସଂପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଏହା ଜୀବନକୁ ଉପଭୋଗ କରିବାର ଅବସର ଆଣିବା ସହିତ ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରାଧାନ୍ୟ ଦେବାର ସତର୍କଘଣ୍ଟି ମଧ୍ୟ ବଜାଇଥାଏ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ, ନିୟମିତ ବ୍ୟାୟାମ, ସୁନିଦ୍ରା ଏବଂ ଏସବୁ ଭିତରେ ସନ୍ତୁଳନ ରଖିବା ପରି କିଛି ସହଜ ଉପାୟ ଦ୍ୱାରା ଜଣେ ସୁସ୍ୱାସ୍ଥ୍ୟ ବଜାୟ ରଖିପାରିବ। ଏଥି ସହିତ ହୃଦ୍‌ରୋଗ ଓ ମଧୁମେହ ପରି ରୋଗ ଆଶଙ୍କାରୁ ମଧ୍ୟ ଦୂରରେ ରହି ଦୀର୍ଘସ୍ଥାୟୀ ସୁସ୍ଥତା ଆହରଣ କରିପାରିବ। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ।

ସାଧାରଣତଃ ୩୦ ବର୍ଷ ପରେ ପୁରୁଷମାନଙ୍କର ସ୍ୱାଭାବିକ ଭାବେ ଦଶକ ପିଛା ୩ରୁ ୫ ପ୍ରତିଶତ ମାଂସପେଶୀ ବସ୍ତୁତ୍ୱରେ ହ୍ରାସ ଘଟିଥାଏ। ଏହାକୁ ପ୍ରତିହତ କରିବା ପାଇଁ ସପ୍ତାହକୁ ଅତି କମ୍‌ରେ ଦୁଇଥର ୱେଟ୍‌ଲିଫ୍‌ଟିଂ କିଂବା ରେଜିଷ୍ଟାନ୍‌ସ ବ୍ୟାୟାମ କରିବା ଭଲ। ସେହିପରି ମାଂସପେଶୀକୁ ସଂରକ୍ଷିତ କରି ରଖିବା ଲାଗି ମାଂସ, ଦୁଗ୍ଧଜାତ ଖାଦ୍ୟ, ଶୁଷ୍କ ଫଳ ଓ ଡାଲିଜାତୀୟ ଖାଦ୍ୟ ପରି ପୁଷ୍ଟିସାର ସମ୍ବଳିତ ଭୋଜନ କରିବା ଦରକାର।

ଶରୀରକୁ ସର୍ବଦା ଆର୍ଦ୍ର ରଖିବା ପାଇଁ ପ୍ରଚୁର ପାଣି ପିଇବା ଦରକାର। ଏହା ହଜମକ୍ରିୟାରେ ସହାୟକ ହେବା ସହ ମାଂସପେଶୀର ସକ୍ରିୟତା ବଢ଼ାଇଥାଏ।

ବୟସ ବଢ଼ିବା ସହ ଶରୀର ଗଠନରେ ମନ୍ଥରତା ଆସୁଥିବା ବେଳେ ଅନେକଙ୍କର ଓଜନ ବଢ଼ିବା ଦେଖାଯାଇଥାଏ। ବିଶେଷ କରି ତଳିପେଟ ଆକାରରେ ଅହେତୁକ ବୃଦ୍ଧି ଘଟିଥାଏ। ତେଣୁ ଅଣ୍ଟାର ମାପ ଉପରେ ଦୃଷ୍ଟି ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ମୋଟାପଣ ହିଁ ହୃଦ୍‌ରୋଗ ଓ ଟାଇପ୍-୨ ମଧୁମେହ ରୋଗର ଆଶଙ୍କା ବଢ଼ାଇଥାଏ। ପ୍ରକ୍ରିୟାକୃତ ଖାଦ୍ୟ, ମାତ୍ରାଧିକ ଲୁଣ ଓ ମଧୁମିଶ୍ରିତ ପାନୀୟ ଛାଡ଼ି ଫଳମୂଳ, ସବୁଜ ପନିପରିବା ଓ ଶସ୍ୟ ସମ୍ବଳିତ ଖାଦ୍ୟ ସାଙ୍ଗକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟ ଓ ଶ୍ୱାସକ୍ରିୟା ବ୍ୟାୟାମ ଦ୍ୱାରା ଅଣ୍ଟା ପରିମାପକୁ ବଜାୟ ରଖିହେବ। ମାଛ ବା ଅନ୍ୟ ଉତ୍ସରୁ ଓମେଗା-୩ ଚର୍ବିଳାମ୍ଳ ଗ୍ରହଣ କରି ହୃଦ୍‌ରୋଗ ଆଶଙ୍କାକୁ ହ୍ରାସ କରିବା ସମ୍ଭବ।

ଶାରୀରିକ ବ୍ୟାୟାମ ପରି ମାନସିକ ବ୍ୟାୟାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆନନ୍ଦ ଦେଉଥିବା ଅଭ୍ୟାସଗୁଡ଼ିକୁ ଆପଣେଇବା ସମେତ ସାଙ୍ଗସାଥୀ ଓ ବନ୍ଧୁ-ପରିଜନଙ୍କ ସହ ନିୟମିତ ସମ୍ପର୍କରେ ରହି ମାନସିକ ସୁସ୍ଥତା ବଜାୟ ରଖିବା ଦରକାର। ସର୍ବୋପରି ଧୂମପାନ ଓ ମଦ୍ୟପାନ ତ୍ୟାଗ କରିବା ଅପରିହାର୍ଯ୍ୟ। ୪୦ ବର୍ଷ ବୟସ ପୂର୍ବରୁ ଏପରି କରିପାରିଲେ ଅକାଳ ମୃତ୍ୟୁ ଆଶଙ୍କା ହ୍ରାସ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ସେହିପରି ନିଜର କାର୍ଯ୍ୟଶୈଳୀ ଓ ଜୀବନଶୈଳୀ ମଧ୍ୟରେ ତାଳମେଳ ରଖିବା ଗୁରୁତ୍ୱପୂର୍ଣ୍ଣ। ଦିନକୁ ଅନ୍ତତଃ ୭ରୁ ୯ ଘଣ୍ଟା ନିଦ୍ରା ଯିବା ବିଧେୟ।



# ଡାକ୍ତରଙ୍କୁ ୫ ପ୍ରଶ୍ନ

## ଅପରାଧ ତଦନ୍ତରେ ନିର୍ଣ୍ଣାୟକ ଫରେନ୍‌ସିକ୍ ବିଜ୍ଞାନ

**ଫରେନ୍‌ସିକ୍ ମେଡିସିନ୍ ବିଭାଗର ମୁଖ୍ୟ କାମ କ'ଣ?**

ଫରେନ୍‌ସିକ୍ ମେଡିସିନ୍ ମୁଖ୍ୟତଃ ସେହିମାନଙ୍କର ପରୀକ୍ଷା ଓ ମୂଲ୍ୟାଙ୍କନ ସହ ସମ୍ପୃକ୍ତ, ଯେଉଁମାନଙ୍କର ବାହ୍ୟ ପ୍ରଭାବ ଯେପରିକି ଆଘାତ, ବିଷକ୍ରିୟା ଦ୍ୱାରା ମୃତ୍ୟୁ ହୋଇଥିବା ଦାବି କରାଯାଏ। ଏହା ସେହି ଅଭିଯୁକ୍ତମାନଙ୍କର ପରୀକ୍ଷା ମଧ୍ୟ କରେ ଯେଉଁମାନେ ଅନ୍ୟ ଜଣକୁ ଆହତ କରିଥିବା ପୁଲିସ ସନ୍ଦେହ କରିଥାଏ।

**ଫରେନ୍‌ସିକ୍ ଚିକିତ୍ସା ବିଜ୍ଞାନ କାହିଁକି ଜରୁରି?**

ଅପରାଧ ତଦନ୍ତ, ବୈଧାନିକ ପ୍ରକ୍ରିୟା, ଜନସ୍ୱାସ୍ଥ୍ୟ, ବୀମା ଦାବି ଓ ମାନବାଧିକାର ଆଦି ପାଇଁ ଫରେନ୍‌ସିକ୍ ଚିକିତ୍ସା ବିଜ୍ଞାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ମୃତ୍ୟୁର କାରଣ ଓ ପ୍ରକାର ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଏହା ଅପରାଧର ସାକ୍ଷ୍ୟ ପ୍ରଦାନ ସହ ଅପରାଧୀ ଚିହ୍ନଟ କରିଥାଏ। ଏହାଦ୍ୱାରା ମହାମାରୀ ବା କୌଣସି ଶିଳ୍ପର ପ୍ରଦୂଷଣ ଯୋଗୁଁ ହୋଇଥିବା ମୃତ୍ୟୁ ରହସ୍ୟକୁ ଉନ୍ମୋଚନ କରାଯାଇପାରେ, ଯାହା ଜନସ୍ୱାସ୍ଥ୍ୟ ମାମଲା ବା ସୁରକ୍ଷା ନିୟମାବଳୀ କ୍ଷେତ୍ରରେ ଉପଯୋଗୀ ହୁଏ। ଏହା ମୃତ୍ୟୁର ସଠିକ୍ କାରଣ ଠାବ କରି ବୀମା ଦାବି ସମ୍ବନ୍ଧୀୟ ବିବାଦ ସମାଧାନରେ ସାହାଯ୍ୟ କରେ। ଏଥି ସହିତ ମାନବାଧିକାର ଉଲ୍ଲଂଘନ ଓ ଯୁଦ୍ଧ ଅପରାଧର ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ପୀଡ଼ିତଙ୍କୁ ନ୍ୟାୟ ସୁନିଶ୍ଚିତ କରେ।



ଡାକ୍ତର ଗୀତା ଚୌବେ
ଆସିଷ୍ଟାଣ୍ଟ ପ୍ରଫେସର, ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ୍ ଟକ୍ସିକୋଲୋଜି, ଭିମ୍‌ସାର୍, ବୁର୍ଲା

**ଏହି ବିଭାଗ ଆଉ କେଉଁ କେଉଁ ଦିଗରେ ତଦନ୍ତ ଓ ପରୀକ୍ଷଣ କରେ?**

ଫରେନ୍‌ସିକ୍ ପାଥୋଲୋଜି ଅଟୋପ୍‌ସି, ଟକ୍ସିକୋଲୋଜି ଓ ହିଷ୍ଟୋଲୋଜି ଆଦି ତିନିଟି ଶାଖାରେ ବିଭକ୍ତ। ପାଥୋଲୋଜିଷ୍ଟମାନେ ମୃତ୍ୟୁର କାରଣ, ପଦ୍ଧତି ଓ ଯନ୍ତ୍ରଣା ନିର୍ଣ୍ଣୟ କରିବାକୁ ମୃତଦେହ ପରୀକ୍ଷା କରନ୍ତି। ସେମାନେ ଶରୀର ସଂରଚନା ଯାଞ୍ଚ କରନ୍ତି ଏବଂ ରୋଗ ବା ଆଘାତର ଚିହ୍ନ ଦେଖନ୍ତି। ଟକ୍ସିକୋଲୋଜିରେ ରକ୍ତ, ମୂତ୍ର ଓ ଶରୀରର ଅନ୍ୟାନ୍ୟ ତରଳ ପଦାର୍ଥରେ ଔଷଧ, ମଦ୍ୟପାନ, ବିଷ ଓ ଅନ୍ୟ ବିଷାକ୍ତ ପଦାର୍ଥର ମିଶ୍ରଣ ଦେଖାଯାଏ। ହିଷ୍ଟୋଲୋଜିରେ ତନ୍ତୁ ନମୁନାକୁ ମାଇକ୍ରୋସ୍କୋପରେ ଯାଞ୍ଚ କରାଯାଏ। ଏହା ରୋଗ ସଂକ୍ରମଣ, ଆଘାତର ପ୍ରଭାବ ବୁଝିବାକୁ ସାହାଯ୍ୟ କରେ।

**କ୍ଲିନିକାଲ୍ ଫରେନ୍‌ସିକ୍ ବିଭାଗର କାମ କ'ଣ?**

ଚିକିତ୍ସକମାନେ ଜୀବିତ ବ୍ୟକ୍ତିଙ୍କର ଆଘାତ ସମ୍ପର୍କରେ ନିରୀକ୍ଷଣ କରି ଦସ୍ତାବିଜ ତିଆରି କରନ୍ତି। ବିଶେଷ କରି ଆକ୍ରମଣ, ଘରୋଇ ହିଂସା ଓ ଶିଶୁ ନିର୍ଯାତନା ମାମଲାରେ ଆଇନଗତ ପ୍ରମାଣ ପାଇଁ ଆଘାତରୁ ଯଥେଷ୍ଟ ପ୍ରମାଣ ସଂଗ୍ରହ କରାଯାଇପାରେ। ସେହିପରି ଯୌନ ନିର୍ଯାତନା ମାମଲାରେ ମଧ୍ୟ ଶାରୀରିକ ପରୀକ୍ଷା ପରେ ଆଘାତ ରେକର୍ଡ କରାଯାଏ ଏବଂ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଏ। ଫରେନ୍‌ସିକ୍ ଚିକିତ୍ସକମାନେ ଏକ ବିସ୍ତୃତ ଚିକିତ୍ସା ରିପୋର୍ଟ ପ୍ରସ୍ତୁତ କରନ୍ତି, ଯାହାକୁ ଅଦାଲତରେ ଏକ ବଡ଼ ସାକ୍ଷ୍ୟ ଭାବେ ଉପସ୍ଥାପିତ କରାଯାଏ।

**ଫରେନ୍‌ସିକ୍ ଲ୍ୟାବ୍‌ରେ ଦାନ୍ତ ଓ ଶରୀର ଖଣ୍ଡରୁ ବି ପୀଡ଼ିତଙ୍କୁ ଚିହ୍ନଟ କରିବା ସମ୍ଭବ କି?**

ଦନ୍ତ ଡାକ୍ତରମାନେ ଅଚିହ୍ନା ମୃତଦେହମାନଙ୍କ ସହ ଦନ୍ତ ରେକର୍ଡ, ଏକ୍ସ-ରେ ଓ ଫଟୋଗୁଡ଼ିକର ସମ୍ମିଶ୍ରଣ କରି ପୀଡ଼ିତଙ୍କୁ ଚିହ୍ନିତ କରନ୍ତି। ଦୁର୍ଘଟଣାରେ ବିକୃତ ହୋଇଯାଇଥିବା ବ୍ୟକ୍ତିଙ୍କ ପରିଚୟ ଏଥିରୁ ହିଁ ଜଣାପଡ଼େ। ମୃତ ଶରୀରରେ ଦାନ୍ତର କାମୁଡ଼ା ଚିହ୍ନ ଥିଲେ ବି ସେଥିରୁ ଦାନ୍ତର ଡାଞ୍ଚା ଆଣି ଅଭିଯୁକ୍ତ ଅପରାଧ କରିଛି କି ନାହିଁ ଚିହ୍ନଟ କରାଯାଏ। ଫରେନ୍‌ସିକ୍ ଆନ୍ଥ୍ରୋପୋଲୋଜିଷ୍ଟମାନେ ମଣିଷର ଖଣ୍ଡ ଖଣ୍ଡ ଶରୀରରୁ ମୃତକଙ୍କ ବୟସ, ଲିଙ୍ଗ, ଆକୃତି ଓ ସେ କେଉଁ ରୋଗରେ ପୀଡ଼ିତ ଥିଲେ ତାହା ଜାଣିପାରନ୍ତି।

# ଉପାଦେୟ ଘିଅ

ଖାଦ୍ୟର ସ୍ୱାଦ ତଥା ସୁଗନ୍ଧ ବଢ଼ାଇବା, ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଓ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପରି ଘିଅର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ସେଭଳି କିଛି ସୁଗୁଣ ବାବଦରେ ଜାଣିବା।

ଆମ ପାକସ୍ଥଳୀରେ ଥିବା ଉପକାରୀ ବୀଜାଣୁଗୁଡ଼ିକ ଘିଅରେ ଥିବା ବ୍ୟୁଟିରେଟ୍ ତନ୍ତୁକୁ ଭାଙ୍ଗି ବ୍ୟୁଟିରିକ୍ ନାମକ ଏକ ଚର୍ବିଳାମ୍ଳରେ ପରିଣତ କରିଥା'ନ୍ତି, ଯାହା ଆମ ବୃହଦାନ୍ତ୍ରର ଜୀବକୋଷମାନଙ୍କ ପାଇଁ ଏକ ଶକ୍ତିପ୍ରଦ ଉତ୍ସ। ସୁତରାଂ ଘିଅ ହଜମକ୍ରିୟାକୁ ସୁଗମ କରିଥାଏ। ଘିଅ ଖାଇବା ଦ୍ୱାରା ପେଟ ଫୁଲିବା ସମସ୍ୟା ଦୂର ହୋଇଥାଏ। ଘିଅରେ ଥିବା ଉଚ୍ଚମାନର ଓମେଗା ଚର୍ବିଳାମ୍ଳ ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ଘିଅରେ ପ୍ରଚୁର ପରିମାଣର ଭିଟାମିନ୍ ଡି, କେ, ଇ ଓ ଏ ପରି ଚର୍ବି-ଦ୍ରବଣୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି। ତେଣୁ ଘିଅ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ଦେଶୀ ଘିଅର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ ଏହା ଥଣ୍ଡା, କାଶ, ଫ୍ଲୁ ଓ ବିଭିନ୍ନ କ୍ଷତିକାରକ ବୀଜାଣୁ କବଳରୁ ରକ୍ଷା କରିଥାଏ। ଘିଅ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ଜୀବକୋଷ ଓ ତନ୍ତୁକୁ ନଷ୍ଟ ହେବାରୁ ବଞ୍ଚାଇ ଜୀବନଧାରଣ କ୍ଷମତା ବଢ଼ାଇଥାଏ। ପ୍ରତ୍ୟହ ସକାଳେ ଖାଲିପେଟରେ ଘିଅ ଖାଇଲେ ତାହା ଶରୀରର ଉପଶମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଘିଅର ଆଣ୍ଟିଇନ୍‌ଫ୍ଲାମେଟରି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରି ଚର୍ମକୁ ଲୋଚାକୋଚା ହେବା ଓ କଳା ପଡ଼ିବାରୁ ରକ୍ଷା କରିଥାଏ। ତ୍ୱଚା ଓ କେଶକୁ କୋମଳ ତଥା ଉଜ୍ଜ୍ୱଳ ରଖିବାରେ ମଧ୍ୟ ଘିଅର ପ୍ରମୁଖ ଭୂମିକା ରହିଛି।



ଶରୀରରେ ଖାଦ୍ୟ ଜୀର୍ଣ୍ଣକ୍ରିୟାରୁ ଆରମ୍ଭ କରି ରୋଗପ୍ରତିରୋଧକ ଶକ୍ତି ଓ ଶରୀର ଗଠନ ପାଇଁ ଯକୃତ୍ ବା ଲିଭର୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟଙ୍ଗ। ଏହା ବିଭିନ୍ନ ପ୍ରୋଟିନ୍ ପ୍ରସ୍ତୁତ କରିବା ସହ ଶରୀରରୁ ବିଷାକ୍ତ କଣିକା ହରଣ କରିଥାଏ। ବିକଶିତ ହୋଇ ଚାଲିଥାଏ, କୌଣସି ଲକ୍ଷଣ ମଧ୍ୟ ଜଣାପଡ଼େ ନାହିଁ। ଲକ୍ଷଣ ଜଣାପଡ଼ିଲା ବେଳକୁ ସିରୋସିସ୍ ହୋଇ ସାରିଥାଏ। ତେଣୁ ଯକୃତ୍ ଭଲରେ କାର୍ଯ୍ୟ କରିବା ପାଇଁ ସଂଘର୍ଷ କରୁଥିବାର କିଛି ଲକ୍ଷଣ ଓ ତାହାର ପ୍ରତିକାର ବାବଦରେ ଜାଣିବା। ହେବା ଏହାର ଆଉ ଏକ ଲକ୍ଷଣ। ସେହିପରି ଲଗାତାର ଦୁର୍ବଳ କି ନିସ୍ତେଜ ଲାଗିବା ଯକୃତ ରୋଗର ଲକ୍ଷଣ ହୋଇପାରେ।

ପ୍ରତିଷେଧକ ସ୍ୱରୂପ ଏକ ସୁସ୍ଥ ଯକୃତ୍ ପାଇଁ ବ୍ରୋକୋଲି, ଚର୍ବିଳ ମାଛ ଓ ଶୁଷ୍କ ଫଳ ସମ୍ବଳିତ ସ୍ୱାସ୍ଥ୍ୟପ୍ରଦ ଭୋଜନ କରିବା ଓ



# ଯକୃତ୍ ରୋଗର ଲକ୍ଷଣ ଓ ପ୍ରତିଷେଧକ

ଯକୃତ୍‌ର ସବୁଠୁ ଉଲ୍ଲେଖନୀୟ ଗୁଣ ହେଲା- ଏହା ନିଜର କ୍ଷତକୁ ନିଜେ ସଜାଡ଼ିପାରେ। ତେବେ ଯକୃତ୍ ଯଦି ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୁଏ କି ଦୀର୍ଘକାଳ ଧରି କ୍ଷତାକ୍ତ ଅବସ୍ଥାରେ ରହିଥାଏ ଅଥବା ମାତ୍ରାଧିକ ମଦ୍ୟସେବନର ଶରବ୍ୟ ହୁଏ ତେବେ ତାହା ସିରୋସିସ୍ ଓ କର୍କଟ ପରି ରୋଗକୁ ଆମନ୍ତ୍ରଣ କରିଥାଏ। କିଛି ଆନୁବଂଶିକ କାରଣରୁ ମଧ୍ୟ ଯକୃତ୍ ରୋଗ ହୋଇଥାଏ। ପିତା ଯଦି ଯକୃତ୍ ରୋଗରେ ପୀଡ଼ିତ, ତେବେ ସନ୍ତାନଠାରେ ମଧ୍ୟ ଯକୃତ୍ ରୋଗ ଦେଖାଦେବାର ଆଶଙ୍କା ଅଧିକ ରହିଥାଏ। ଅନେକ ଯକୃତ୍ ରୋଗ ନିରବରେ

ଜଣ୍ଡିସ୍ ବା ଆଖି ଓ ଚର୍ମ ହଳଦିଆ ଦେଖାଯିବା ହେଉଛି ଅସୁସ୍ଥ ଯକୃତ୍‌ର ଏକ ଉଲ୍ଲେଖନୀୟ ଲକ୍ଷଣ। ଯକୃତ୍‌କୁ କ୍ଷତି ପହଞ୍ଚିଲେ କି ତା' ଉପରେ ଚାପ ପଡ଼ିଲେ ସେଥିରୁ ଝରୁଥିବା ପିତ୍ତରସ ବା ବିଲିରୁବିନ୍ ଶରୀରରେ ଠୁଳ ହୋଇ ହଳଦିଆ ରଙ୍ଗ ଜଣାପଡ଼ିଥାଏ। ପରିସ୍ରା ରଙ୍ଗ ଗାଢ଼ ହେବା ମଧ୍ୟ ଅନ୍ୟତମ ଲକ୍ଷଣ, କାରଣ ପିତ୍ତରସ ରକ୍ତରେ ମିଶି ପରିସ୍ରା ଦ୍ୱାରା ନିଷ୍କାସିତ ହୋଇଥାଏ। ହଠାତ୍ ଶରୀର ଓଜନ କମିଯିବା ମଧ୍ୟ ଯକୃତ୍ ରୋଗକୁ ସୂଚାଇପାରେ। ଯକୃତ୍ ରୋଗ ହେଲେ ବାରମ୍ବାର ଓକାର ଆସେ ଅଥବା ରକ୍ତ ବାନ୍ତି ହୋଇଥାଏ। ଚର୍ମ ଭୀଷଣ କୁଣ୍ଡାଇ

ନିୟମିତ ବ୍ୟାୟାମ କରିବା ହେଉଛି ପ୍ରଥମ ପଦକ୍ଷେପ। ଶରୀର ଉପରେ ନିୟମିତ ନିରୀକ୍ଷଣ ରଖି 'ବଡି ମାସ୍ ଇଣ୍ଡେକ୍ସ' (ବିଏମ୍‌ଆଇ)କୁ ୧୮ରୁ ୨୫ ଭିତରେ ରଖିବା ହିତକର। ଏଥି ସହିତ ମଦ୍ୟପାନ ତ୍ୟାଗ କଲେ ସର୍ବୋତ୍ତମ ଫଳ ମିଳିଥାଏ। କୌଣସି ଔଷଧ ସେବନ ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ ଜରୁରି। ଯକୃତ୍‌କର୍କଟ ଆଶଙ୍କା ବଢ଼ାଉଥିବା ଧୂମପାନକୁ ସଂପୂର୍ଣ୍ଣ ବର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘକାଳ ଧରି କୌଣସି ଉପରୋକ୍ତ ଲକ୍ଷଣ ଜାରି ରହିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ।

# ଦାଗହୀନ କ୍ଷତ ଉପଶମ

ରଗର୍ସ ବିଶ୍ୱବିଦ୍ୟାଳୟ ଓ ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ନିକଟରେ ଏଭଳି ଏକ କୌତୂହଳୀ ଆବିଷ୍କାର କରିଛନ୍ତି, ଯଦ୍ଦ୍ୱାରା କୌଣସି କ୍ଷତ ଶୁଖିଗଲା ପରେ ଚର୍ମ ଉପରେ କିଛି ଦାଗ ରହିବ ନାହିଁ। ଅନ୍ତନାଳୀରେ ବଢୁଥିବା 'ହେଲିଗ୍ମୋସୋମୋଏଡ୍‌ସ ପଲିଗାଇରସ୍' ନାମକ ପରଜୀବୀ ଗୋଲକୃମି ପ୍ରଜାତିରୁ ଉଦ୍ଧୃତ ଏକପ୍ରକାର ପ୍ରୋଟିନ୍ ହିଁ କ୍ଷତରେ ଦ୍ରୁତ ଉପଶମ ଆଣିବା ସହ କୌଣସି ଚିହ୍ନ ରହିବାକୁ ଦେଉନାହିଁ ବୋଲି ଦାବି କରାଯାଇଛି। ଫଳରେ ଏଣିକି ଆଉ କ୍ଷତ ଚିକିତ୍ସାର ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ତ୍ୱଚା ଉପରେ ରହିଯାଉଥିବା ଦାଗ ଦେଖିବାକୁ ମିଳିବନି।

ପରୀକ୍ଷାମୂଳକ ଭାବେ ମୂଷା ଦେହରେ ଏହାର ଫଳାଫଳ ସକାରାତ୍ମକ ରହିଥିବା ବେଳେ କ୍ଷତ ଚିକିତ୍ସା କ୍ଷେତ୍ରରେ ଏହା ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଚର୍ମର ବାହ୍ୟଭାଗକୁ ପ୍ରଭାବିତ କରୁଥିବା ସାମାନ୍ୟ କ୍ଷୁଦ୍ର କଟା ଘା' କି କ୍ଷତ ଆପେ ଆପେ ଭରଣା କରିବା ପାଇଁ ମନୁଷ୍ୟ



ଚର୍ମର ଏକ ଅନ୍ତର୍ନିହିତ ଗୁଣ ରହିଛି। ତେବେ ଚର୍ମର ଭିତର ଭାଗ ପ୍ରଭାବିତ ହେଉଥିବା ବୃହତ୍ତର ବା ଗଭୀର କ୍ଷତରେ ଚର୍ମତନ୍ତୁ ଛିଣ୍ଡି ଯାଇଥାଏ। ତେଣୁ ଘାଆ ଶୁଖିଗଲେ ବି ଚର୍ମର ଗଠନରେ ସ୍ଥାୟୀ ପରିବର୍ତ୍ତନ ସ୍ୱରୂପ ଦାଗ ରହିଯାଏ। ବେଳେ ବେଳେ ତାହା ଆଖପାଖ ମାଂସପେଶୀ ଓ ଗଣ୍ଠି ପରିଚାଳନାରେ ବାଧକ ସାଜିଥାଏ। ତେଣୁ ଏହି ସମସ୍ୟାର ସମାଧାନ ଲାଗି ବୈଜ୍ଞାନିକମାନେ ଗବେଷଣା ଚଳାଇ ଆସୁଥିଲେ। ଅନ୍ତନାଳୀରେ ବଢୁଥିବା ଏହି ଗୋଲକୃମି ଉପରେ ଗବେଷକମାନେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ। ସଂପୃକ୍ତ କୃମିଗୁଡ଼ିକ ଅନ୍ୟ ଶରୀରରେ ବଞ୍ଚି ରହିବା ପାଇଁ ପରଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରତିରୋଧ କରିବାର କ୍ଷମତା ରଖିଥା'ନ୍ତି। ସେମାନଙ୍କ ଦେହରେ ଥିବା 'ଟିଜିଟି-ବିଟା ମିମିକ୍' (ଟିଜିଏମ୍) ନାମକ ଏକପ୍ରକାର ପ୍ରୋଟିନ୍ ସେଥିପାଇଁ ଦାୟୀ। ପରୀକ୍ଷାଗାରରେ ମୂଷା ଚର୍ମରେ ଏହି ପ୍ରୋଟିନ୍‌କୁ ପ୍ରୟୋଗ କରିବା ଦ୍ୱାରା କ୍ଷତ ଦ୍ରୁତ ବେଗରେ ଶୁଖିଯାଉଥିବା ଏବଂ ଚର୍ମ ଉପରେ ଦାଗ ରହୁ ନଥିବା ପରିଲକ୍ଷିତ ହୋଇଥିଲା। ଯଦିଓ ଏହି ଆବିଷ୍କାର ଏକ ଯୁଗାନ୍ତକାରୀ ଉପଲବ୍ଧି, ତେବେ ତାହାର ପ୍ରୟୋଗ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଭବିଷ୍ୟତରେ ମନୁଷ୍ୟ ଶରୀରରେ ତାହାର ପ୍ରୟୋଗ କରାଯାଇ ଈପ୍‌ସିତ ଫଳ ମିଳିପାରିବ ବୋଲି ଆଶା ରହିଛି।

# କାର୍ଯ୍ୟସ୍ଥଳୀରେ ଚାପମୁକ୍ତ ରହିବେ କେମିତି

କର୍ମକ୍ଷେତ୍ରରେ ଚାପର ମୁକାବିଲା କରିବା ପାଇଁ କିଛି ବ୍ୟାବହାରିକ ତଥା ପ୍ରଭାବୀ ଉପାୟ ବାବଦରେ ଆଲୋଚନା କରିବା।

ଚାପ ଦୂର କରିବା ଲାଗି ନିୟମିତ ବ୍ୟବଧାନରେ ସାମୟିକ ବିରତି ନିଅନ୍ତୁ।

ଯେତେ କାର୍ଯ୍ୟବ୍ୟସ୍ତ ଥିଲେ ବି କିଛି ସମୟ କାର୍ଯ୍ୟରୁ ଦୂରେଇ ରହିବା ଦ୍ୱାରା ମନରେ ସତେଜପଣ ପୁଣି ଜାଗିଉଠିଥାଏ। ଏଥିପାଇଁ ପୋମୋଡୋରୋ କୌଶଳ ଆପଣେଇପାରିବେ, ଯହିଁରେ ପ୍ରତି ୨୫ ମିନିଟ୍ କାମ ପରେ ୫ ମିନିଟ୍ ପାଇଁ ବିରତି ନେବାକୁ ପଡ଼ିଥାଏ। ଏହି କାର୍ଯ୍ୟ-ବିରତି ଚକ୍ର ମନକୁ କ୍ଲାନ୍ତ ହେବାକୁ ଦିଏ ନାହିଁ।

କାର୍ଯ୍ୟଭାରରେ ଅତିଷ୍ଠ ଲାଗିଲେ ନମ୍ର ଭାବରେ ସହକର୍ମୀଙ୍କ ସହ ସେ ସମ୍ପର୍କରେ କଥା ହୁଅନ୍ତୁ। ନିଜ ଉଦ୍‌ବେଗକୁ ଶୀଘ୍ର ପ୍ରକାଶ କରିବା ଦ୍ୱାରା ବେଳେବେଳେ ସକାରାତ୍ମକ ଫଳ ମିଳିଥାଏ।

ନିଜ ଶରୀରର ଯତ୍ନ ନେବା ଦ୍ୱାରା ମଧ୍ୟ ଚାପ ଦୂର କରିହେବ। ଡିହାଇଡ୍ରେସନ୍ ଯୋଗୁଁ କ୍ଲାନ୍ତ ଓ କ୍ରୋଧିତ ଅନୁଭୂତ ହୁଏ, ତେଣୁ ନିୟମିତ ପାଣି ପିଇ ଶରୀରକୁ ଯଥାସମ୍ଭବ ଆର୍ଦ୍ର ରଖନ୍ତୁ। କର୍ମକ୍ଷେତ୍ରରେ ସାମାଜିକ କାର୍ଯ୍ୟକଳାପରେ ସାମିଲ ହେବା ଦ୍ୱାରା ମଧ୍ୟ ଚାପ ଲାଘବ ହୁଏ। ସର୍ବୋପରି କାର୍ଯ୍ୟ ଓ ଜୀବନଶୈଳୀ ମଧ୍ୟରେ ସନ୍ତୁଳନ ମାନସିକ ସୁସ୍ଥତା ପାଇଁ ଜରୁରି। ଅଫିସ୍ ସମୟ ପରେ କାର୍ଯ୍ୟ ବାବଦରେ ଚିନ୍ତା ବନ୍ଦ କରିଦିଅନ୍ତୁ। ନିୟମିତ ଅବସର ସମୟରେ ନିଜ ସଉକରେ ମନୋନିବେଶ କରି ମଧ୍ୟ ଚାପମୁକ୍ତ ରହିପାରିବେ।



# ଭିଜାଇ ଖାଆନ୍ତୁ ଶୁଖିଲା ଫଳ

ଆଲମଣ୍ଡ, ଖଜୁରୀ, ଅଞ୍ଜିର, କିସ୍‌ମିସ୍ ଓ ଅଖରୋଟ୍ ପରି ଶୁଷ୍କ ଫଳଗୁଡ଼ିକ କେବଳ ସ୍ୱାଦିଷ୍ଟ ସ୍ନାକ୍ସ ନୁହେଁ, ବରଂ ଶକ୍ତିର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବନାହିଁ। ସେଥିରୁ ପ୍ରଚୁର ପରିମାଣର ଅତ୍ୟାବଶ୍ୟକ ଜୀବସାର, ପୁଷ୍ଟିସାର, ତନ୍ତୁସାର, ଖଣିଜସାର ଓ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ତେବେ ସେଗୁଡ଼ିକୁ ଶୁଖିଲା ଖାଇବା ଅପେକ୍ଷା ପାଣିରେ ଭିଜେଇ ଖାଇବା ଦ୍ୱାରା ସେଗୁଡ଼ିକର ଉପକାରିତା ବଢ଼ିଯାଇଥାଏ। ଭିଜିଲା ପରେ ସେଗୁଡ଼ିକ ନରମ ହୋଇ ହଜମରେ ସହାୟକ ହେବା ସହ ମାଂସପେଶୀର ଶକ୍ତି ବଢ଼ାଇଥାଏ ଓ ଶରୀରକୁ ଆର୍ଦ୍ର ରଖିଥାଏ।

ମାଂସପେଶୀ ସ୍ୱାସ୍ଥ୍ୟରେ ସହାୟକ ଓ ରକ୍ତ ଶର୍କରା ନିୟନ୍ତ୍ରକ ଭାବେ ଜଣାଶୁଣା ଆଲମଣ୍ଡକୁ ବତୁରେଇ ସେଥିରୁ ଟାନିନ୍ ନାମକ ବାହ୍ୟାବରଣକୁ ଛଡ଼ାଯାଇପାରିବ, ଯାହା ପୁଷ୍ଟି ଅବଶୋଷଣରେ ବାଧା ସୃଷ୍ଟି କରିଥାଏ। ସେହିପରି ପୁଷ୍ଟିକର ଓ ପ୍ରଚୁର ତନ୍ତୁଯୁକ୍ତ ଖଜୁରୀ ପ୍ରାକୃତିକ ମଧୁରତା ପ୍ରଦାନ କରିଥାଏ, ଯାହା ସକାଳ ବ୍ୟାୟାମ ପରେ ତତ୍କାଳ ଶକ୍ତି ଉତ୍ସ ଭାବେ ଖାଇବା ଉପାଦେୟ। ଖଜୁରୀକୁ ରାତିରେ ଭିଜାଇ ରଖିବା ଦ୍ୱାରା ସେଥିରେ ଲୌହସାର ସ୍ତର ବଢ଼ିଥାଏ ଏବଂ ତାହା ହଜମକ୍ରିୟାକୁ ସୁଗମ କରିଥାଏ। ସେହିପରି ଓମେଗା-୩ ଚର୍ବିଳାମ୍ଳରେ ଭରପୂର ଅଞ୍ଜିର ଶରୀରର ହଜମ କ୍ରିୟାକୁ ତ୍ୱରିତ କରିବା ସହ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଅଞ୍ଜିରକୁ ଭିଜେଇବା ଦ୍ୱାରା ତିକ୍ତ ସ୍ୱାଦ କମିଯାଏ ଏବଂ ପୋଷକତତ୍ତ୍ୱର ଉପଲବ୍ଧତା ଉନ୍ନତ ହୁଏ। ସେହିପରି କିସ୍‌ମିସ୍‌କୁ ଭିଜେଇବା ଦ୍ୱାରା ତାହାର ପ୍ରାକୃତିକ ମଧୁରତା ଓ ପୋଷକ ଅବଶୋଷଣ ଗୁଣ ବଢ଼ିଥାଏ। ଅଖରୋଟକୁ ରାତିରୁ ଭିଜେଇ ରଖିବା ଫଳରେ ତାହା ହଜମରେ ସାହାଯ୍ୟ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



## ବିନା ଟେଣ୍ଡରରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟ

# ମାଟିମିଶା ବାଲିରେ ହେଉଛି ଢଳେଇ କାମ

- ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ହେଉଛିକି କାର୍ଯ୍ୟ
- ନିମ୍ନମାନର ଓ ବେଆଇନ ଭାବେ କାର୍ଯ୍ୟ କରାଯାଉଥିଲେ ମଧ୍ୟ ୨ ନେତ୍ରୀ ଚୁପ କାହିଁକି ?
- ଠିକାଦାରଙ୍କ ପ୍ରତି ବିଭାଗୀୟ ଅଧିକାରୀଙ୍କ ଏତେ ଅନୁକମ୍ପା କାହିଁକି



**ଦଶରଥପୁର, ୨୫।୫ (ସଂଚାର ବ୍ୟୁରୋ):** ବଦଳିଛି ସରକାର। ବଦଳିନି ଶାସନ ବ୍ୟବସ୍ଥା। ପୂର୍ବଭଳି ସରକାରୀ ଅଧିକାରୀ ମାନେ ନିଜର ଇଚ୍ଛାମୁତାବକ କରୁଛନ୍ତି ମନମାନି। କେତେକ କ୍ଷେତ୍ରରେ ଦୁର୍ନୀତି ଗ୍ରସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ପାଇଁ ଏବେବି ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ସ୍ୱଚ୍ଛତା ରହୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ ଥାଲକୁଡ଼ି ସ୍ଥିତ ପୂର୍ତ୍ତ ବିଭାଗ ଅଧୀନ ଡାକବଙ୍ଗଳା ସମ୍ମୁଖ ଗଡ଼ିଆରେ ବାଲି ଫିଲିଙ୍ଗ ଓ ପ୍ରାଚିର ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ। ଯାଜପୁର-କର୍ଯ୍ୟାଗୋଲା ୨୦ ନମ୍ବର ଜାତୀୟ ରାଜପଥକୁ ଲାଗି ରହିଥିବା ଏହି ପୂର୍ତ୍ତ ବିଭାଗ ଡାକବଙ୍ଗଳାର ସମ୍ମୁଖ ଭାଗରେ ଥିବା ଗଡ଼ିଆରେ ବାଲି ଫିଲିଙ୍ଗ ସହ ପ୍ରାଚିର ନିର୍ମାଣ କାର୍ଯ୍ୟ କରାଯାଉଥିବା ଦେଖିବା ପାଇଁ ମିଳିଛି। ମାତ୍ର ବାଲି ଫିଲିଙ୍ଗ ସାଙ୍ଗକୁ ପ୍ରାଚିର ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଏହି କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ କେତେଟଙ୍କା ବ୍ୟୟ ଅଟକଳ କରାଯାଇଛି ସେଥିନେଇ କୌଣସି ସୂଚନା ଜଣା ପଡୁ ନଥିବାବେଳେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ନଥିବା ଦେଖିବା ପାଇଁ ମିଳିଛି। ସରକାରଙ୍କ ନିୟମ ଅନୁଯାଇ ଯେକୌଣସି ସରକାରୀ କାର୍ଯ୍ୟ କରାଯିବ କାର୍ଯ୍ୟ କରାଯିବା ପୂର୍ବରୁ କାର୍ଯ୍ୟ ସ୍ଥଳରେ କାର୍ଯ୍ୟ ସମ୍ବନ୍ଧିତ ଏକ ସୂଚନା ଫଳକ ବୋର୍ଡ ଲଗାଇବାର ନିୟମ ରହିଥିଲେ ମଧ୍ୟ ଏହି ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି ଠିକାଦାର କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ତରବରିଆ ଭାବେ ବାଲି ଫିଲିଙ୍ଗ କରିବା ସହ ତରବରିଆ ଭାବେ ପ୍ରାଚିର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଗଡ଼ିଆରେ ପାଣି ଭରି ଥିବା ବେଳେ ପାଣି ଭିତରେ ଢଳେଇ କାର୍ଯ୍ୟ କରା ଯାଉଥିବା ବେଳେ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି। ସେହିପରି ଗଡ଼ିଆରେ ଯେଉଁ ବାଲି ଫିଲିଙ୍ଗ କରାଯାଉଛି ସେହି ମାଟି ମିଶା ବାଲିରେ ଢଳେଇ କାର୍ଯ୍ୟ କରାଯାଉଥିବା ବେଳେ ଢଳେଇ କାର୍ଯ୍ୟରେ ନିୟମ ଅନୁଯାଇ ସିମେଣ୍ଟ ବ୍ୟବହାର ନକରି ଅତି ନିମ୍ନ ମାନର ଭାବେ ଢଳେଇ କାର୍ଯ୍ୟ କରୁଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟ ସ୍ଥଳକୁ କୌଣସି ବିଭାଗୀୟ ଅଧିକାରୀ ତଦାରଖରେ ଆସୁନଥିବା ବେଳେ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଜାତୀୟ ରାଜପଥରୁ ମାତ୍ର ୧୦-୧୫ ଫୁଟ ଛାଡି କିପରି ପ୍ରାଚିର ନିର୍ମାଣ କରାଯାଉଛି ଏହାକୁ ନେଇ ଏବେ ବିରାଟ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଜାତୀୟ ରାଜପଥକୁ ଲାଗି ଏହି ପ୍ରାଚିର ନିର୍ମାଣ କରିବା ପାଇଁ କିଏ ଅନୁମତି ପ୍ରଦାନ କରିଛନ୍ତି ତାହାକୁ ନେଇ ଏବେ ସାଧାରଣରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ସେହିପରି ସରକାରୀ ନିୟମ ଅନୁଯାଇ ୫ ଲକ୍ଷରୁ ଅଧିକ ଟଙ୍କାର କାର୍ଯ୍ୟ ହେବାକୁ ଥିଲେ ତାହା ଟେଣ୍ଡର ମାଧ୍ୟମରେ କରାଯାଉଥିବା ମାତ୍ର ଏଠାରେ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଉଥିଲେ ମଧ୍ୟ ଏତେ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ନକରି ବିନା ଟେଣ୍ଡରରେ ଏଫ-୨ ମାଧ୍ୟମରେ ଏହି କାର୍ଯ୍ୟ କରିବା ପଛରେ କାହାର ହାତ ରହିଛି ଓ କାହା ନିର୍ଦ୍ଦେଶରେ ଏପରି କାର୍ଯ୍ୟ କରାଯାଉଛି ତାହା ବିଭାଗୀୟ ଅଧିକାରୀ ସ୍ପଷ୍ଟ କରନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଆସେ ଏତେ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ନକରି ଏଭଳି ଏଫ-୨ ମାଧ୍ୟମରେ କାର୍ଯ୍ୟ କରିବା ପଛରେ ବିଭାଗୀୟ ମନ୍ତ୍ରୀଙ୍କ ହାତ ରହିଛି ବୋଲି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ଏହାର କାରଣ ଠିକାଦାର ଜଣକ ବିଭାଗୀୟ ମନ୍ତ୍ରୀଙ୍କ ପାଖ ଲୋକ ବୋଲି କହିବୁଲୁଥିବା ନେଇ ଲୋକ ଲୋଚନରୁ ଶୁଣିବା ପାଇଁ ମିଳିଛି। ବିଭାଗୀୟ ଅଧିକାରୀ ମାନଙ୍କ ମୁନଫାଖୋର ନିତି ତଥା ଠିକାଦାର ପ୍ରୀତି ପାଇଁ ଏଭଳି କାର୍ଯ୍ୟ କରାଯାଉଛି ବୋଲି ଆଲୋଚନାର ବିଷୟବସ୍ତୁ ସାଜିଛି। ତେବେ ବର୍ତ୍ତମାନ ସରକାର ବଦଳି ଥିଲେ ମଧ୍ୟ ପୂର୍ବଭଳି ବିଭାଗୀୟ ଅଧିକାରୀ ମାନଙ୍କ ଲାଭଖୋର ମନୋବୃତ୍ତି ବଦଳି ନଥିବା ଅଭିଯୋଗ ହୋଇଛି। ତେବେ ପୂର୍ତ୍ତ ବିଭାଗର ଏହି ଡାକବଙ୍ଗଳାଟି ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ଯାଉଥିବା ବେଳେ ବର୍ତ୍ତମାନ ଏଠାରେ ପ୍ରମିଳା ମଲ୍ଲିକ ବିରୋଧୀ ଦଳର ବିଧାୟକା ରହିଛନ୍ତି ସେହିପରି ପ୍ରମିଳାଙ୍କ ଠାରୁ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ ମଧ୍ୟ ବିଜେପି ନେତ୍ରୀ ବବିତା ମଲ୍ଲିକ ଏଠାରେ ସରକାରୀ ଦଳର ମୁଖ୍ୟ କାର୍ଯ୍ୟଦକ୍ଷ ସାଜିଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜେଡି ବିଧାୟିକା ପ୍ରମିଳା ନାଁ ବିଜେପି ନେତ୍ରୀ ବବିତାଙ୍କ ଇଙ୍ଗିତରେ ଏହି କାର୍ଯ୍ୟ କରାଯାଉଛି ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ଠିକାଦାରୀ ନୁହେଁ ବିଭାଗ କରୁଛି ଭମର ସାଗର



କାମ ଅଯଥାରେ ଠିକାବୋଲି ବଦନାମ କରାନଯାଉ- ବରାଡଙ୍ଗା ସରପଞ୍ଚ

**ଭବାନୀପାଟଣା,୨୫।୫(ସଂଚାର ବ୍ୟୁରୋ):** କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର କଲିପଡା ଭମର ସାଗରରେ ଚାଲିଥିବା ମନରେଗା କାମରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଠିକାଦାରୀ ସାଜିଥିବା ଓ ଅନିୟମିତ ହୋଇଥିବା ନେଇ ନିର୍ଦ୍ଦିଷ୍ଟ ଏକ ଖବର କାଗଜରେ ଖବର ପ୍ରକାଶ ପାଇଛି। ଏହାକୁ ନେଇ ସରପଞ୍ଚ ନିରୁପମା ସେଠୀ କ୍ଷୋଭ ପ୍ରକାଶ କରିବା ସହ ମୋ ସ୍ୱାମୀ କୌଣସି ଠିକାକାମ କରୁନଥିବା ଓ ଉକ୍ତ ପୋଖରୀ ଖନନ କାମରେ ଦୈନିକ ଶହେରୁ ଅଧିକ ଶ୍ରମିକ ନିୟୋଜିତ ରହିଛନ୍ତି ଏବଂ ଉକ୍ତ କାର୍ଯ୍ୟକୁ ବିଭାଗ ସମ୍ପାଦନ କରୁଥିବା ବେଳେ କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ଉପସ୍ଥିତିରେ କାର୍ଯ୍ୟ ହେଉଛି। ପ୍ରାୟ ୧୧ ଏକର ବିଶିଷ୍ଟ ଏହି ସାଗର ରହିଥିବାବେଳେ ଏହାର ଉନ୍ନତି ନିମନ୍ତେ ୫ ଲକ୍ଷ ଟଙ୍କା ଅଟକଳମୂଲ୍ୟ ରହିଛି। ପାଞ୍ଚ ଲକ୍ଷ ଟଙ୍କାରେ ଯେତିକି ମାଟି ଖନନ ହେବା ତାହା ସମ୍ପୂର୍ଣ୍ଣ କରାଯିବ, କାମରେ କୌଣସି ମନମାନି କରାଯାଇଉ ନାହିଁ ମୁଁ ନିଜେ ମଧ୍ୟ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉତ୍ସାହିତ କରି ଆସୁଛି। ପୋଖରୀର ସିମା ନିର୍ଦ୍ଧାରିତ ହୋଇଛି, ଯେତିକି ଅନୁପାତ ରହିଛି ସେହିଁ ଅନୁସାରେ କାମ କରାଯିବ, କୌଣସି ମନମାନି କାମରେ କରାଯାଉ ନାହିଁ, ଯେଉଁ ଶ୍ରମିକ ମାନେ କାମରେ ନିୟୋଜିତ ରହିଛନ୍ତି ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାରେ ପାରିଶ୍ରମିକ ପାଉଣା ଡିବିଟି ମାଧ୍ୟମରେ ଯିବ। ଏଥିରେ ଟଙ୍କା ହଡ଼ପ ହେବାର କୌଣସି ସମ୍ଭବ ନାହିଁ। ଶ୍ରମିକ ଟଙ୍କଧର ବଲାନ, କାମେ ରାଉତ, ଜୟଶ୍ରୀ ବଲାନ, ରାଧା ବଲାନ, ଚିକେଶ୍ୱର ରାଉତ, ଚନ୍ଦ୍ରିକା ରାଉତ, ଗିରି ଦଳପତି, ବିମଳେ ଦଳପତି, ଉଦେ ଝାଙ୍କର, ମିଥିଲା ଝାଙ୍କର, ନରେନ୍ଦ୍ର ରାଉତ, ଜୟନ୍ତୀ ରାଉତ, କୁମର ରାଉତ, ସାବିତ୍ରୀ ରାଉତ, ପିତାମ୍ବର ଝାଙ୍କର, ନୀଳା ଝାଙ୍କର ସମେତ ଶହାଧିକ ଶ୍ରମିକ କାମରେ ନିୟୋଜିତ ରହିଛନ୍ତି। ତେଣୁ ବରାଡଙ୍ଗା ପଞ୍ଚାୟତ କିମ୍ବା ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଯଥାରେ ବଦନାମ କରା ନଯାଉ ବୋଲି କହିବା ସହ ଆଗକୁ ଏଭଳି ଖବର ପ୍ରକାଶ କରିବାରୁ ବିରତି ରହିବାକୁ ମଧ୍ୟ ସରପଞ୍ଚ କହିଛନ୍ତି।

## ଜିଲ୍ଲା ସାଥୀ ୟୁନିଟ୍ ବୈଠକ

**ଜଗତସିଂହପୁର,୨୫।୫(ସଂଚାର ବ୍ୟୁର):** ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲାର ଅସହାୟ ଶିଶୁଙ୍କ ଆଧାର କାର୍ଡ ପଞ୍ଜୀକରଣ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ସାଥି ନାମକ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟମାନଙ୍କୁ ନେଇ ଆଭାସୀ ମାଧ୍ୟମରେ ରବିବାର ଏକ ବୈଠକ ଆୟୋଜିତ ହୋଇଯାଇଛି। ଆଇନ ସେବା ପ୍ରାଧୀକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପ ଆରକ୍ଷୀ ଅଧିକ୍ଷକ, ସମସ୍ତ ତହସିଲଦାର, ଶିଶୁ ଆଶ୍ରମର କର୍ମକର୍ତ୍ତା, ଆଇନଜୀବୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ସାଥି ନାମକ ଏହି ଅଭିଯାନ ଅନୁଯାଇ ମେ ୨୬ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ୧୮ ବର୍ଷ ବୟସରୁ କମ୍ ଯେଉଁ ଶିଶୁମାନେ ଆଧାର କାର୍ଡରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବା ସହ ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ମାଧ୍ୟମରେ ଆଧାର ପଞ୍ଜୀକରଣ କରାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରଚେଷ୍ଟାରେ ଏହି ଅଭିଯାନର ସଫଳ ରୂପାୟନ ହୋଇପାରିବ ବୋଲି ସଚିବ କହିଥିଲେ। ଯଦି କୌଣସି ଏପରି ଅସହାୟ ଶିଶୁ ଆଧାର କାର୍ଡରୁ ବଞ୍ଚିତ ହୋଇଛନ୍ତି ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## ସଫଳତାର ଧାରାକୁ ବଜାୟ ରଖିଲା ‘ଗ୍ଲୋବାଲ କ୍ୟାରିୟର ଏକାଡେମୀ’




**ବାଲିପାଟଣା,୨୫।୫(ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳର ଅନ୍ୟତମ ସଫଳ କୋଚିଂ ସେଣ୍ଟର ‘ଗ୍ଲୋବାଲ କ୍ୟାରିୟର ଏକାଡେମୀ’ ବିଗତ ବର୍ଷ ଗୁଡିକ ଭଳି ଚଳିତ ବର୍ଷ +୨ ପରୀକ୍ଷାରେ ମଧ୍ୟ ନିଜର ସଫଳତାର ଧାରାକୁ ବଜାୟ ରଖିଛି। ଚଳିତବର୍ଷ +୨ ବାଣିଜ୍ୟ ଓ କଳା ବିଭାଗରେ ଅନୁଷ୍ଠାନର ଫଳାଫଳ ଶତପ୍ରତିଶତ ରହିଥିବା ବେଳେ ଅନୁଷ୍ଠାନର ଛାତ୍ରୀ ଯଶସ୍ୱିନୀ ନନ୍ଦ ୫୨୯ ନମ୍ବର ରଖି ଶିଶୁ ଅନନ୍ତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି। +୨ ବାଣିଜ୍ୟ ବିଭାଗରେ ଅନୁଷ୍ଠାନର ମୋଟ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି କଳା ବିଭାଗରେ ମୋଟ ୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ପ୍ରଥମ ଶ୍ରେଣୀ, ୨୮ ଜଣ ଦ୍ୱିତୀୟ ଶ୍ରେଣୀ, ୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏସି କ୍ଲାସ ରୁମ୍ ସହ ଲାଇବ୍ରେରୀ, ଉନ୍ନତମାନର ଶିକ୍ଷାଦାନ ହିଁ ପରୀକ୍ଷାରେ କୃତକାର୍ଯ୍ୟ ହେବାରୁ ସହାୟକ ହୋଇଥିବା କହିଛନ୍ତି ବାଣିଜ୍ୟ ଟପ୍ପର ଛାତ୍ରୀ ଯଶସ୍ୱିନୀ ନନ୍ଦ। ସେହିଭଳି ଏହି ଅନୁଷ୍ଠାନର ସ୍ୱତନ୍ତ୍ରତା ହେଉଛି ଏଠାରେ ଛାତ୍ରଛାତ୍ରୀ ମାନଙ୍କୁ +୨ ଶିକ୍ଷାଦାନ ସହିତ ପିଲାମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଓ ବୃତ୍ତିଗତ ଶିକ୍ଷା ମଧ୍ୟ ପ୍ରଦାନରେ ପ୍ରାଥମିକତା ଦିଆଯାଉଛି ବୋଲି ଅନୁଷ୍ଠାନର ମୁଖ୍ୟ ସୁଦର୍ଶନ ସାହୁ କହିଛନ୍ତି। ତେବେ ଆଜି ଅନୁଷ୍ଠାନ ପକ୍ଷରୁ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରଶାନ୍ତ କୁମାର ପଣ୍ଡା, ଶତ୍ରୁଘ୍ନ ଦାଶ, ସୁଜାତା ସାହୁ, ନିରଞ୍ଜନ ମାଟି, ସୁବର୍ଣ୍ଣା ରାଉତରାୟ, ସୁକାନ୍ତ କୁମାର ବାରିକ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବିଧାୟକଙ୍କ ବ୍ୟାସନଗର କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ‘ମନ କୀ ବାତ୍’ କାର୍ଯ୍ୟକ୍ରମ



**ଯାଜପୁରରୋଡ଼,୨୫।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରରେ କୋରେଇ ବିଧାୟକ ଆକାଶ ଦାସନାୟକ’ଙ୍କ କାର୍ଯ୍ୟାଳୟରେ ଆଜି ବିଜେପିର ବ୍ୟାସଦେବ ମଣ୍ଡଳର କର୍ମୀ, କାର୍ଯ୍ୟକର୍ତ୍ତା, ଜନସାଧାରଣ ଓ ବିଭିନ୍ନ କ୍ଷେତ୍ରର ନେତାଗଣ ମାନେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଏଲିଡି ମାଧ୍ୟମରେ ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ ଦେଶ ଉଦ୍ଦେଶ୍ୟରେ କହିଥିବା ଜନହିତକର ବାର୍ତ୍ତାକୁ ଶୁଣି ଖୁସି ଅନୁଭବ କରିଛନ୍ତି। ଏଥିରେ ମଣ୍ଡଳୀ ସଭାପତି ଶ୍ରୀ ଅଚ୍ୟୁତାନନ୍ଦ ଦାସ, ଶିଶିର କୁମାର ରାଉତ, ଦିପ୍ତିମୟୀ କୁଅଁର, ଇତିଶ୍ରୀ ନାୟକ, ଅଶୋକ ବାରିକ, ଜିତେନ୍ଦ୍ର ବେହୁରା, ପ୍ରଶାନ୍ତ ବୋଇତେଇ, ପ୍ରମୁଖ’ଙ୍କ ସମେତ ପୌରାଅଞ୍ଚଳ ସହରର ୨୬ ଗୋଟି ୱାର୍ଡର ବୁଥ ସ୍ଥରର ନେତା, କାର୍ଯ୍ୟ କର୍ତ୍ତାମାନେ ମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣ, ଯୁବଗୋଷ୍ଠୀ, ବିଜେପି କାର୍ଯ୍ୟକର୍ତ୍ତା, କର୍ମିମାନଙ୍କୁ ବିଧାୟକ ଶ୍ରୀ ଦାସନାୟକ ଧନ୍ୟବାଦ୍ ଜଣାଇଥିଲେ।

## ବନ ବିଭାଗର ଚଢ଼ାଉ, ବନ୍ଧୁକ ସହ ୫ଶିକାରୀ ଗିରଫ



**ନୀଳଗିରି,୨୫।୫(ସଂଚାର ବ୍ୟୁର):** ବାଲେଶ୍ୱର ଜିଲ୍ଲା ନୀଳଗିରି କୂଳଡିହା ଅଭୟାରଣ୍ୟ ଚେମଚଟା ବିଟ ଅଞ୍ଚଳରେ ଅତର୍କିତ ଚଢ଼ାଉକରି ୫ଜଣ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି କୁଳଡିହା ବନବିଭାଗ। ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ବନ୍ଧୁକ, ବନ୍ଧୁକ ପାଉଡର, ଦୁଇଟି ଧନୁ, ୬ଟି ତୀର, ଗୋଟିଏ କୁଟାରି ଶିଙ୍ଗ, ୩ଟି ତାରରେ ନିର୍ମିତ ଫାଶ ଜବତ କରାଯାଇଛି।ଜଙ୍ଗଲରେ ପଶୁଜନ୍ତୁଙ୍କ ଗତିବିଧି ଏବଂ ଶିକାରୀଙ୍କ ଗତିବିଧି ଉପରେ ଲକ୍ଷ୍ୟ କରାଯିବାପାଇଁ ଲଗାଯାଇଥିବା ୧୫ଟି ଟ୍ରାପ କ୍ୟାମେରା ଚୋରୀରେ ସଂପୃକ୍ତି ଥିବା ନେଇ ଅନ୍ୟଏକ ଗୁପ୍ତ କ୍ୟାମେରା ସାହାଯ୍ୟରେ ଉତ୍ତୋଳନ କରାଯାଇଥିବା ଫୋଟ ଆଧାରରେ ଚିହ୍ନଟ କରି ସମସ୍ତ ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଥିବା କୁଳଡିହା ରେଞ୍ଜର ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ଗିରଫ ଶିକାରୀ ହେଲେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଦରଖୋଳି ନିକଟସ୍ଥ ନରସିଂଶିଲା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା (୨୧), ଗୋପି ହୋ, ମୋଦିଚୁଆ ଗ୍ରାମର ହାଡ଼ିଆ ଭଦ୍ରା(୨୭), ଏବଂ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବାଗଦଫା ଗୌରଚନ୍ଦ୍ରପୁରର ସେଲାଏ ଗିଲୁଆ। ତେବେ କୁଳଡିହାକୁ ଶିକାରୀମୁକ୍ତ କରିବା ପାଇଁ ଏଭଳି ଅଭିଯାନ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ଏସିଏଫ୍ ଶ୍ରୀଯୁକ୍ତ ବେହେରା ସୂଚନା ଦେଇଛନ୍ତି।

## ସାଂସଦଙ୍କ ଟୋଲବ୍ରାହ୍ମଣୀ ପରିଦର୍ଶନ



**ନର୍ଲା,୨୫।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ରବିବାର ଦିନ ନର୍ଲା ବ୍ଲକ ଟୋଲବ୍ରାହ୍ମଣୀ ସ୍ଥିତ ସିଦ୍ଧ ରତ୍ନ କୁଟିର ମହିମା ଆଶ୍ରମ ପରିଦର୍ଶନ କରିଛନ୍ତି। ଆଶ୍ରମର ସୁନ୍ଦର ଓ ଆଧ୍ୟାତ୍ମିକ ପରିବେଶ ଦେଖି ସେ ଖୁସି ବ୍ୟକ୍ତ କରିଥିଲେ। ଆଶ୍ରମର ଉଦ୍ୟୋକ୍ତା ବୈଦ୍ୟରାଜ ପବିତ୍ର ଶବରଙ୍କ ସହ ସେ ଆଲୋଚନା କରିବା ସହ ଅଞ୍ଚଳର ଜନ ସାଧାରଣଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ସମୟରେ ଆଶ୍ରମରେ ବ୍ରହ୍ମ ଅବଧୂତ ଭଗବାନ ବାବା ଓ ସାଧୁ ସଦାନନ୍ଦ ଦାସଙ୍କ ସହ ଅନେକ ସାଧୁସନ୍ଥ ଓ ମହିମା ଧର୍ମାବଲମ୍ବୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଜନତାଙ୍କ ସହ ସାଂସଦ ଭାବ ବିନିମୟ କରିଥିଲେ। ଆଗାମୀ ଦିନରେ ସମସ୍ୟା ସମୁହର ସୁସମାଧାନ କରାଯିବ ବୋଲି ସାଂସଦ ଶ୍ରୀମତୀ ଦେଓ କହିଛନ୍ତି। ସାଂସଦଙ୍କ ଏହି ପରିଦର୍ଶନ ସମୟରେ ବିଜେପି ରାଜ୍ୟ ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ଭୋଇ, ବରିଷ୍ଠ ବିଜେପି ନେତା ଖଗେନ୍ଦ୍ର ଭୋଇ, କଳାହାଣ୍ଡି ଜିଲ୍ଲା ବିଜେପି ଏସଟି ମହିଳା ମୋର୍ଚ୍ଚା ସମ୍ପାଦିକା ରିନା ଭୋଇ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ସମିତି ସଭ୍ୟ ଭାସ୍କର ଭୋଇ, ସିଦ୍ଧ ରତ୍ନ କୁଟିରର କାର୍ଯ୍ୟକର୍ତ୍ତା ଚନ୍ଦ୍ର ଶେଖର ଶବର, ପଦ୍ମ ଶବର, ବିଜେପି ନେତୃତ୍ୱ ନିଳାଞ୍ଚଳ ସିଂ ଠାକୁର, ବସନ୍ତ ତାଣ୍ଡି, ଭଜରାଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

**ବ୍ରହ୍ମପୁର,୨୫।୫(ସଂଚାର ବ୍ୟୁରୋ):** ଘର ଭିତରୁ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ଗଞ୍ଜାମ ଜିଲ୍ଲା ଆସିକା-ଧରାକୋଟ ଥାନା ପୋଡ଼ାପଲ୍ଲୀ ଗାଁରୁ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ଜଣଙ୍କ ହେଲେ କବିସୂର୍ଯ୍ୟନଗର ଥାନା ବାଲ୍ୟସରା ଗାଁର ସୀମାଞ୍ଚଳ ପୋଲାଇ। ଖବର ଅନୁଯାୟୀ, ସୀମାଞ୍ଚଳ ଜଣେ ରାଜମିସ୍ତ୍ରୀ ଥିଲେ। କଣ୍ଟ୍ରାକ୍ଟର ନେଇ ବିଭିନ୍ନ ଘର କାମ କରୁଥିଲେ। ଗତ କିଛି ଦିନ ଧରି ଧରାକୋଟ ପୋଡାପଲିର ପଙ୍କଜ ପ୍ରଧାନଙ୍କ କବିସୂର୍ଯ୍ୟନଗର ସ୍ଥିତ ଭଉଣୀଙ୍କ ଘର କାମ କରୁଥିବା ବେଳେ ପଙ୍କଜ ପ୍ରଧାନ ସେମାନଙ୍କ ପାରିଶ୍ରମିକ ଟଙ୍କା ନେଣ ଦେଣ କରିବା ସହ ସମସ୍ତ କଥା ବୁଝୁଥିଲେ। ସେଥିପାଇଁ ଶନିବାର ସେ ପୋଡାପଲି ପଙ୍କଜ ପ୍ରଧାନଙ୍କ ଘରକୁ ପାରିଶ୍ରମିକ ଟଙ୍କା ମାଗିବାକୁ ଯାଇଥିଲେ। ସେଠାରେ ତାଙ୍କର ଝୁଲନ୍ତା ମୃତଦେହ ଝୁଲୁଥିବାର ଦେଖିବାକୁ ମିଳିଥିଲା। ଘଟଣା ବିଷୟରେ ଘର ଲୋକେ ଜାଣିବା ପରେ ଧରାକୋଟ ଥାନାକୁ ଖବର ଦେବା ସହ ହତ୍ୟା ଅଭିଯୋଗ ଆଣିଥିଲେ। ଅଭିଯୋଗ ପରେ ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ପଠାଇଛି। ଏହାସହ ପୋଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ



**ଯାଜପୁର ରୋଡ଼,୨୫।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରରେ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଂଚର କାର୍ଯ୍ୟକାରୀ କମିଟି ବୈଠକ ଗତ ଶନିବାର ଉମାପଦା ସ୍ଥିତ ଉମାରାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶିଶିର କୁମାର ରାଉତ’ଙ୍କ ସଭା ପରିଚାଳନାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟ ବ୍ୟୟ ହିସାବ ପ୍ରଦାନ କରାଯାଇଥିଲା। ଆସନ୍ତା ଜୁନ ୨୧ ତାରିଖ ଷ୍ଟାଡିୟମ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଓ ସେହିଦିନ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ମଂଚ ସଭାପତି ବିଜୟ କୁମାର ଦାସ, ମୁଖ୍ୟ ସଂଯୋଜକ ଡକ୍ଟର ଚିନ୍ତାମଣି ପାଢ଼ୀ,କାର୍ଯ୍ୟକାରୀ ସଭାପତି ବିଏସକେ ସାମଲ, ଉପସଭାପତି ଦେବଦର୍ତ୍ତ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପ ସଭାପତି ଦୀପକ କୁମାର ପରିଡା, ସହ ସମ୍ପାଦକ ଭରତ ଚନ୍ଦ୍ର ବିଶ୍ୱାଳ , ଯୁଗ୍ମ ସମ୍ପାଦକ ପ୍ରଣବେନ୍ଦୁ ଜେନା, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ପରମେଶ୍ୱର ଜେନା, କାମଦେବ ନାୟକ, ଅଶୋକ ଦାସ,ପ୍ରକାଶ ଚକ୍ର, ଦୁର୍ବାଦଳ ବସୁ, ତଥାଗତ ବାଇ,ଦୀପକ ମାନସିଂହ, କୁଳମଣି ରାଉତ, ହୃଷିଲ ପ୍ରସାଦ,ଅମିତ ଦାସ, ଜିତେନ୍ଦ୍ର ପାଣି ପ୍ରମୁଖ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ମଂଚ ମୁଖ୍ୟ ସଂଯୋଜକ ଡ଼ଃ. ଚିନ୍ତାମଣି ପାଢ଼ୀ ବାସ୍ତୁଶାସ୍ତ୍ରରେ ପିଏଚଡି ହାସଲ କରିଥିବାରୁ ମଂଚ ତରଫରୁ ତାଙ୍କୁ ଉପସ୍ଥିତ ସଦସ୍ୟ ଉର୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କଲେଜକୁ ସରକାରୀ ମାନ୍ୟତା ଦାବିରେ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ସୁବର୍ଣ୍ଣପୁର,୨୫।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସର୍ବପୁରାତନ କଲେଜ ସୋନପୁର ମହାବିଦ୍ୟାଳୟ ଗଠନର ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପରେ ମଧ୍ୟ ସରକାରୀ ମାନ୍ୟତା ପାଇ ପାରିନାହିଁ। ଏଥିପାଇଁ ପ୍ରଶାସନିକ ଉଦାସୀନତା ତଥା ରାଜନୈତିକ ଇଚ୍ଛାଶକ୍ତିକୁ ସାଧାରଣରେ ଦାୟୀ କରାଯାଉଛି। ୧୯୬୪ ମସିହାରେ ଗଠିତ ଏହି ମହାବିଦ୍ୟାଳୟକୁ ଏବେ ସରକାରୀ ମାନ୍ୟତା ପ୍ରଦାନ ଦାବିରେ କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ସଂଘ ଅଣ୍ଟା ଭିଡ଼ିଛି। ଆଜି ସୋନପୁର ମହାବିଦ୍ୟାଳୟ ପରିସରରେ ପୂର୍ବତନ ସଭାପତି ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରଛାତ୍ରୀଙ୍କ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କାର୍ଯ୍ୟକାରିଣୀ ସମିତି ଗଠିତ ହୋଇଥିଲା। ସଭାପତି ଭାବେ ଶ୍ରୀ ରଥ ପୁନଃ ମନୋନୀତ ହୋଇଥିଲେ, ଉପସଭାପତି ଗତିକୃଷ୍ଣ ମିଶ୍ର, ସାଧାରଣ ସମ୍ପାଦକ ଭାରତଭୂଷଣ ଦାସ, ସହ ସମ୍ପାଦକ ସରୋଜ କୁମାର ପ୍ରଧାନ ଓ ବିଶ୍ୱବିର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱରଂଜନ ପୂଜାରୀଙ୍କୁ ମନୋନୀତ କରାଯାଇଛି। ଆବାହକ ଭାବେ ସୁଦାମ ଚରଣ ମିଶ୍ର। ଏହା ସହ ଏକ ୧୦ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହିତ ୬ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମନୋନୀତ କରାଯାଇଛି। ଏଥିରେ ଉପଦେଷ୍ଟା କମିଟି, ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ, ସମ୍ମାନନୀୟ ସଭ୍ୟ, ଅର୍ଥନୈତିକ ପ୍ୟାପାର, ସ୍ୱତନ୍ତ୍ରକାର୍ଯ୍ୟଶକ୍ତି, ମହିଳା, ଆଇନ ପରାମର୍ଶ ଆଦି ବିଭିନ୍ନ ଉପ କମିଟି ଗଠନ କରାଯାଇଥିଲା। ଏଥିରେ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ତଥା କଲେଜର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ଆଲୋଚନା ହୋଇଥିଲା। ଏହି ସଭାକୁ ପୂର୍ବତନ ଛାତ୍ର ନେତା ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ଶେଷରେ ନବନିଯୁକ୍ତ ସାଧାରଣ ସମ୍ପାଦକ ଭାରତଭୂଷଣ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ପିଇବା ପାଣି ଯୋଗାଣ ସମସ୍ୟା ସମାଧାନ ପାଇଁ ପ୍ରଶାସନର ସମ୍ବେଦନଶୀଳତା

- ତ୍ୱରିତ ଆଶୁ ପଦକ୍ଷେପ ନେଇ ହେଲା ଜରୁରୀ ସିଦ୍ଧାନ୍ତ



**ସୁବର୍ଣ୍ଣପୁର,୨୫।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ ଙ୍କ ପୌରାହିତ୍ୟ ରେ ବିଭିନ୍ନ ଗ୍ରାମର ପିଇବା ପାଣି ସମସ୍ୟା ଓ ସମାଧାନ ପାଇଁ ଏକ ଜରୁରୀ ବୈଠକ ବୈଠକ ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜଳ କ୍ଲିଷ୍ଟ ଗ୍ରାମବାସୀ ଙ୍କ ମତାମତ କୁ ଭିତ୍ତିକରି ସରପଞ୍ଚ ଶ୍ରୀୟା କର୍ମୀ ସମ୍ବେଦନ ଶୀଳ ପ୍ରଶାସନ ଓ ତ୍ୱରିତ ଆଶୁ ପଦକ୍ଷେପ ନେଲେ ମୋ ଉଫୁଲା ପଞ୍ଚାୟତ ପିଇବା ପାଣି ଯୋଗାଣ ସମ୍ଭବ ବୋଲି କହିଛନ୍ତି। କମଳ ପୁର ପାଇପ ଜଳ ଯୋଗାଣ ଦଳିତ ବସ୍ତି ସମେତ ସମସ୍ତ ପଦା କୁ ପହଞ୍ଚାଇ ବାକୁ ହେଲେ ୫ ଗୋଟି ୩ ଇଞ୍ଚ ଭଲଭ ଲଗାଇବା, ସମସ୍ତ ୩୬ ଗୋଟି ଷ୍ଟାଣ୍ଡ ପୋଷ୍ଟ ରେ ଟେପ ସଂଯୋଗ, ୩ଘଣ୍ଟା ମୂଳ ସୋର୍ସ ରୁ ୨୦ ଏଚ ପି ନୂତନ ମଟର ପମ୍ପ ଲାଗିବା, ଲାଗିଥିବା ମଟର ପମ୍ପ ଉପଯୁକ୍ତ ପରିମାଣ ପାଣି ଯୋଗାଣ ରେ ତ୍ରୁଟି ଥିବାରୁ ଅପସରଣ ନେଇ ପମ୍ପ ଡ୍ରାଇଭର ତଥା ଏସ ଇ ଏମ ଓ ୱାର୍ଡ ମେମ୍ବର ମାନେ ଦାବୀ କରି ଥିଲେ। କାନ ପୁର ପାଇପ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ ରଙ୍ଗ କାମ ସାରି ହସ୍ତାନ୍ତରଣ, ଫାଟି ଥିବା ପାଇପ ଓ ଷ୍ଟାଣ୍ଡ ପୋଷ୍ଟ ରେ ଆବଶ୍ୟକତା ଅନୁସାରେ ଟେପ ସଂଯୋଗ ନେଇ ଆଲୋଚନା ହୋଇଥିଲା। ଉଫୁଲା ରେ ନୂତନ ଭାବେ ଖୋଲା ଯାଇଥିବା ଇନ ଟେକ ୱେଲ ରୁ ପାଇପ ଜଳଯୋଗାଣ, ନୂତନ ଟ୍ରାନ୍ସଫରମର ବିଦ୍ୟୁତ ଲାଇନ ସଂଯୋଗ, ପମ୍ପ ହାଉସ ହସ୍ତାନ୍ତରଣ, ନୂତନ ମଟର ପମ୍ପ ୭.୫ ଏଚ ପି ର ଲଗାଇବା, ଷ୍ଟାଣ୍ଡ ପୋଷ୍ଟ ଟେପ ସଂଯୋଗ, ଫାଟିଥିବା ପାଇପ ମରାମତି, ହିଲୁଙ୍ଗ ଗ୍ରାମ ପଞ୍ଚାୟତ ଠାରୁ ରଣା ପାଲି ପାଇପ ଜଳ ଯୋଗାଣ ବିଦ୍ୟୁତ ଶୁଳ୍କ ଅଂଶ ଆଣିବା ଓ ଗୁନି ପଡ଼ା ପାଇପ ଜଳ ଯୋଗାଣ ପାଇଁ ଚମ୍ପମାଳ ପଞ୍ଚାୟତ କୁ ବିଦ୍ୟୁତ ଶୁଳ୍କ ଅଂଶ ପ୍ରଦାନ ଓ ଚମ୍ପକ୍ଷମାଲ ଅଭରହେଡ଼ ଟେଂକ ରୁ ତାଙ୍ଗାରସାହି ପଥର ଟାଙ୍ଗର ବାସୀ ଙ୍କୁ ଦୈନିକ ସାର୍ବନିମ୍ନ ୧ ଘଣ୍ଟା ଜଳଯୋଗାଣ ଉପରେ ପମ୍ପ -ଡ୍ରାଇଭର କିଶୋର ଭୋଇ, ୱାର୍ଡ ସଭ୍ୟ ମିନତୀ ଭୋଇ, ରୁକସନା ବିବି, ଉପସ୍ଥିତ ଗ୍ରାମବାସୀ ଦାବୀ କରି ଥିଲେ। ଟିଠି ପାଲି, ରଥ ପୁର ପାଇପ ଜଳଯୋଗାଣ ପ୍ରକଳ୍ପ ସବୁ ପଡା କୁ ପାଇପ ବିଛାଇବା ଓ ଉଫୁଲା ଗ୍ରାମ ପଞ୍ଚାୟତ କୁ ହସ୍ତାନ୍ତରଣ ନେଇ ଉପସ୍ଥିତ ଗ୍ରାମବାସୀ ଓ ୱାର୍ଡ ମେମ୍ବର ଦାବୀ କରିଥିଲେ।

## ମୈଥାନ ଇସ୍ପାତରେ ଦୁର୍ଘଟଣା, କୋଇଲାତଳେ ପୋତିହୋଇ ଚାଳକ ମୃତ



**କଳିଙ୍ଗନଗର,୨୫।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଥାନା ଅନ୍ତର୍ଗତ ମୈଥାନ ଇସ୍ପାତ କାରଖାନାରେ ଅଘଟଣ, କୋଇଲା ଷ୍ଟକ୍ ୟାର୍ଡରେ ଓଲଟିଲା ହାଓ୍ୱା। କୋଇଲା ଖଲାସ ବେଳେ ଘଟିଲା ଦୁର୍ଘଟଣା, ହାଓ୍ୱା ଚାଳକ ମୃତ, ଦାନଗଦି ମେଡିକାଲରେ ଚାଳକ ଙ୍କୁ ମୃତ ଘୋଷଣା କଲେ ଡାକ୍ତର, ମୃତ ଚାଳକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ସାରବେଣୀ ଅଞ୍ଚଳର ସୋରେନ ମହାନ୍ତ (୩୮)। ଏହି ଦୁର୍ଘଟଣା ରେ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ କହିଛନ୍ତି ଆଜି ସକାଳ ୧୦ ଟା ସମୟରେ ସେ ଫୋନ କରିଥିଲେ ତାଙ୍କ ଫୋନ ରିସିଭ ହେଉଥିଲା, କିଛି ସମୟ ପରେ ବ୍ୟସ୍ତ ଥିବା କହିଲା ଗାଡି ମାଲିକ ଙ୍କୁ ଫୋନ କରିବାରୁ ସେ କହିଲେ ବୁଝିକି କହୁଛି ତାପରେ ସେ ଆଉ ଫୋନ ରିସିଭ କଲେ ନାହିଁ, ତାଙ୍କ ସାଙ୍ଗ କୁ ଫୋନ କରିବାରୁ ସେ କହିଲେ ତମ ସ୍ୱାମୀ କୋଇଲା ରେ ପୋତି ହୋଇ ଯାଇ ଚେତା ଶୂନ୍ୟ ହୋଇଯାଇନ୍ତି ତମେ ମେଡିକାଲ ଆସ, ତେଣୁ ଆମକୁ ସନ୍ଦେହ ହେଉଛି ଏହାର ସତ୍ୟା ସତ୍ୟ ତଦନ୍ତ ହେଉ ଓ ମୁଁ ଗରିବ ଲୋକ ମୋର ଗୋଟେ ଝିଅ ଓ ଗୋଟେ ପୁଅ ସେମାନଙ୍କୁ କିପରି ପୋଷିବି, ତେଣୁ କ୍ଷତି ପୂରଣ ସହ ମୋତେ ଗୋଟେ ଚାକିରୀ ଦିଆଯାଉ, କୋଇଲା ପରିବହନ କରୁଥିବା ଠିକାଦାର ସ୍ଥାନୀୟ ଅଞ୍ଚଳ ର ମାନପୁର ପ୍ଲଟ ରୁ କୋଇଲା ଲୋଡ଼ିଙ୍ଗ ହୋଇ ମୈଥାନ ଯାଉଥିବା ବେଳେ ମାଲିକ ସ୍ଥାନୀୟ ଅଞ୍ଚଳ ର ହୋଇଥିବା ଜଣା ପଡ଼ିଛି, ଯଖପୁରା ପୋଲିସ ଶବ ବ୍ୟବେଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରି ଦ୍ୱାରା ଘଟଣାର ତଦନ୍ତ ଜାରୀ ରଖିଛି ।